


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

ଯା ଦେବୀ ସର୍ବଭୂତେଷୁ...

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ❑ ଶନିବାର ୧୦ ଅକ୍ଟୋବର ୨୦୨୬ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SATURDAY 10 October 2026
Vol.No. 36 ■ No.266 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ପ୍ରକାଶ ପାଇଲା
ସାଗରିକା
(ରଥ ସଂଖ୍ୟା)
ଡିଜିଟାଲ ଫର୍ମାଟରେ
ମଧ୍ୟ ଉପଲବ୍ଧ...
ପ୍ରାପ୍ତିସ୍ଥାନ: ନଲେଜ ସେଣ୍ଟର, ବସନ୍ତଖଣ୍ଡ ସାମ୍ନା, ବାଲେଶ୍ୱର
website : sagarika.in.net


## ଦିଲ୍ଲୀରେ ପୁଲିସର ଅତିରିକ୍ତ ପ୍ରତିବନ୍ଧକ ନେଇ ସୁପ୍ରିମକୋର୍ଟଙ୍କ କଡ଼ା ଟିପ୍ପଣୀ: ମାଛି ମାରିବାକୁ ହାତୁଡ଼ିର ବ୍ୟବସ୍ଥା କ'ଣ ଦରକାର



ନୂଆଦିଲ୍ଲୀ,୦୯/୧୦ : କକରୋଚ୍ ଜନତା ପାର୍ଟିର ଶନିବାର ହେବାକୁ ଥିବା ପ୍ରଦର୍ଶନକୁ ନେଇ ଅତ୍ୟଧିକ କଠୋରତା ଦେଖାଇବା ପ୍ରସଙ୍ଗରେ ସୁପ୍ରିମକୋର୍ଟ ସରକାରଙ୍କୁ ଭର୍ତ୍ସନା କରିଛନ୍ତି। ମୁଖ୍ୟ ବିଚାରପତି ସୂର୍ଯ୍ୟକାନ୍ତ କହିଛନ୍ତି, "ଆପଣମାନଙ୍କୁ କିଛି କଥା ନିଶ୍ଚୟ ରୋକିବାକୁ ହେବ। ସେଗୁଡ଼ିକୁ ରୋକିବା ପାଇଁ ଯେତେଟା ଆବଶ୍ୟକ, ସେତେଟା ମାତ୍ର କାର୍ଯ୍ୟାନୁଷ୍ଠାନ କରନ୍ତୁ। କିନ୍ତୁ ଏହାର ଅର୍ଥ ଏମିତି ନୁହେଁ ଯେ, ମାଛି ମାରିବାକୁ ହାତୁଡ଼ି ବ୍ୟବହାର କରିବେ। ଏହି କଥା ସବୁବେଳେ ମନେ ରଖିବା ଦରକାର।" ଏହା ସହିତ କୋର୍ଟ ମେଟ୍ରୋ ବନ୍ଦ କରିବା ଆଦେଶକୁ ଖାରଜ କରିଦେଇଛନ୍ତି। ପ୍ରକୃତପକ୍ଷେ, ସିଜେପିର ଆସନ୍ତାକାଲିର ପ୍ରଦର୍ଶନକୁ ଦୃଷ୍ଟିରେ ରଖି ଆଜି ରାତି ୯ଟାରୁ ୫୭ଟି ମେଟ୍ରୋ ଷ୍ଟେସନ୍ ବନ୍ଦ ରଖିବାର ଯୋଜନା ଥିଲା। ଅନ୍ୟପଟେ, ନୂଆଦିଲ୍ଲୀ ଓ ହଜରତ ନିଜାମୁଦ୍ଦିନ ଷ୍ଟେସନ୍‌କୁ ଆସୁଥିବା ସମସ୍ତ ମେଲ୍ ଏବଂ ଏକ୍ସପ୍ରେସ୍ ଟ୍ରେନ୍ ଆସନ୍ତାକାଲି ବାତିଲ ରହିବ। ରେଳବାଇ ପକ୍ଷରୁ ଏହି ଟ୍ରେନଗୁଡ଼ିକୁ ସେମାନଙ୍କ ଆରମ୍ଭିକ ଷ୍ଟେସନ୍‌ରୁ ହିଁ ବାତିଲ କରାଯାଇଛି। କକରୋଚ୍ ଜନତା ପାର୍ଟିର ଅକ୍ଟୋବର ୧୦ରେ ଦିଲ୍ଲୀର ଜନ୍ତରମନ୍ତରରେ ପ୍ରସ୍ତାବିତ ପ୍ରଦର୍ଶନ ପୂର୍ବରୁ ହରିୟାଣାରେ କଠୋରତା ବଢ଼ାଇ ଦିଆଯାଇଛି। ପାନିପତରୁ ଦିଲ୍ଲୀ ପର୍ଯ୍ୟନ୍ତ ରେଳ ଷ୍ଟେସନଗୁଡ଼ିକ ବାହାରେ ଚେକପୋଷ୍ଟ ଲଗାଯାଇଛି। ଟିକରି, ବଦରପୁର, କାପାସହେଡ଼ା ଏବଂ ସିଂଘୁ ବର୍ଡରରେ ଯାନବାହନ ଯାଞ୍ଚ କରିବା ପରେ ହିଁ ଆଗକୁ ଯିବାକୁ ଦିଆଯାଉଛି। ପ୍ରଦର୍ଶନରେ ଯୋଗଦେବା ପାଇଁ ଦିଲ୍ଲୀ ଯାଉଥିବା ପାନିପତର କଂଗ୍ରେସର ପୂର୍ବତନ ବିଧାୟକ ବଲବୀର ବାଲ୍ମୀକିଙ୍କୁ ପୁଲିସ ରାସ୍ତାରେ ଅଟକ ରଖିଛି। ସୁପ୍ରିମକୋର୍ଟ ଆଦେଶ ଦେଇଛନ୍ତି ଯେ, ମେଟ୍ରୋ ଚଳାଚଳ ଉପରେ ସମ୍ପୂର୍ଣ୍ଣ ରୋକ ଲଗାଯାଇପାରିବ ନାହିଁ। ସାଧାରଣ ଲୋକଙ୍କୁ ଯେପରି ଅସୁବିଧା ନହୁଏ, ସେହିପରି ଭାବରେ ମେଟ୍ରୋ ଓ ଅନ୍ୟ ଟ୍ରେନ୍‌ର ଚଳାଚଳକୁ ନିୟନ୍ତ୍ରଣ କରିବା ନେଇ ଅଧିକାରୀମାନେ ବିଚାର କରିବାକୁ ପଡ଼ିବ। ଏହି ନିଷ୍ପତ୍ତି ସମ୍ପର୍କରେ ଲୋକଙ୍କୁ ଜଣାଇବା ସହ ଦିଲ୍ଲୀରେ ଯାତାୟାତ କରୁଥିବା ଲୋକମାନେ ଯେପରି ଅସୁବିଧାରେ ନପଡ଼ନ୍ତି, ସେଥିପାଇଁ ଖବରକାଗଜ ଏବଂ ୱେବସାଇଟ୍‌ରେ ମଧ ଆଡଭାଇଜରି ପ୍ରକାଶ କରିବାକୁ କୋର୍ଟ କହିଛନ୍ତି। ଆମ୍ ଆଦମୀ ପାର୍ଟିର ଜାତୀୟ ସଂଯୋଜକ ଅରବିନ୍ଦ କେଜ୍ରିୱାଲ ଶୁକ୍ରବାର କହିଛନ୍ତି ଯେ, ଅକ୍ଟୋବର ୧୦ରେ ଦିଲ୍ଲୀର ଜନ୍ତରମନ୍ତରରେ ହେବାକୁ ଥିବା ଉଚିତ ପ୍ରଦର୍ଶନରେ ସେ ନିଜ ପରିବାର ସହ ଯୋଗଦେବେ। ସେ ଦେଶବ୍ୟାପୀ ଲୋକଙ୍କୁ ବଡ଼ ସଂଖ୍ୟାରେ ପ୍ରଦର୍ଶନରେ ପହଞ୍ଚିବାକୁ ଆହ୍ୱାନ କରିଛନ୍ତି। ଜନ୍ତରମନ୍ତରରେ ସିଜେପିର ବଡ଼ ପ୍ରଦର୍ଶନର ଗୋଟିଏ ଦିନ ପୂର୍ବରୁ ଶୁକ୍ରବାର 'ଲାଲ୍ ହଟ୍ ଜନତା ପାର୍ଟି' ସହ ଜଡ଼ିତ ଲୋକମାନେ ଦିଲ୍ଲୀରେ ପ୍ରଦର୍ଶନ କରିଛନ୍ତି। ପ୍ରଦର୍ଶନକାରୀମାନେ ପୁଲିସ ଉପରେ କଥିତ ଆକ୍ରମଣ ଏବଂ ପ୍ରଧାନମନ୍ତ୍ରୀ ◆◆ପୃଷ୍ଠା ୭

## ଆସୁଛି ଆଉ ଏକ ଲଘୁଚାପ: ଅବପାତର ରୂପ ନେବ ନା ବାତ୍ୟାରେ ପରିଣତ ହେବ, ହୋଇନି ସ୍ପଷ୍ଟ



ଭୁବନେଶ୍ୱର, ୦୯/୧୦ (ନି.ପ୍ର): ଲଗାଣ ବର୍ଷା ଓ ଆସିଥିବା ବନ୍ୟା ପ୍ରଭାବରେ ଲକ୍ଷ ଲକ୍ଷ ଲୋକ ଜଳବନ୍ଦୀ ହୋଇଥିଲେ। ପାଣି ଛାଡିଥିଲେ ବି ଏପର୍ଯ୍ୟନ୍ତ ସେମାନଙ୍କ ଦୁଃଖ ଯନ୍ତ୍ରଣା ସରିନି। କାମଧନ୍ଦା ହରାଇ ଲୋକେ କ୍ଷତିରେ ଚଳୁଛନ୍ତି। ଏହାରି ଭିତରେ ପୁଣି ଡରାଇଲାଣି ଆଉ ଏକ ଲଘୁଚାପ ଆଶଙ୍କା। ଆସୁଛି ଆଉ ଏକ ଲଘୁଚାପ । ବଙ୍ଗୋପସାଗରରେ ପୁଣି ଏକ ଲଘୁଚାପ ସୃଷ୍ଟି ହେବାର ସମ୍ଭାବନା ଥିବାବେଳେ ଓଡ଼ିଶାରୁ ଦକ୍ଷିଣପଶ୍ଚିମ ମୌସୁମୀ ବାୟୁର ପ୍ରତ୍ୟାବର୍ତ୍ତନ ପ୍ରକ୍ରିୟା ମଧ ଆରମ୍ଭ ହୋଇଛି। ପାଣିପାଗର ଏହି ଦୁଇଟି ପରିବର୍ତ୍ତନକୁ ନେଇ ରାଜ୍ୟରେ ପାଣିପାଗ ଉପରେ ନଜର ରହିଛି। ଆସନ୍ତା ୧୧ ତାରିଖ ବେଳକୁ ଘୂର୍ଣ୍ଣିବଳୟ ଆଣ୍ଡାମାନ ସାଗର ଅଞ୍ଚଳକୁ ପ୍ରବେଶ କରିବାର ସମ୍ଭାବନା ରହିଛି। ଏହି ଘୂର୍ଣ୍ଣିବଳୟର ପ୍ରଭାବରେ ଆସନ୍ତା ୧୩ ତାରିଖ ବେଳକୁ ଦକ୍ଷିଣ-ପୂର୍ବ ବଙ୍ଗୋପସାଗରରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇପାରେ। ଥାଇଲ୍ୟାଣ୍ଡ ଉପସାଗର ଏବଂ ଏହାର ଆଖପାଖ ଅଞ୍ଚଳରେ ଏକ ଘୂର୍ଣ୍ଣିବଳୟ ସକ୍ରିୟ ରହିଛି। ଏହା ସମୁଦ୍ର ପତ୍ତନଠାରୁ ପ୍ରାୟ ୭.୬ କିଲୋମିଟର ଉଚ୍ଚତା ପର୍ଯ୍ୟନ୍ତ ବ୍ୟାପିଛି। ◆◆ପୃଷ୍ଠା ୭

## ପୁଣି ଚର୍ଚ୍ଚାରେ ଓଡ଼ିଶା ପୁଲିସ ସବ୍-ଇନ୍ସପେକ୍ଟର ପରୀକ୍ଷା କେଲେଙ୍କାରୀ: ଏଣ୍ଟ୍ରି ମାରିଲା ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ

ଭୁବନେଶ୍ୱର, ୦୯/୧୦ (ନି.ପ୍ର): ଖାକି ପିନ୍ଧିବାର ସ୍ୱପ୍ନ ଦେଖିଥିଲେ ହଜାର ହଜାର ଯୁବକ। କିନ୍ତୁ ଓଡ଼ିଶା ପୁଲିସ ସବ୍-ଇନ୍ସପେକ୍ଟର ନିଯୁକ୍ତି ପରୀକ୍ଷାରେ ବଡ଼ ଧରରଣ ଜାଲିଆତି ସାମନାକୁ ଆସିବା ପରେ ସବୁକିଛି ଓଲଟପାଲଟ ହୋଇଯାଇଛି। ହଜାର ଚାକିରି ଆଶାୟୀଙ୍କ ସ୍ୱପ୍ନ ଭାଂଗି ଯାଇଛି। କିନ୍ତୁ ଏପର୍ଯ୍ୟନ୍ତ କେଲେଙ୍କାରୀର ଅସଲ କାର୍ପଟଦାର ପାଖରେ ପହଞ୍ଚି ପାରିନାହାନ୍ତି ତଦନ୍ତକାରୀ ସଂସ୍ଥା। ଏବେ ମାମଲାରେ ଏଣ୍ଟ୍ରି ମାରିଛି ଇଡି। ଅନ୍ୟପଟେ ନୂଆ ଏସଆଇ ନିଯୁକ୍ତି ପାଇଁ ପରୀକ୍ଷା ପାଇଁ ସମୟ ଗଡ଼ି ଗଡ଼ି ଚାଲିଛି। ଯାହାକୁ ନେଇ ବଢ଼ିବାରେ ଲାଗିଛି ସନ୍ଦେହ। ପୁଣି ଚର୍ଚ୍ଚାରେ ଓଡ଼ିଶା ପୁଲିସ୍ ସବ୍-ଇନପେକ୍ଟର ପରୀକ୍ଷା କେଲେଙ୍କାରୀ ମାମଲା । ପ୍ରଥମେ ପୁଲିସ୍, ତାପରେ କ୍ରାଇମବ୍ରାଂଚ ଓ ସିବିଆଇ ଚଦନ୍ତ କରୁଥିଲେ ବି କେହି କାର୍ପଟଦାରଙ୍କ ପାଖରେ ପହଞ୍ଚି ପାରିନାହାନ୍ତି। ଏହାରି ଭିତରେ ଏଣ୍ଟ୍ରି ମାରିଛି ଇଡ଼ି ◆◆ପୃଷ୍ଠା ୭

## ସରିଲା କଲେଜ ନିର୍ବାଚନ ପାଇଁ ନାମାଙ୍କନ: ଏବେ କ୍ୟାମ୍ପେନିଂରେ କମ୍ପିବ କଲେଜ




ଭୁବନେଶ୍ୱର, ୦୯/୧୦ (ନି.ପ୍ର): ଛାତ୍ର ସଂସଦ ନିର୍ବାଚନ ପାଇଁ ଦାଖଲ ହେଲା ନାମାଙ୍କନ--- ବିରାଟ ପଟୁଆରରେ ଯାଇ ପାୱାର ସୋ' କଲେ ଆଶାୟୀ ପ୍ରାର୍ଥୀ, ନାଚ, ଗୀତ ସହ ଶୋଭାଯାତ୍ରାରେ କମ୍ପିଲା କ୍ୟାମ୍ପସ୍, ପ୍ରଥମ ଥର ପାଇଁ ମତାଧିକାର ସାବ୍ୟସ୍ତ କରିବେ ସେଲ୍ଫ ଫାଇନାନ୍ସିଂ ଛାତ୍ରଛାତ୍ରୀ, ୩ଟି ବିଶ୍ୱବିଦ୍ୟାଳୟରେ ଇଲେକ୍ସନ୍ ବଦଳରେ ହେବ ସିଲେକ୍ସନ୍ ଛାତ୍ର ସଂସଦ ନିର୍ବାଚନ ପାଇଁ ଆଜି ଦାଖଲ ହୋଇଛି ନାମାଙ୍କନ। ବିରାଟ ପଟୁଆରେ ଯାଇ ପାୱାର ସୋ' କରିଛନ୍ତି ଆଶାୟୀ ପ୍ରାର୍ଥୀ। ନାଚ, ଗୀତ ସହ ଶୋଭାଯାତ୍ରାରେ କମ୍ପିଛି କ୍ୟାମ୍ପସ୍। ଆସନ୍ତାକାଲି ଚୂଡାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପାଇବା ପରେ ଜୋରସୋରରେ ଚାଲିବ କ୍ୟାମ୍ପେନିଂ। ହାତରେ ମାତ୍ର କିଛି ଦିନ ଥିବାରୁ ପିଲାଙ୍କୁ ନିଜ ଆଡକୁ ଟାଣିବାକୁ ଲାଗି ପଡ଼ିବେ ପ୍ରାର୍ଥୀ। ଛାତ୍ର ସଂସଦ ନିର୍ବାଚନ ପାଇଁ ସରିଲା ପ୍ରାର୍ଥିପତ୍ର ଦାଖଲ। ବାଣ ଫୁଟିଲା, ବାଜା ବଜିଲା। ନାଚ, ଗୀତ, ଶୋଭାଯାତ୍ରା। ନିଜ ନିଜ ସମର୍ଥକଙ୍କୁ ଧରି ଆଶାୟୀ ପ୍ରାର୍ଥୀଙ୍କ ପାୱାର ସୋ'। ବିଶାଳ ପଟୁଆରରେ ଯାଇ ଦାଖଲ କଲେ ନାମାଙ୍କନ। ଦୀର୍ଘ ୮ ବର୍ଷ ପରେ କଲେଜରେ କୋଳାହଳ। ପ୍ରଥମ ଥର ନିର୍ବାଚନ ମଇଦାନକୁ ଓହ୍ଲାଇଥିବାରୁ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବେଶ୍ ଉତ୍ସାହ। ପ୍ରାର୍ଥୀ ଓ ସମର୍ଥକଙ୍କ ଭିତରେ ଖୁସି କହିଲେ ନସରେ। ଦିନ ୧୦ଟାରୁ ଗୋଟାଏ ପର୍ଯ୍ୟନ୍ତ ନାମାଙ୍କନ ଦାଖଲ ପାଇଁ ସମୟ ସ୍ଥିର ହୋଇଥିଲା। ଆଉ ଏହି ସମୟରେ ନିର୍ବାଚନ ହେବାକୁ ଥିବା କଲେଜ ଓ ବିଶ୍ୱବିଦ୍ୟାଳୟରେ ଛାତ୍ରଛାତ୍ରୀମାନେ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ◆◆ପୃଷ୍ଠା ୭

## ଆରମ୍ଭ ହେଲା ମୁଖ୍ୟମନ୍ତ୍ରୀଙ୍କ ସୋସିଆଲ ମିଡିଆ ପାଠଶାଳା: ଲୋକସମ୍ପର୍କ ଅଧିକାରୀଙ୍କୁ ଦେଲେ ଟାକ୍ସ



ଭୁବନେଶ୍ୱର, ୦୯/୧୦ (ନି.ପ୍ର): ଓଡ଼ିଶା ସରକାରଙ୍କ ସୋସିଆଲ ମିଡିଆ ବହୁ ପଛରେ। ଫଲୋଅର୍ସ ହେଉ କି ଭିୟୁ, ଅନ୍ୟ ରାଜ୍ୟ ଆଗରେ ଥିବା ବେଳେ ଓଡ଼ିଶା ପଛରେ ଥିବା ମୁଖ୍ୟମନ୍ତ୍ରୀଙ୍କୁ ଜଣାଇଛନ୍ତି ପ୍ରଧାନମନ୍ତ୍ରୀ। ଆଉ ତାପରେ ପରେ ଆରମ୍ଭ ହୋଇଛି ମୋହନଙ୍କ ସୋସିଆଲ ମିଡିଆ ପାଠଶାଳା। ସରକାର ସାମାଜିକ ଗଣମାଧ୍ୟମ ଉପରେ ଫୋକସ୍ କରିବାକୁ ଦେଇଛନ୍ତି ରୋଡମ୍ୟାପ୍। ବର୍ତ୍ତମାନ ହେଉଛି ସୋସିଆଲ ମିଡିଆର ଯୁଗ। ଫେସବୁକ୍, ଇନଷ୍ଟା, ଏକ୍ସକୁ ଗୁରୁତ୍ୱ ଦେଉଛନ୍ତି ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର। ସୂଚନା ସେବା ଓ ସୋସିଆଲ ମିଡିଆ କ୍ଷେତ୍ରରେ ଅନ୍ୟ ରାଜ୍ୟ ତୁଳନାରେ ଓଡ଼ିଶା ବହୁ ପଛରେ ଥିବା କଥା, ଖୋଦ୍ ପ୍ରଧାନମନ୍ତ୍ରୀ ନୋଟିସ୍ କରିଛନ୍ତି। ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କୁ ଜଣାଇବା ପରେ ଆରମ୍ଭ ହୋଇଛି ସରକାରଙ୍କ ସୋସିଆଲ ମିଡିଆ ପାଠଶାଳା। ଆଜି ସୂଚନା ଓ ଲୋକସମ୍ପର୍କ ବିଭାଗର ସମୀକ୍ଷା ବୈଠକରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଲୋକ ସମ୍ପର୍କ ବିଭାଗର ଅଧିକାରୀଙ୍କ କାମ କେବଳ ପ୍ରେସ ବିଜ୍ଞପ୍ତି ଦେବା ନୁହେଁ। ସରକାର ଓ ଲୋକଙ୍କ ମଧ୍ୟରେ ଯୋଗସୂତ୍ର ସ୍ଥାପନ କରିବା ପ୍ରମୁଖ ଦାୟିତ୍ୱ। ସୋସିଆଲ ମିଡିଆରେ କୌଣସି ସୀମା ସରହଦ୍ ନାହିଁ। ଯିଏ ଯାହା ଚାହୁଁଛି, ଲେଖିଦେଉଛି ଓ ଭିଡିଓ ପୋଷ୍ଟ କରିଦେଉଛି। ◆◆ପୃଷ୍ଠା ୭

## ଅବଢ଼ା ଭଳି ଆଉ ଏକ ଯୋଜନା କରାଯିବ: ଆଇନ୍ ମନ୍ତ୍ରୀ

ଭୁବନେଶ୍ୱର, ୦୯/୧୦ (ନି.ପ୍ର): ପୁରୀର ବିକାଶ ପାଇଁ ଅବଢ଼ା ଭଳି ଆଉ ଏକ ଯୋଜନା କରାଯିବ ବୋଲି ଘୋଷଣା କରିଛନ୍ତି ଆଇନ୍ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ।ସେ କହିଛନ୍ତି ଯେ ପୁରୀର ବିକାଶ, ଜଗନ୍ନାଥ ସଂସ୍କୃତିର ପ୍ରସାର, ମନ୍ଦିରର ଉନ୍ନତି ପାଇଁ ଏକ ଯୋଜନା ହେବ। ଏନେଇ ପ୍ରକ୍ରିୟା ଆରମ୍ଭ ହୋଇସାରିଛି। ଏହାଦ୍ୱାରା ପୁରୀର ବିକାଶ ହେବ ଏବଂ ଅଧିକରୁ ଅଧିକ ଶ୍ରଦ୍ଧାଳୁଙ୍କ ଆଗମନ ହେବ ହେବ ବୋଲି କହିଛନ୍ତି ଆଇନ ମନ୍ତ୍ରୀ।

## ଭାଙ୍ଗିଲା ଆମେରିକା ଯିବା ସ୍ୱପ୍ନ: ବଡ଼ ବଡ଼ ଆଇଟି କମ୍ପାନିର ଗ୍ରୀନ୍ କାର୍ଡ ଆବେଦନ ଉପରେ ଆମେରିକାର କଟକଣା




ନୂଆଦିଲ୍ଲୀ,୦୯/୧୦ : ଆମେରିକାରେ ଚାକିରି କରୁଥିବା ବିଦେଶୀ କର୍ମଚାରୀ ତଥା ହଜାର ହଜାର ଭାରତୀୟ ଆଇଟି ପେସାଦାରଙ୍କ ଉପରେ ପୁଣି ଟ୍ରମ୍ପ୍ ସରକାରଙ୍କ କଡ଼ା ଚାବୁକ୍ ପଡ଼ିଛି । ମାଇକ୍ରୋସଫ୍ଟ, ଟିସିଏସ୍ ଏବଂ ଇନଫୋସିସ୍ ଭଳି ବଡ଼ ବଡ଼ କମ୍ପାନୀଗୁଡ଼ିକୁ ଗ୍ରୀନ୍ କାର୍ଡ ପ୍ରୋଗ୍ରାମରୁ ସାମୟିକ ଭାବେ ବାଦ୍ ଦେଇଛି ହ୍ୱାଇଟ୍ ହାଉସ୍ । ନିଜ ନାଗରିକଙ୍କ ନିଯୁକ୍ତି ସୁରକ୍ଷା ନାଁରେ ଆରମ୍ଭ ହୋଇଥିବା ଏହି ପଦକ୍ଷେପ ଏବେ ଆମେରିକାରେ ସ୍ଥାୟୀ ଭାବେ ରହିବାକୁ ସ୍ୱପ୍ନ ଦେଖୁଥିବା କର୍ମଚାରୀଙ୍କ ମନରେ ଛନକା ପଶିଛି । ଡୋନାଲ୍ଡ ଟ୍ରମ୍ପଙ୍କ ପ୍ରଶାସନ ପକ୍ଷରୁ ବଡ଼ ନିଷ୍ପତ୍ତି । ଗ୍ରୀନ୍ କାର୍ଡ ପାଇବା ପାଇଁ ଅତ୍ୟନ୍ତ ଜରୁରୀ ଥିବା 'ପର୍ମ' ପ୍ରକ୍ରିୟା ଉପରେ ରୋକ୍ । ଉପରାଷ୍ଟ୍ରପତି ଜେଡି ଭାନ୍ସ ଏହି ଘୋଷଣା କରିବା ବେଳେ ସିଧାସଳଖ ମାଇକ୍ରୋସଫ୍ଟ ଭଳି ବଡ଼ କମ୍ପାନୀର ନାଁ ନେଇଛନ୍ତି । ଏହି ତାଲିକାରେ କେବଳ ଆମେରିକୀୟ କମ୍ପାନୀ ନୁହନ୍ତି, ବରଂ ଆଡୋବି, କଗ୍ନିଜାଣ୍ଟ, କ୍ୟାପ୍‌ଜେମିନି ସମେତ ଭାରତର ପ୍ରମୁଖ ଆଇଟି ସଂସ୍ଥା ଟିସିଏସ୍, ଇନଫୋସିସ୍, ୱିପ୍ରୋ ଏବଂ ଏଚ୍‌ସିଏଲ୍ ମଧ ସାମିଲ ଅଛନ୍ତି । ବିଦେଶୀ ନାଗରିକଙ୍କ ସଂଖ୍ୟା କମାଇବା ପାଇଁ ଟ୍ରମ୍ପ୍ ପ୍ରଶାସନ ଏହି ପଦକ୍ଷେପ ନେଇଥିବା ବେଳେ, ବିଦେଶୀ କର୍ମଚାରୀଙ୍କ ଯୋଗୁଁ ଆମେରିକୀୟମାନେ ନିଯୁକ୍ତି ପାଉନାହାନ୍ତି ବୋଲି ଯୁକ୍ତି ଦର୍ଶାଯାଇଛି । ଏହି ନିଷ୍ପତ୍ତି ସମସ୍ତ ଏଚ୍-୧ବି ଭିସାଧାରୀଙ୍କ ଚାକିରି ଉପରେ ତୁରନ୍ତ ପ୍ରଭାବ ପକାଇବ ନାହିଁ ସତ, କିନ୍ତୁ ଏହି କମ୍ପାନୀଗୁଡ଼ିକରେ କାମ କରୁଥିବା ଯୋଗ୍ୟ କର୍ମଚାରୀଙ୍କ ପାଇଁ ଗ୍ରୀନ୍ କାର୍ଡ ପ୍ରକ୍ରିୟା ଏବେ ସମ୍ପୂର୍ଣ୍ଣ ଅଟକି ଯାଇଛି । ଫଳରେ ବର୍ଷ ବର୍ଷ ଧରି ପରିଶ୍ରମ କରି ଆମେରିକାରେ ସ୍ଥାୟୀ ଭାବେ ବସବାସ କରିବା ଆଶାରେ ଥିବା ହଜାର ହଜାର ଭାରତୀୟଙ୍କ ଭବିଷ୍ୟତ ଏବେ ଅନିଶ୍ଚିତତା ଭିତରକୁ ଠେଲି ହୋଇଯାଇଛି । ଏପଟେ ଆମେରିକାର ଉପରାଷ୍ଟ୍ରପତି ଜେଡି ଭାନ୍ସଙ୍କ ବିବାଦୀୟ ମନ୍ତବ୍ୟ ଏବେ ବିଶ୍ୱ ରାଜନୀତି ଓ କୂଟନୀତିରେ ◆◆ପୃଷ୍ଠା ୭

## ଦିଲ୍ଲୀରେ ୩୪ ଆଇଏଏସ୍, ଡାନିକ୍ସ ଅଧିକାରୀଙ୍କ ବଦଳି

ନୂଆଦିଲ୍ଲୀ,୦୯/୧୦ : ଦିଲ୍ଲୀ ସରକାର ଭାରତୀୟ ପ୍ରଶାସନିକ ସେବା (ଆଇଏଏସ୍) ଏବଂ ଦିଲ୍ଲୀ, ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜ ସିଭିଲ୍ ସର୍ଭିସ୍ (ଡାନିକ୍ସ) ର ୩୪ ଜଣ ଅଧିକାରୀଙ୍କୁ ସ୍ଥାନାନ୍ତର କରିଛନ୍ତି। ଦିଲ୍ଲୀ ସରକାରଙ୍କ କାର୍ମିକ ବିଭାଗ ଉପରାଜ୍ୟପାଳଙ୍କ ଅନୁମୋଦନ ସହିତ ଅକ୍ଟୋବର ୮ ତାରିଖରେ ଜାରି ହୋଇଥିବା ଏକ ଆଦେଶ ଅନୁଯାୟୀ ୩୪ ଜଣ ଅଧିକାରୀଙ୍କ ଦାୟିତ୍ୱରେ ଅଦଳବଦଳ କରିଛି। କେତେକ ବରିଷ୍ଠ ଅଧିକାରୀଙ୍କୁ ଅତିରିକ୍ତ ବିଭାଗର ଦାୟିତ୍ୱ ଦିଆଯାଇଥିବା ବେଳେ କେତେକ ଅଧିକାରୀଙ୍କୁ ସେମାନଙ୍କ ବର୍ତ୍ତମାନର ଦାୟିତ୍ୱରେ ପରିବର୍ତ୍ତନ କରାଯାଇଛି।

## ଆଜି ୨ ଦିନିଆ ଓଡ଼ିଶା ଗସ୍ତରେ ଆସିବେ ଡ.ମୋହନ ଭାଗବତ



ଭୁବନେଶ୍ୱର, ୦୯/୧୦ (ନି.ପ୍ର): ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ସରସଂଘଚାଳକ ଡ.ମୋହନ ଭାଗବତ ୨ ଦିନିଆ ଓଡିଶା ଗସ୍ତରେ ଆସି ଆସନ୍ତାକାଲି (ଶନିବାର) ଅପରାହ୍ନ ୪ ଘଟିକା ସମୟରେ ସମ୍ବଲପୁରରେ ପହଁଚିବେ । ସେ ଦୁଇ ଦିନିଆ ଓଡିଶା ପ୍ରବାସ ସାରି ଅକ୍ଟୋବର ୧୧ ତାରିଖ ଦିନ ସନ୍ଧ୍ୟାରେ ଓଡିଶାରୁ ପ୍ରତ୍ୟାବର୍ତନ କରିବେ ବୋଲି ସଂଘର ଓଡିଶା ପୂର୍ବ ପ୍ରାନ୍ତର ପ୍ରାନ୍ତ ପ୍ରଚାର ପ୍ରମୁଖ ସୁମନ୍ତ କୁମାର ପଣ୍ଡା ପ୍ରକାଶ କରିଛନ୍ତି । ଶ୍ରୀ ପଣ୍ଡା ପ୍ରକାଶ କରିଛନ୍ତି ଯେ, ୧୦ ତାରିଖ ସନ୍ଧ୍ୟା ୬:୦୦ ରୁ ୮:୦୦ ଘଟିକା ପର୍ଯ୍ୟନ୍ତ ସମ୍ବଲପୁରର ଜି.ଏମ୍. ବିଶ୍ୱବିଦ୍ୟାଳୟ ଅଡିଟୋରିୟମ ପରିସରରେ ଏକ ସ୍ୱୟଂସେବକ ଏକତ୍ରୀକରଣ କାର୍ଯ୍ୟକ୍ରମରେ ସେ ଉପସ୍ଥିତ ରହିବେ ।

# ଜୟପୁର ବ୍ଳକ ରାମଗଡ କଲୋନୀର କରୁଣ କାହାଣୀ: ଆବାସ ଅଛି କିନ୍ତୁ ଆଶ୍ରୟ ନାହିଁ

ଜୟପୁର,୦୯/୧୦ (ନି.ପ୍ର): ଘର ତିଆରି ହେଲା, ଖର୍ଚ୍ଚ ହେଲା ଲକ୍ଷ ଲକ୍ଷ ଟଙ୍କା ହେଲେ ଯେଉଁମାନଙ୍କ ପାଇଁ ଘର, ସେମାନେ ଆଜି ବି ରହୁଛନ୍ତି ପାହାଡ଼ କୋଳରେ । ୩୦ ଲକ୍ଷରୁ ଅଧିକ ଟଙ୍କାରେ ତିଆରି ହୋଇଥିବା ୨୨ଟି ଘର ଏବେ ଭଙ୍ଗାରୁଜା ହୋଇ ଖତ ଖାଉଛି । ଏହା କୌଣସି କାହାଣୀ ନୁହେଁ । ଏହା ହେଉଛି କୋରାପୁଟ ଜିଲ୍ଲା ଜୟପୁର ବ୍ଲକ ରଣ୍ଡାପାଲି ପଂଚାୟତର ରାମଗଡ଼ କଲୋନୀର ବାସ୍ତବ ଚିତ୍ର । ଘର ଅଛି ଘରେ ଜୀବନ ନାହିଁ ଏ ହେଉଛି ରାମଗଡ଼ କଲୋନୀ । ସାମ୍ନାରେ ଧାଡ଼ି ଧାଡ଼ି ପକ୍କା ଘର । କିନ୍ତୁ ଘର ଭିତରେ ନାହିଁ ଜୀବନର ଚିହ୍ନ । କେଉଁଠି କବାଟ ଭାଙ୍ଗିଗଲାଣି, କେଉଁଠି କାନ୍ଥ ଭାଙ୍ଗିଲାଣି, ଆଉ କେଉଁଠି ଘର ଚାରିପଟେ ଜଙ୍ଗଲ ମାଡ଼ିଗଲାଣି । ୨୨ଟି ଘର ୩୦ ଲକ୍ଷରୁ ଅଧିକ ଟଙ୍କା ଖର୍ଚ୍ଚ । ହେଲେ ଆଜି ଏହି ଘରଗୁଡ଼ିକ ଲୋକଙ୍କ କାମରେ ନୁହେଁ, ବରଂ ସରକାରୀ ଯୋଜନାର ବିଫଳତାର ନିରବ ସାକ୍ଷୀ ହୋଇ ଠିଆ ହୋଇଛି । ପକ୍କା ଘର ଛାଡ଼ି ପାହାଡ଼ରେ ଜୀବନ ବିତୁଛି କ୍ଷ ଯେଉଁମାନଙ୍କ ପାଇଁ ଘର ତିଆରି ହୋଇଥିଲା, ସେମାନେ ଏବେ ବି ପାହାଡ଼ ଉପରେ ରହୁଛନ୍ତି । କାରଣ ଘର ଅଛି, କିନ୍ତୁ ଘରକୁ ଯିବା ପାଇଁ ରାସ୍ତା ନାହିଁ । ପାନୀୟ ଜଳର ସୁବିଧା ନାହିଁ । ଜୀବିକାର ବ୍ୟବସ୍ଥା ନାହିଁ ।ନାହିଁ ଆବଶ୍ୟକ ମୌଳିକ ସୁବିଧା । ଏପଟେ ପାହାଡ଼ ହିଁ ସେମାନଙ୍କ ଜୀବିକାର ମୁଖ୍ୟ ଆଧାର । ତେଣୁ ପକ୍କା ଘର ମିଳିଥିଲେ ବି ନିଜ ଭିଟାମାଟି ଛାଡ଼ି କଲୋନୀକୁ ଆସିପାରିଲେ ନାହିଁ ରାମଗଡ଼ବାସୀ । ଏହି ଘରଗୁଡ଼ିକୁ ଦେଖିଲେ ଗୋଟିଏ ପ୍ରଶ୍ନ ନିଶ୍ଚିତ ଭାବେ ମନକୁ ଆସୁଛି ଘର ତିଆରି କରିଦେଲେ କ'ଣ ସରକାରୀ ଯୋଜନା ସଫଳ ହୋଇଯାଏ ? ଯଦି ଘରକୁ ଯିବାକୁ ରାସ୍ତା ନଥାଏ, ପିଇବାକୁ ପାଣି ନଥାଏ, ଆଉ ଜୀବିକାର ବ୍ୟବସ୍ଥା ନଥାଏ ତେବେ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରି ତିଆରି ହୋଇଥିବା ଘରର ଲାଭ କାହାକୁ? ଅନ୍ୟପଟେ ଏହି ଘଟଣାକୁ ନେଇ ପ୍ରଶାସନର ମଧ୍ୟ ରହିଛି ନିଜସ୍ୱ ଯୁକ୍ତି । ସ୍ଥାନୀୟ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ କହିବା ଅନୁସାରେ, ଲୋକଙ୍କୁ ଥଇଥାନ କରିବା ପାଇଁ ପୂର୍ବରୁ ଯୋଜନା ହୋଇଥିଲା । କିନ୍ତୁ, ରାମଗଡ଼ବାସୀଙ୍କ ଜୀବନଜୀବିକା ପାହାଡ଼ ଉପରେ ନିର୍ଭର କରୁଥିବାରୁ ସେମାନେ ତଳକୁ ଆସି ରହିବାକୁ ଇଚ୍ଛା କରିନଥିଲେ । ତେବେ ସମ୍ପ୍ରତି ଦୁର୍ଗମ ଅଂଚଳଗୁଡ଼ିକୁ ଯୋଗାଯୋଗ ସହ ଯୋଡ଼ିବା ପାଇଁ ପଦକ୍ଷେପ ନିଆଯାଉଛି କେବଳ ରାମଗଡ ନୁହେଁ ବର୍ତ୍ତମାନ ରାମଗଡ଼ ସହ କୁସୁମଭଟା, ସାଙ୍ଗାବାଡ଼ି, ଡେଙ୍ଗସିଲି ଭଳି ଦୁର୍ଗମ ଗାଁକୁ ମଧ୍ୟ ରାସ୍ତା ଓ ଯୋଗାଯୋଗ ସୁବିଧା ଯୋଗାଇବା କାମ ଚାଲିଛି । ଭିବି-ଜି-ରାମ-ଜି ଏବଂ 'ବିକଶିତ ଗାଁ, ବିକଶିତ ଓଡ଼ିଶା' ଭଳି ଯୋଜନାରେ ରାସ୍ତାଘାଟ ନିର୍ମାଣକୁ ଗୁରୁତ୍ୱ ଦିଆଯାଉଛି । ପ୍ରଶାସନର ଆଶା ଯୋଗାଯୋଗ ବ୍ୟବସ୍ଥା ସୁଧୁରିଲେ ଲୋକେ ସରକାରୀ ସୁବିଧାର ଲାଭ ନେଇପାରିବେ । ଏନେଇ ବିଡ଼ିଓ ଶକ୍ତି ମହାପାତ୍ରଙ୍କୁ ପଚାରିବାରୁ କହିଥିଲେ ନୂଆ ଘରକୁ ହିତାଧିକାରୀ ଯାଉଛନ୍ତି ଆସୁଛନ୍ତି ।

# ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କୁ ଆହ୍ୱାନ: 'ନେତୃତ୍ୱ ନିଅ, ନୂତନତ୍ୱ ଆଣ ଏବଂ ସୃଷ୍ଟି କର'

ଜୟପୁର,୦୯/୧୦ (ନି.ପ୍ର): ଆଜିର ଦ୍ରୁତ ପରିବର୍ତ୍ତନଶୀଳ ସମୟରେ 'ନେତୃତ୍ୱ ନେବା, ନୂତନତା ଆଣିବା ଏବଂ କିଛି ନୂଆ ସୃଷ୍ଟି କରିବା' ଛାତ୍ରଛାତ୍ରୀମାନଙ୍କର ମୁଖ୍ୟ ଲକ୍ଷ୍ୟ ହେବା ଉଚିତ୍ ବୋଲି ଭାରତ ସରକାରଙ୍କ ଶିକ୍ଷା ମନ୍ତ୍ରଣାଳୟର ଉଚ୍ଚଶିକ୍ଷା ବିଭାଗ ନିର୍ଦ୍ଦେଶକ ସୁବ୍ରତ କୁମାର ପ୍ରଧାନ କହିଛନ୍ତି। କୋରାପୁଟସ୍ଥିତ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ସହ ଆୟୋଜିତ ଏକ ଭାବବିନିମୟ କାର୍ଯ୍ୟକ୍ରମରେ ଯୋଗଦେଇ ସେ ଏହି ଆହ୍ୱାନ ଦେଇଛନ୍ତି। ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଅଜିତ କୁମାର ଶାସନୀଙ୍କ ଅଧକ୍ଷତାରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ଶିକ୍ଷା ମନ୍ତ୍ରଣାଳୟର ଉଚ୍ଚଶିକ୍ଷା ବିଭାଗ ନିର୍ଦ୍ଦେଶକ ସୁବ୍ରତ କୁମାର ପ୍ରଧାନ, ଡିନ୍ ଅଫ୍ ସ୍କୁଲ୍ସ ପ୍ରଫେସର ନୃସିଂହ ଚରଣ ପଣ୍ଡା, କୃଷି ବିଭାଗ ମୁଖ୍ୟ ଡ. ମଞ୍ଜୁଶ୍ରୀ ସିଂହଙ୍କ ସହିତ ଅନେକ ଅଧ୍ୟାପକ, ଅଧ୍ୟାପିକା ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।କୃଷି କ୍ଷେତ୍ରରେ ଆସୁଥିବା ପରିବର୍ତ୍ତନ ସମ୍ପର୍କରେ ଆଲୋଚନା କରି ଶ୍ରୀ ପ୍ରଧାନ କହିଥିଲେ ଯେ, ଆଜିର କୃଷି କେବଳ ପାରମ୍ପରିକ ଚାଷକାର୍ଯ୍ୟ ମଧ୍ୟରେ ସୀମିତ ହୋଇ ରହିନାହିଁ। ଏହା ଖାଦ୍ୟ, ପୁଷ୍ଟି, ସ୍ୱାସ୍ଥ୍ୟ, ଜଳ, ଶକ୍ତି, ପରିବେଶ, ଅର୍ଥନୀତି, ପ୍ରଯୁକ୍ତିବିଦ୍ୟା ଏବଂ ରୋଜଗାର ସମେତ ମାନବ ଜୀବନର ପ୍ରତ୍ୟେକ ଦିଗକୁ ସ୍ପର୍ଶ କରୁଛି। ଏହି କ୍ଷେତ୍ରଟି କ୍ରମାଗତ ଭାବେ ଆର୍ଟିଫିସିଆଲ୍ ଇଂଟେଲିଜେନ୍ସ, ରୋବୋଟିକ୍ସ, ଡାଟା ସାଇନ୍ସ, ପ୍ରିସିସନ୍ ଫାର୍ମିଂ ଏବଂ ବାୟୋଟେକ୍ନୋଲୋଜି ପରି ଆଧୁନିକ ଜ୍ଞାନକୌଶଳ ସହିତ ଯୋଡ଼ିହୋଇ ନୂତନ ଉଦ୍ଭାବନ ଓ ଉଦ୍ୟୋଗ ପାଇଁ ସୁଯୋଗ ସୃଷ୍ଟି କରୁଛି। କୋରାପୁଟ ଅଂଚଳର ଚାଷୀମାନେ ସମ୍ମୁଖୀନ ହେଉଥିବା ସମସ୍ୟାଗୁଡ଼ିକୁ ଚିହ୍ନଟ କରି ବୈଷୟିକ ଜ୍ଞାନକୌଶଳ ମାଧ୍ୟମରେ ସେଗୁଡ଼ିକର ସମାଧାନ ବାହାର କରିବାକୁ ସେ ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ। କେବଳ ବହିପଢ଼ାରେ ସୀମିତ ନରହି, ସିଧାସଳଖ କ୍ଷେତ୍ରସ୍ତରରେ ନିଜ ଜ୍ଞାନର ପ୍ରୟୋଗ କରିବା ସହ ସମାଜର ମଙ୍ଗଳ ପାଇଁ କାର୍ଯ୍ୟ କରିବାକୁ ସେ ପରାମର୍ଶ ଦେଇଥିଲେ।ବିଶେଷ କରି ପାରମ୍ପରିକ କୃଷି ପଦ୍ଧତି ସହିତ ଆଧୁନିକ ବୈଜ୍ଞାନିକ ଜ୍ଞାନକୌଶଳର ସମନ୍ୱୟ ରକ୍ଷା କରିବା ଉପରେ ଶ୍ରୀ ପ୍ରଧାନ ଗୁରୁତ୍ୱ ଦେଇଥିଲେ। ଅବିଭକ୍ତ କୋରାପୁଟ-ବଲାଙ୍ଗୀର-କଳାହାଣ୍ଡି ଅଂଚଳର କୃଷକମାନଙ୍କ ଆୟ ବୃଦ୍ଧି କରିବା, ସ୍ଥାନୀୟ ଫସଲରୁ ନୂଆ ଉତ୍ପାଦ ତିଆରି କରିବା ଏବଂ କେବଳ ଚାକିରି ପଛରେ ନଗୋଡ଼ାଇ ନିଜେ ଉଦ୍ୟୋଗୀ ହୋଇ ନୂତନ ନିଯୁକ୍ତି ସୃଷ୍ଟି କରିବାକୁ ସେ ଆହ୍ୱାନ ଦେଇଥିଲେ। ସ୍ଥାନୀୟ କୃଷି ସମ୍ପଦର ସଠିକ୍ ବ୍ୟବହାର, ଉତ୍ପାଦର ବିକାଶ, ମୂଲ୍ୟ ଯୋଗ, ବ୍ରାଣ୍ଡିଂ ଏବଂ ମାର୍କେଟିଂ ଦ୍ୱାରା ଏହାକୁ ଏକ ସ୍ଥାୟୀ ଅର୍ଥନୈତିକ ସୁଯୋଗରେ ପରିଣତ କରାଯାଇପାରିବ ବୋଲି ସେ ପ୍ରକାଶ କରିଥିଲେ। ଏହି ଅବସରରେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ. ଅଜିତ କୁମାର ଶଶାନୀ ଦୃଢ଼ ଶୈକ୍ଷିକ ଭିତିଭୂମି, ବହୁମୁଖୀ ଶିକ୍ଷା ଏବଂ ବ୍ୟବହାରିକ ଦକ୍ଷତାର ଆବଶ୍ୟକତା ଉପରେ ଜୋର୍ ଦେଇଥିଲେ।

# ଝାରସୁଗୁଡ଼ା ଜିଲ୍ଲାରେ 'ଓଡ଼ିଶା ବନ୍ଦ'ର ବ୍ୟାପକ ପ୍ରଭାବ ପରିଲକ୍ଷିତ

ଝାରସୁଗୁଡ଼ା,୦୯/୧୦ (ନି.ପ୍ର): କେନ୍ଦ୍ର ସରକାରଙ୍କ ଖଣି ଓ ଖଣିଜ (ସଂଶୋଧନ) ଆଇନ ପ୍ରତ୍ୟାହାର ଦାବିରେ ଗୁରୁବାର ଆହୂତ ୧୨ ଘଂଟିଆ 'ଓଡ଼ିଶା ବନ୍ଦ'ର ବ୍ୟାପକ ପ୍ରଭାବ ଝାରସୁଗୁଡ଼ା ଜିଲ୍ଲାରେ ପରିଲକ୍ଷିତ ହୋଇଛି। ଝାରସୁଗୁଡ଼ା, ବେଲପାହାଡ଼ ଓ ବ୍ରଜରାଜନଗର ସମେତ ଜିଲ୍ଲାର ବିଭିନ୍ନ ସ୍ଥାନରେ ଦୋକାନବଜାର, ବ୍ୟବସାୟିକ ପ୍ରତିଷ୍ଠାନ, ବ୍ୟାଙ୍କ ଓ ଡାକ ସେବା ବନ୍ଦ ରହିଥିଲା। ଯାତ୍ରୀବାହୀ ବସ୍ ଓ ଅନ୍ୟାନ୍ୟ ଯାନବାହନ ଚଳାଚଳ ବନ୍ଦ ରହିବାରୁ ସାଧାରଣ ଜନଜୀବନ ପ୍ରଭାବିତ ହୋଇଥିଲା। କଂଗ୍ରେସ ପକ୍ଷରୁ ଦିଆଯାଇଥିବା ଏହି ବନ୍ଦ ଡାକରାକୁ ଇଣ୍ଡିଆ ମେଂଟର ସହଯୋଗୀ ଦଳ, ବିଭିନ୍ନ ଶ୍ରମିକ ସଂଗଠନ ଓ ସ୍ଥାନୀୟ ଅଟୋ-ଗାଡ଼ି ମୋଟର ସଂଘ ସମର୍ଥନ କରିଥିଲେ।

ସକାଳୁ ଝାରସୁଗୁଡ଼ା ସହରର ପୁରୁଣା ବସଷ୍ଟାଣ୍ଡ, ବେହେରାମାଲ, ବଡ଼େଇମୁଣ୍ଡା, ରେଲଷ୍ଟେସନ, ବିଟିଏମ୍ ବାଇପାସ୍ ଛକ ଆଦି ସ୍ଥାନରେ ବନ୍ଦ ସମର୍ଥକମାନେ ପିକେଟିଂ କରିଥିଲେ। ବ୍ରଜରାଜନଗର ଓ ବେଲପାହାଡ଼ର ବିଭିନ୍ନ ପ୍ରମୁଖ ଛକରେ ମଧ୍ୟ ପିକେଟିଂ ସହ ଶୋଭାଯାତ୍ରା କରାଯାଇଥିଲା। ଆନ୍ଦୋଳନକାରୀମାନଙ୍କ ଅଭିଯୋଗ ଅନୁଯାୟୀ, ନୂତନ ସଂଶୋଧିତ ଆଇନ ଦ୍ୱାରା ଓଡ଼ିଶାର ଖଣିଜ ସମ୍ପଦ ଓ ରାଜସ୍ୱ କ୍ଷତିଗ୍ରସ୍ତ ହେବା ସହ ରାଜ୍ୟର ଶିଳ୍ପାୟନ ପ୍ରକ୍ରିୟା ମଧ୍ୟ ପ୍ରଭାବିତ ହେବ। ଖଣି ସମୃଦ୍ଧ ଝାରସୁଗୁଡ଼ା ଜିଲ୍ଲାର ସ୍ୱାର୍ଥ ଓ ଖଣିଜ ସମ୍ପଦର ସୁରକ୍ଷା ପାଇଁ ଏହି ଆଇନ ପ୍ରତ୍ୟାହାର ଜରୁରୀ ବୋଲି ସେମାନେ ଦାବି କରିଥିଲେ। ତେବେ ଜନସାଧାରଣଙ୍କ ଜରୁରୀ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଆମ୍ବୁଲାନ୍ସ, ଡାକ୍ତରଖାନା, ପାନୀୟ ଜଳ, ବିଦ୍ୟୁତ ଓ ଅନ୍ୟାନ୍ୟ ଜରୁରୀକାଳୀନ ସେବାକୁ ବନ୍ଦରୁ ବାଦ୍ ଦିଆଯାଇଥିଲା। ଜିଲ୍ଲା ପ୍ରଶାସନ ଓ ପୁଲିସ ପକ୍ଷରୁ ବିଭିନ୍ନ ସ୍ଥାନରେ କଡ଼ା ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା। ଝାରସୁଗୁଡ଼ା, ବେଲପାହାଡ଼ ଓ ବ୍ରଜରାଜନଗରରେ ବନ୍ଦ ଶାନ୍ତିପୂର୍ଣ୍ଣ ଭାବେ ଶେଷ ହୋଇଥିଲା। ଝାରସୁଗୁଡ଼ାରେ ଜିଲ୍ଲା କଂଗ୍ରେସ ସଭାପତି ଜୀବନ ସାର୍ଥକ ଦାସ, ପୂର୍ବତନ ସଭାପତି ଭରତ ଅବସ୍ଥି, ରାଜ୍ୟ ସାଧାରଣ ସମ୍ପାଦିକା ଅମିତା ବିଶ୍ୱାଳ, ସମ୍ପାଦକ ସଞ୍ଜୟ ମହାପାତ୍ର, ଅଲେଖ କୁମାର, ସଲିମ ଖାନ, ମୁସ୍ତଫା ଓ୍ୱାରିଶ, ମଣିଷ ବାଜପାୟୀ, ସହର କଂଗ୍ରେସ ସଭାପତି ଦେବାନନ୍ଦ ବାରିକ, ରିୟାଜ ହୁସେନ, କାଜଲ ଘୋଷ, ଶୈଳେଶ ଅବସ୍ତି, ଶୁକଦେବ ବାଗ, ଅଜୟ କୁମାର ପଣ୍ଡା, ମାନବ ଘୋଷ, ସନ୍ତୋଷ ଦେ, ଅଶୋକ ଖରସେଲ, ଭି. ଗୌରୀ, ସଉକି ଲୁହା ପ୍ରମୁଖ ବନ୍ଦ ପାଳନରେ ସାମିଲ ହୋଇଥିଲେ। ସିପିଆଇ(ଏମ୍) ପକ୍ଷରୁ ବାସୁଦେବ ଧୂରୁଆ ଏବଂ ସମାଜବାଦୀ ପାର୍ଟି ପକ୍ଷରୁ ମହମ୍ମଦ ଅଖତର, ସୁବାସ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ବେଲପାହାଡ଼ରେ ଭାସ୍କର ପଟେଲ ଓ ହେମସାଗର ପଟ୍ଟନାୟକଙ୍କ ନେତୃତ୍ୱରେ ବନ୍ଦ ପାଳନ ହୋଇଥିବା ବେଳେ ବ୍ରଜରାଜନଗରରେ ଆରତ ବେନିଆଙ୍କ ନେତୃତ୍ୱରେ ସମର୍ଥକମାନେ ବନ୍ଦ ପାଳନ କରିଥିଲେ।

# ଏସଆଇଆରରେ ବାଦ୍ ପଡ଼ିଥିବା ଯୋଗ୍ୟ ଭୋଟର ଓ ଯୁବ ଭୋଟରଙ୍କୁ ତାଲିକାରେ ସାମିଲ ସୁଯୋଗ

ଜୟପୁର,୦୯/୧୦ (ନି.ପ୍ର): ଓଡ଼ିଶାରେ ସ୍ୱତନ୍ତ୍ର ସଘନ ସଂଶୋଧନ ଏସଆଇଆର ୨୦୨୬ ପରିପ୍ରେକ୍ଷୀରେ ଭୋଟର ତାଲିକାକୁ ଅଧିକ ସଠିକ, ସ୍ୱଚ୍ଛ ଓ ଅଦ୍ୟତନ କରିବା ଉଦ୍ଦେଶ୍ୟରେ ବୁଧବାର ଠାରୁ କୋରପୁଟ ଜିଲାରେ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ ହେଇଛି । ଅକ୍ଟୋବର ୭, ୮ ଓ ୯ ତାରିଖରେ ଏହି ସ୍ୱତନ୍ତ୍ର ଅଭିଯାନ ରାଜ୍ୟବ୍ୟାପୀ ଅନୁଷ୍ଠିତ ହୋଇଥିବା ବେଳେ କୋରପୁଟ ଜିଲାରେ ମଧ୍ୟ ଆରମ୍ଭ ହୋଇଛି । ଏହି ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ ହେଉଛି, ଏସଆଇଆର ପ୍ରକ୍ରିୟାରେ କୌଣସି କାରଣରୁ ଭୋଟର ତାଲିକାରୁ ବାଦ୍ ପଡ଼ିଥିବା ଯୋଗ୍ୟ ଭୋଟରମାନଙ୍କୁ ପୁନଃ ଭୋଟର ତାଲିକାରେ ସାମିଲ କରିବା ଏବଂ ନୂତନ ଭାବେ ଯୋଗ୍ୟ ହୋଇଥିବା ଯୁବ ଭୋଟରମାନଙ୍କୁ ତାଲିକାରେ ସାମିଲ କରିବା । ଯେଉଁ ଯୁବକ-ଯୁବତୀମାନେ ୦୧.୧୦.୨୦୨୬ ସୁଦ୍ଧା ୧୮ ବର୍ଷ ବୟସ ପୂରଣ କରିଛନ୍ତି, ସେମାନେ ଭୋଟର ତାଲିକାରେ ନିଜ ନାମ ସାମିଲ କରିବା ପାଇଁ ଆବେଦନ କରିପାରିବେ । ଯୋଗ୍ୟ ଯୁବ ଭୋଟରମାନେ ଫର୍ମ-୬ ମାଧ୍ୟମରେ ନାମ ପଞ୍ଜୀକରଣ ପାଇଁ ନିଜ ବୁଥ ସ୍ତରୀୟ ଅଧିକାରୀ ଙ୍କ ନିକଟରେ ଆବେଦନ କରିପାରିବେ । ଏଥିସହିତ, ସ୍ୱତନ୍ତ୍ର ସଘନ ସଂଶୋଧନ-୨୦୨୬ ପ୍ରକ୍ରିୟା ସମୟରେ ଯେଉଁ ଯୋଗ୍ୟ ଭୋଟରମାନଙ୍କ ନାମ କୌଣସି କାରଣରୁ ଚୂଡ଼ାନ୍ତ ଭୋଟର ତାଲିକାରେ ସାମିଲ ହୋଇପାରିନାହିଁ, ସେମାନେ ମଧ୍ୟ ଏହି ସ୍ୱତନ୍ତ୍ର ଅଭିଯାନ ସମୟରେ ନିଜ ନାମ ଯୋଡ଼ିବା ପାଇଁ ଆବେଦନ କରିପାରିବେ । ଭୋଟର ତାଲିକାକୁ ଅଧିକ ନିର୍ଭୁଲ ଓ ସ୍ୱଚ୍ଛ କରିବା ଉଦ୍ଦେଶ୍ୟରେ ସ୍ୱତନ୍ତ୍ର ସଘନ ସଂଶୋଧନ ପ୍ରକ୍ରିୟାରେ ଚିହ୍ନଟ ହୋଇଥିବା ମୃତ, ସ୍ଥାନାନ୍ତରିତ, ଅନୁପସ୍ଥିତ ଓ ଦୋହରା ଭୋଟରମାନଙ୍କ ସମ୍ପର୍କିତ ତାଲିକା ସମ୍ପୃକ୍ତ ଜିଲ୍ଲା ଏବଂ ଓଡିଶାଙ୍କ ୱେବସାଇଟରେ ଉପଲବ୍ଧ କରାଯିବ । ଏହି ତାଲିକା ସମ୍ପର୍କରେ ଆବଶ୍ୟକ ଯାଂଚ୍ କରିବା ଓ ଯଦି କୌଣସି ଯୋଗ୍ୟ ଭୋଟରଙ୍କ ନାମ ଭୁଲବଶତଃ ଏଥିରେ ବାଦ୍ ପଡିଥାଏ ତେବେ ତାହା ସମ୍ପର୍କରେ ଦାବି ଓ ଆପତି ଦାଖଲ କରିବା ପାଇଁ ସୁଯୋଗ ରହିବ । ସ୍ୱଚ୍ଛ ଓ ଅଦ୍ୟତନ ଭୋଟର ତାଲିକା ପ୍ରସ୍ତୁତି ପାଇଁ ମୃତ, ସ୍ଥାନାନ୍ତରିତ, ଅନୁପସ୍ଥିତ ଓ ଦୋହରା ଭୋଟରଙ୍କ ସମ୍ପର୍କିତ ତାଲିକା ସମସ୍ତ ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳର ପ୍ରତିନିଧିମାନଙ୍କୁ ମଧ୍ୟ ପ୍ରଦାନ କରାଯିବ । ରାଜନୈତିକ ଦଳର ପ୍ରତିନିଧିମାନେ ତାଲିକାକୁ ଯାଂଚ୍ କରି ଆବଶ୍ୟକ ଦାବି ଓ ଆପତି ଦାଖଲ କରିପାରିବେ । ଏହା ମାଧ୍ୟମରେ ଭୋଟର ତାଲିକାରେ ଯୋଗ୍ୟ ବ୍ୟକ୍ତିଙ୍କ ନାମ ସୁନିଶ୍ଚିତ କରିବା ସହ ଅଯୋଗ୍ୟ କିମ୍ବା ଅସଙ୍ଗତ ଏଂଟ ଚିହ୍ନଟ ଓ ସଂଶୋଧନ କରିବାରେ ସହାୟତା ମିଳିବ । ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟର ନିର୍ଦ୍ଦେଶାନୁଯାୟୀ, ଜିଲ୍ଲାସ୍ତରରେ ସମସ୍ତ ବୁଥ୍ ସ୍ତରୀୟ ଅଧିକାରୀଙ୍କୁ ବାଦ୍ ପଡିଥିବା ଯୋଗ୍ୟ ଭୋଟର ଓ ଯୁବ ଭୋଟରମାନଙ୍କୁ ଭୋଟର ତାଲିକାରେ ସାମିଲ କରିବା ସମ୍ପର୍କରେ ଆବଶ୍ୟକ ପ୍ରଶିକ୍ଷଣ ପ୍ରଦାନ କରାଯାଇଛି । ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ବିଏଲଓମାନଙ୍କୁ ନିଜ ନିଜ ଅଧୀନସ୍ଥ ଅଂଚଳରେ ଭୋଟର ତାଲିକାରେ ବାଦ୍ ପଡିଥିବା ଯୋଗ୍ୟ ଭୋଟର ନାମ ଓ ନୂତନ ଯୁବ ଭୋଟରଙ୍କ ନାମ ପଞ୍ଜୀକରଣ ପ୍ରକ୍ରିୟାକୁ ସୁଗମ କରିବା ନିମନ୍ତେ ଆବଶ୍ୟକ ସହଯୋଗ ଓ ମାର୍ଗଦର୍ଶନ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ନାମ ଯୋଡ଼ିବାକୁ ଇଚ୍ଛୁକ ଯୋଗ୍ୟ ଭୋଟରମାନେ ନିଜ ନିଜ ବୁଥ୍ ସ୍ତରୀୟ ଅଧିକାରୀ ବିଏଲଓଙ୍କ ସହ ଯୋଗାଯୋଗ କରି ଆବେଦନ ପ୍ରକ୍ରିୟା ସମ୍ପର୍କରେ ସହାୟତା ନେଇପାରିବେ । ବୁଥ ସ୍ତରୀୟ ଅଧିକାରୀମାନେ ଯୋଗ୍ୟ ଭୋଟରଙ୍କୁ ଆବେଦନ ଦାଖଲ ପ୍ରକ୍ରିୟା ସମ୍ପର୍କରେ ଆବଶ୍ୟକ ସହଯୋଗ ପ୍ରଦାନ କରିବେ । ତେଣୁ, ସ୍ୱତନ୍ତ୍ର ସଘନ ସଂଶୋଧନ-୨୦୨୬ରେ ନାମ ବାଦ୍ ପଡ଼ିଥିବା ଯୋଗ୍ୟ ଭୋଟର, ନୂତନ ଭାବେ ଯୋଗ୍ୟ ହୋଇଥିବା ଯୁବ ଭୋଟର ଏବଂ ଭୋଟର ତାଲିକାରେ ନିଜ ନାମ ସାମିଲ କରିବାକୁ ଯୋଗ୍ୟ ସମସ୍ତ ବ୍ୟକ୍ତି ଆୟୋଜିତ ସ୍ୱତନ୍ତ୍ର ଅଭିଯାନର ସୁଯୋଗ ନେଇ ଫର୍ମ-୬ ମାଧ୍ୟମରେ ଆବେଦନ କରିବାକୁ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ତରଫରୁ ଅନୁରୋଧ କରାଯାଇଛି । ଏହି ସ୍ୱତନ୍ତ୍ର ଅଭିଯାନ ମାଧ୍ୟମରେ ରାଜ୍ୟରେ ଏକ ସ୍ୱଚ୍ଛ, ନିର୍ଭୁଲ, ସମାବେଶୀ ଓ ଅଦ୍ୟତନ ଭୋଟର ତାଲିକା ପ୍ରସ୍ତୁତିକୁ ଆହୁରି ସୁଦୃଢ଼ କରିବା ଲକ୍ଷ୍ୟ ରହିଛି । ଏହି ନିର୍ଦ୍ଦେଶ ଆସିବା ପରେ କୋରାପୁଟ ଜିଲା ନିର୍ବାଚନ ଅଧକାରି ଓ ଉପଖଣ୍ଡ ନିର୍ବାଚନ ଅଧିକାରି ପାଳନ କରୁଥିବା ଜଣାଯାଇଛି । କୋରପୁଟ ଜିଲାର ୫ଟି ନିର୍ବାଚନ ମଣ୍ଡିଳିରେ ଚାଲିଥିବା ଜଣାଯାଇଛି । ଏହାପରେ ଚୂଡ଼ାନ୍ତ ନିର୍ଭୁଲ ତାଲିକା ପ୍ରସ୍ତୁତ ହୋ ପାରିବ ବୋଲି ପ୍ରଶାସନ ତରଫରୁ ସୂଚନା ଦିଆଯାଇଛି ।

# ଛେଳି ଚୋରି ଗ୍ୟାଙ୍ଗର ୪ ଗିରଫ: କାର୍ ଜବତ

ଗଞ୍ଜାମ,୦୯/୧୦ (ନି.ପ୍ର): ଗଞ୍ଜାମ ତେନ୍ତୁଳିଆପଡାର ବାଙ୍କନିଧି ଗୌଡଙ୍କ ୧୮ ଛେଳି ଚୋରି ମାମଲାରେ କେ.ନୂଆଗାଁ ପୋଲିସକୁ ବଡ ସଫଳତା ମିଳିଛି। ନୂଆପଡାରେ ନାକା ଚେକିଂ ବେଳେ ସନ୍ଦେହଜନକ ମାରୁତି କାର ନମ୍ବର ଓଡି୩୩ଏୱାଇ-୨୭୮୭କୁ ଅଟକାଇ ଯାଂଚ୍ କରିବାରୁ ଡିକିରୁ ଲୁହା କାତି ଓ ଛେଳି-ମେଣ୍ଢା ଲୋମ ମିଳିଥିଲା । ଜେରାରେ ଅଭିଯୁକ୍ତ ସଂଗ୍ରାମ ସାହୁ ସ୍ୱୀକାର କଲା ଯେ, ସହଯୋଗୀଙ୍କ ସହ କେ.ନୂଆଗାଁ ଓ ଜରଡା ଅଂଚଳରେ ନିୟମିତ ଛେଳି-ମେଣ୍ଢା ଚୋରି କରୁଥିଲେ। ଘଟଣାରେ ପୋଲିସ ୪ ଜଣଙ୍କୁ ଗିରଫ କରିଛି । ସେମାନେ ହେଲେ ଅନୁଜୟ ସ୍ୱାଇଁ, ଜାହାଡା, ଧରାକୋଟର ସଂଗ୍ରାମ ସାହୁ, ବାରସିଂଗି ଶେରଗଡ଼ର ଦୀପକ ସାହୁ ଏବଂ ଶେରଗଡ଼ର ଅରମାନ ନାୟକ, ଗୋବରା, ଗଙ୍ଗାପୁର । କେ.ନୂଆଗାଁ ଥାନା କେସ ନଂ ୧୮୭/୨୦୨୬ ୟୁ/ଏସ ୩୦୫(ଏ)/୩୩୧(୪)/୩(୫) ବି.ଏନ.ଏସ. ସହ ୨୫(୧)(ଏ) ଆର୍ମସ ଆକ୍ଟରେ ମାମଲା ରୁଜୁ ହୋଇଛି। କାର ଓ କାତିକୁ ପୁଲିସ ଜବତ କରି ସମସ୍ତ ଅଭିଯୁକ୍ତଙ୍କୁ ଦିଗପହଣ୍ଡି ଜେଏମଏଫସି କୋର୍ଟକୁ ଚାଲାଣ କରାଯାଇଛି।

# ତଣ୍ଡାପାଲ୍ଲୀ ଗ୍ରାମ ପଂଚାୟତ ଏମଭି ୬ ଜୟ ମା' କାଳୀ ଫୁଟବଲ୍ ଟୁର୍ଣ୍ଣାମେଂଟ ଖେଳ ଅନୁଷ୍ଠିତ

ମାଲକାନଗିରି ,୦୯/୧୦ (ନି.ପ୍ର): ମାଲକାନଗିରି ସଦର ବ୍ଲକ ତଣ୍ଡାପାଲ୍ଲୀ ଗ୍ରାମ ପଂଚାୟତ ଅନ୍ତର୍ଗତ ଏମ୍.ଭି. ୬ ରାମଗୁଡା ଜୟ ମା କାଳୀ ଫୁଟବଲ୍ ଟୁର୍ଣ୍ଣାମେଂଟ ଖେଳ ଅନୁଷ୍ଠିତ ହୋଇଯାଇଛି । ଆଜିର ଖେଳରେ ମୁଖ୍ୟ ଅତିଥି ଭାବରେ ମାଲକାନଗିରି ବିଜେଡି ଜିଲ୍ଲା ସଭାପତି ପୂର୍ବତନ ବିଧାୟକ, ଜନଜାତି ସେଲ୍ ରାଜ୍ୟ ଉପ ସଭାପତି ତଥା ବରିଷ୍ଠ ମୁଖପାତ୍ର ମାନସ ମାଡକାମୀ ଯୋଗଦେଇ ଆଜିର୍ କ୍ୱାର୍ଟର ଫାଇନାଲରେ ପ୍ରତିଯୋଗିତା କରୁଥିବା ଟିମ୍ ମାନଙ୍କ ମଧ୍ୟରେ କେ ବି ପି ୟୁଥ୍ କ୍ଲବ ତଳ ସାହି ଏଫ୍ ସି ଟିମ୍, ଜୟଶ୍ରୀ ଗଣେଶ ଏଫ୍ ସି ଟିମ୍, ଶକ୍ତି ଏଫ୍ ସି ଟିମ୍ , କେଡ଼ରୁଗୁଡା ଏଫ୍ ସି ଟିମ୍, ରାୟାଲ ଟାଇଗେର୍ କେ ଏମ୍ ଡି ଟିମ୍ ଏବଂ ମାରଙ୍ଗବୁରୁ ଟିମ୍ ର ସମସ୍ତ ଖେଳାଳୀଙ୍କୁ ହାତ ମିଳେଇ ଉତ୍ସାହିତ କରି ଆଜିର ଜୟ ମା କାଳୀ ଫୁଟବଲ୍ ଟୁର୍ଣ୍ଣାମେଂଟ ଖେଳ ଶୁଭାରମ୍ଭ କରିଛନ୍ତି । ଆଜିର କ୍ୱାର୍ଟର ଫାଇନାଲରେ ପ୍ରତିଯୋଗିତା କରୁଥିବା ଟିମ୍ ମାନଙ୍କ ମଧ୍ୟରେ ବହୁ ସଂଘର୍ଷପୂର୍ଣ୍ଣ ଓ ରୋମାଚଂକ ଖେଳ ହୋଇଥିବା ବେଳେ ରୟାଲ୍ ଟାଇଗର୍ (କେ ଏମ୍ ଡି ) ଟିମ୍ ବିଜୟ ଲାଭ କରି ସେମି ଫାଇନାଲ୍ ରେ ପ୍ରବେଶ କରିଛି । ଏମ୍ ଭି ୬ ରାମଗୁଡା ଜୟ ମା କାଳୀ ଫୁଟବଲ୍ ଟୁର୍ଣ୍ଣାମେଂଟ ଖେଳରେ ଅନ୍ୟତମ ଅତିଥି ମାନଙ୍କ ମଧ୍ୟରେ ବିଜେଡି ସଂଖ୍ୟାଲଘୁ ସେଲ୍ ଜିଲ୍ଲା ସଭାପତି ରାଜେନ୍ଦ୍ର ଖସଲା, ବିଜେଡି ଜିଲ୍ଲା ସମ୍ପାଦକ ସଦାନନ୍ଦ ଖରା, ଯୁବ ନେତା ଜୟନ୍ତ ଗିଲ୍, ପଲ୍ଲି ମଙ୍ଗଳ କମିଟି ସଭାପତି ସୁବୋଧ ମୁଣ୍ଡା, ପଲ୍ଲୀ ମଙ୍ଗଳ କମିଟି ବିଶ୍ୱନାଥ କୀର୍ତନିୟା, ୱାର୍ଡ ସଭ୍ୟା ଶ୍ରୀମତୀ ସଖୀ ମୁଣ୍ଡା ପ୍ରମୁଖଙ୍କ ସହ ଜୟ ମା କାଳୀ ଫୁଟବଲ୍ ଟୁର୍ଣ୍ଣାମେଂଟ ଖେଳର ମୁଖ୍ୟ ରେଫରି ଶଙ୍କର କ୍ଷେତି ଏବଂ ତିନି ହଜାରରୁ ଉର୍ଦ୍ଧ୍ୱ ଖେଳପ୍ରେମୀ ଉପସ୍ଥିତ ଥିଲେ ।

# ବୋରିଗୁମ୍ମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ 'ସେବା ସଂକଳ୍ପ' କାର୍ଯ୍ୟକ୍ରମ

ଜୟପୁର,୦୯/୧୦ (ନି.ପ୍ର): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଜନ୍ମଦିନ ଅବସରରେ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ବୋରିଗୁମ୍ମା ପକ୍ଷରୁ 'ସେବା ସଂକଳ୍ପ' କାର୍ଯ୍ୟକ୍ରମ ଆଜି ଆୟୋଜିତ ହୋଇଥିଲା। ଜନ୍ମଦିନରେ ସେବାର ସଂକଳ୍ପ, ପରିବେଶ ସୁରକ୍ଷାର ବାର୍ତ୍ତା ଦେଇ ସ୍ୱଚ୍ଛ ଭାରତ ଅଭିଯାନ ଓ 'ଏକ ପେଡ୍ ମା' କେ ନାମ' ଅଭିଯାନ ମାଧ୍ୟମରେ ସ୍ୱଚ୍ଛତା ଓ ପରିବେଶ ସୁରକ୍ଷା ପାଇଁ ସଚେତନତା ସୃଷ୍ଟି କରାଯାଇଥିଲା। ଏହି କାର୍ଯ୍ୟକ୍ରମ ଅବସରରେ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଡାକ୍ତର ଦେବଦ୍ୟୁତି ଶତପଥୀ, ସମସ୍ତ ସଫେଇ କର୍ମଚାରୀ, ସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ଦମୟନ୍ତୀ ମୁଦୁଲି, ସଚ୍ଚିଦାନନ୍ଦ ଗୋଲାପ, ବାଲେଶ୍ୱର ନାୟକ ଓ ଅନ୍ୟାନ୍ୟ କର୍ମଚାରୀ ସକ୍ରିୟ ଅଂଶଗ୍ରହଣ କରିଥିଲେ।

# ଚମ୍ପୁଆରେ ଯୋଡ଼ା ଟ୍ରକ୍ ମାଲିକ ସଂଘର ନିର୍ବାଚନ ଉଷ୍ମତା ବୃଦ୍ଧି

ଚମ୍ପୁଆ,୦୯/୧୦ (ନି.ପ୍ର): ଯୋଡ଼ା ଟ୍ରକ୍ ମାଲିକ ସଂଘ ନିର୍ବାଚନକୁ ନେଇ ପ୍ରଚାରମାହୋଲ ଏବେ ସରଗରମ ହୋଇଉଠିଛି। ଚମ୍ପୁଆ ବିଧାୟକ ସମର୍ଥିତ ସଭାପତି ପଦ ପ୍ରାର୍ଥୀ ରାକେଶ ରୋଶନ ଓ ସମ୍ପାଦକ ପଦ ପ୍ରାର୍ଥୀ ରବି ନାରାୟଣ ଦାସଙ୍କ ଟିମ୍ ପକ୍ଷରୁ ଚମ୍ପୁଆ ଧରଣୀଧର ନଗର ଭବନଠାରେ ଆୟୋଜିତ ପ୍ରଚାର ସଭାରେ ବହୁ ସଂଖ୍ୟାରେ ଟ୍ରକ ମାଲିକଙ୍କ ସମାଗମ ଦେଖିବାକୁ ମିଳିଛି। ସଭାରେ ଟ୍ରକ ମାଲିକଙ୍କ ସମସ୍ୟା, ସଂଘର ହିତ ଓ ଭବିଷ୍ୟତ କାର୍ଯ୍ୟପନ୍ଥା ନେଇ ଆଲୋଚନା ହୋଇଥିଲା। ଗତ ଦିନ ମାନଙ୍କରେ ସଂଘ କିପରି ଦୁର୍ଦ୍ଦିନରେ ଗତି କରୁଥିଲା ସେତେବେଳେ ସଂଘ କର୍ମକର୍ତ୍ତା କିଭଳି ସଂଘ ସଦସ୍ୟଙ୍କ ବଦଳରେ ନିଜ ସ୍ୱାର୍ଥରେ ବୁଡି ସଦସ୍ୟଙ୍କୁ ଅଣଦେଖା କରି ଚାଲିଥିଲେ ଏହାକୁ ନେଇ ବର୍ଷି ଥିଲେ ସଭାପତି ଓ ସମ୍ପାଦକ ପ୍ରାର୍ଥୀ। ଆଗାମୀ ଦିନରେ ସଂଘକୁ ଆହୁରି ଶକ୍ତିଶାଳୀ କରିବା ତଥା ସଂଘ ମାଲିକ ମାନଙ୍କ ସ୍ୱାର୍ଥର ସୁରକ୍ଷା ପାଇଁ ଏକତାବଦ୍ଧ ହୋଇ କିପରି କାମ କରିପାରିବ ତାକୁ ନେଇ ଉପସ୍ଥିତ ପ୍ରାର୍ଥୀ ମାନେ ଆହ୍ୱାନ ଦେଇଥିଲେ। ସମ୍ପାଦକ ପ୍ରାର୍ଥୀ ରବି ନାରାୟଣ ଦାସ ବିଗତ ଦିନରେ ସଂଘ ନାମରେ ପୂର୍ବ ନିର୍ବାଚିତ ପ୍ରାର୍ଥୀ ମାନେ କିପରି ଦୁର୍ନୀତିରେ ଲିପ୍ତ ରହି ସଂଘ ସଦସ୍ୟଙ୍କୁ ଅଣଦେଖା କରୁଥିଲେ ନିଜ ସ୍ୱାର୍ଥରେ ବୁଡି ରହି ଥିଲେ ଏହା ଉପରେ ବର୍ଷିଥିଲେ। ଆଗାମୀ ଦିନରେ ତାଙ୍କ ସମର୍ଥିତ ପ୍ରାର୍ଥୀ ନିର୍ବାଚନ ଜିତିଲେ ଟ୍ରକ ମାଲିକଙ୍କ ସମସ୍ୟା ଓ ଦାବିକୁ ପ୍ରାଥମିକତା ଦେଇ ସଂଘର ହିତ ପାଇଁ କାମ କରିବା ସହ ସମସ୍ତଙ୍କୁ ନେଇ ସଂଘକୁ ଆଗକୁ ନେବାକୁ ସେ ଆହ୍ୱାନ ଦେଇଥିଲେ। ସଭାପତି ପ୍ରାର୍ଥୀ ରାକେଶ ରୋଶନ ମଧ୍ୟ ଟ୍ରକ୍ ମାଲିକମାନଙ୍କ ହିତ ଓ ଅଧିକାରକୁ ପ୍ରାଥମିକତା ଦେଇ ସଂଘକୁ ଏକତାର ସହ ଆଗେଇ ନେବା ଉପରେ ମତ ରଖିଥିଲେ। ମାଲିକମାନଙ୍କ ସମସ୍ୟାର ସମାଧାନ ପାଇଁ ସମସ୍ତେ ଏକାଠି ହୋଇ କାମ କରିବା ଆବଶ୍ୟକ ବୋଲି ସେ କହିଥିଲେ। ଏହି ଅବସରରେ ସହସମ୍ପାଦକ ପଦ ପ୍ରାର୍ଥୀ ଦୀପକ ମହାନ୍ତ ଉପସଭାପତି ପଦ ପ୍ରାର୍ଥୀ ମହେଶ ସିଂ ଓ କୋଷାଧକ୍ଷ ପଦ ପ୍ରାର୍ଥୀ ଗୌତମ ବେହେରା ମଧ୍ୟ ନିଜ ନିଜ ମତ ରଖି ସଂଘର ଉନ୍ନତି ଓ ଟ୍ରକ ମାଲିକଙ୍କ ସ୍ୱାର୍ଥ ପାଇଁ କାମ କରିବାର ପ୍ରତିଶ୍ରୁତି ଦେଇଥିଲେ। ଏହି ନିର୍ବାଚନୀ ସଭାରେ ବହୁ ସଂଖ୍ୟାରେ ଟ୍ରକ ମାଲିକ ଉପସ୍ଥିତ ହୋଇଥିଲେ । ନିର୍ବାଚନ ତାରିଖ ପାଖେଇ ଆସୁଥିବାରୁ ଯୋଡ଼ା ଟ୍ରକ୍ ମାଲିକ ସଂଘ ନିର୍ବାଚନୀ ତାତି ଆହୁରି ବଢ଼ିବାରେ ଲାଗିଛି। ସଭାରେ ମାଇନିଙ୍ଗ ଏରିଆ ଟ୍ରକ ମାଲିକ ସଂଘ ସଭାପତି ଚତୁର୍ଭୁଜ ପଲେଇ ଏବଂ ଆଂଚଳିକ ଟ୍ରକ ମାଲିକ ସଂଘ ସଭାପତି ମନୋଜ ମହାନ୍ତ ମଧ୍ୟ ଉପସ୍ଥିତ ରହି ନିଜର ମତାମତ ରଖି ଟ୍ରକ ମାଲିକଙ୍କ ଏକତା ଉପରେ ଗୁରୁତ୍ୱ ଦେଇଥିଲେ। ଚମ୍ପୁଆ ବିଜ୍ଞାପିତ ଅଂଚଳ ପରିଷଦ ଅଧ୍ୟକ୍ଷ ଗିରିଜା ଶଙ୍କର ସାହୁ, ପୁରୁଣା ଗାଡି ମାଲିକ ବୃନ୍ଦାବନ ରାମ ଓ ଗଣେଶ ଖିଲାର ସମଗ୍ର କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ଆଧାର କାର୍ଡ ସଂଶୋଧନ ପାଇଁ ବୃଦ୍ଧଙ୍କ ଜୀବନ ଯନ୍ତ୍ରଣା

ଗଂଜାମ,୦୯/୧୦ (ନି.ପ୍ର): ଆଧାର କାର୍ଡ ସଂଶୋଧନ ପାଇଁ ଗଞ୍ଜାମ ଜିଲ୍ଲାର ଜଣେ ୮୦ ବର୍ଷ ବୃଦ୍ଧଙ୍କ ଜୀବନ ଦୁର୍ବିସହ ହୋଇପଡିଥିବା ଜଣାପଡିଛି। ଏହି ବ୍ୟକ୍ତିଙ୍କ ପ୍ରଥମ ଆଧାର କାର୍ଡଟିରେ ଜନ୍ମ ତାରିଖ ପ୍ରାୟ ସଠିକଥିଲା। କିନ୍ତୁ ଆଧାର ସହ ପାନ୍ ଲିଙ୍କ ବେଳେ ଆଧାର କେନ୍ଦ୍ର କର୍ମଚାରୀ ଏହାକୁ ଭୁଲ୍ୱଶତଃ ୧୨ ବର୍ଷ କମାଇଦେବା ଫଳରେ ତାଙ୍କର୍ ୱୟୋବନ୍ଦନା ଆୟୁଷ୍ମାନ କାର୍ଡଟିଏ ହୋଇପାରୁନି, ଫଳରେ ସେ ପରିଣତ ବୟସରେ ସ୍ୱାସ୍ଥ୍ୟ ସେବା ନପାଇ ରୋଗରେ ହନ୍ତସନ୍ତ ହୋଇ ଜୀବନ ଯନ୍ତ୍ରଣା ଭୋଗୀବାସହ ଅନ୍ୟାନ୍ୟ ସରକାରୀ ସୁବିଧାରୁ ବଞ୍ଚିତ ହେଉଛନ୍ତି। ଆଧାର କାର୍ଡ ଜନ୍ମ ତାରିଖ ସଂଶୋଧନ ପାଇଁ ଭୁବନେଶ୍ୱର ଆଞ୍ଚଳିକ ଆଧାର କେନ୍ଦ୍ରକୁ ଏହି ଅସହାୟ ବୃଦ୍ଧଜଣଙ୍କ ପ୍ରାୟ ୧୦ଥର ଯାଇ ୨୦ହଜାର ଟଙ୍କା ସେଠାରେ ଖର୍ଚ୍ଚ କରି ନିରାଶ ହୋଇଛନ୍ତି। ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ଦ୍ୱାରା ଜନ୍ମ ପ୍ରମାଣ ପତ୍ର ସହ ମାଜିଷ୍ଟ୍ରେଟଙ୍କ ନିକଟରେ ହୋଇଥିବା ସତ୍ୟପାଠ ସହ ଆବେଦନ କରିଥିଲେ ମଧ୍ୟ ଏହାକୁ ରିଜେକ୍ଟ କରାଯାଉଥିବାରୁ ଏହି ଅସହାୟ ବୃଦ୍ଧଜଣଙ୍କ ପରିଶେଷରେ ଆତ୍ମହୂତି ଦେବାକୁ ମନରେ ସ୍ଥିର କରି ତାଙ୍କର ଜନ୍ମ ତାରିଖ ଆଧାର କାର୍ଡରେ ସଂଶୋଧନ କରିବା ପାଇଁ ବ୍ୟବସ୍ଥା ଗ୍ରହଣ କରିବାକୁ ଭାରତର ରାଷ୍ଟ୍ରପତି ମହାମହିମ ଶ୍ରୀ ମତି ଦୌପଦି ମୁର୍ମୁ, ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦି, ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଓ ଗଞ୍ଜାମ ଜିଲ୍ଲାପାଳଙ୍କ ଆଗତି ପାଇଁ ପତ୍ର ଲେଖି ଅନୁରୋଧ ଜଣାଇଛନ୍ତି।

# ଶିଶୁ ମହୋତ୍ସବ ସୁରଭି ୨୦୨୬ ଅନୁଷ୍ଠିତ

ଜୟପୁର,୦୯/୧୦ (ନି.ପ୍ର): ଜୟପୁର ସ୍ଥିତ ବାମୁଣୀପୁଟ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଉନ୍ନୟନ ବିଭାଗର ଉଚ୍ଚ ବିଦ୍ୟାଳୟ ପରିସରରେ ଶିଶୁ ମହୋତ୍ସବ 'ସୁରଭି ୨୦୨୬' ଆଂଚଳିକ ସାଧନ ସଂଯୋଜକ ଶ୍ରୀ ରୁଦ୍ରପ୍ରସନ୍ନ ପାଣିଗ୍ରାହୀଙ୍କ ତତ୍ତ୍ୱାବଧାନରେ ଅତି ଉତ୍ସାହ ଓ ଆନନ୍ଦର ସହିତ ପାଳିତ ହୋଇଯାଇଛି। ବିଦ୍ୟାଳୟର ଅଧକ୍ଷା ଶ୍ରୀମତୀ କଳ୍ପନା ସାହୁ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଗୋଷ୍ଠୀ ଶିକ୍ଷା ଅଧିକାରୀ ଶ୍ରୀ ଚନ୍ଦନ କୁମାର ନାୟକ, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଆଭା ପ୍ରଧାନ, ଜୟପୁର ଶିକ୍ଷକ ସଙ୍ଘ ସଭାପତି ଶ୍ରୀ ଦେବୀପ୍ରସାଦ ଦାସ, ବାଲିଆ ପଂଚାୟତ ସରପଂଚ ଶ୍ରୀମତୀ ସରସ୍ୱତୀ ମାଝୀ ଓ ପଂଚାୟତ ସମିତି ସଭ୍ୟ ମକର ହରିଜନ ମଧ୍ୟ ଉପସ୍ଥିତ ଥିଲେ। ଗୋଷ୍ଠୀଶିକ୍ଷା ଅଧିକାରୀ କହିଥିଲେ ଯେ, ସୁରଭି ହେଉଛି ଛାତ୍ରଛାତ୍ରୀଙ୍କ ଅନ୍ତର୍ନିହିତ ପ୍ରତିଭାର ବିକାଶ ଓ ଅନ୍ୱେଷଣ ପାଇଁ ଏକ ଉତ୍କୃଷ୍ଟ ମଂଚ। ଏହି ଅବସରରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ସାହିତ୍ୟିକ, ଗାଣିତିକ, ସାଂସ୍କୃତିକ ଓ ସୃଜନଶୀଳ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ପ୍ରତିଯୋଗିତାରେ ଛାତ୍ରଛାତ୍ରୀମାନେ ବିଭିନ୍ନ ବର୍ଗରେ ଉତ୍ସାହର ସହ ଭାଗ ନେଇ ନିଜର ପ୍ରତିଭା ପ୍ରଦର୍ଶନ କରିଥିଲେ। 'ସୁରଭି' କାର୍ଯ୍ୟକ୍ରମ ରାଜ୍ୟରେ କ୍ଲଷ୍ଟର, ବ୍ଲକ, ଜିଲ୍ଲା ଓ ରାଜ୍ୟସ୍ତରରେ ଆୟୋଜିତ ହୋଇଥାଏ। ଏହା ଛାତ୍ରଛାତ୍ରୀଙ୍କ ପ୍ରତିଭା ବିକାଶ, ଆତ୍ମବିଶ୍ୱାସ, ସୃଜନଶୀଳତା ଓ ସାମଗ୍ରିକ ବିକାଶ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ମଂଚ। ଉଦ୍‌ଯାପନୀ ଉତ୍ସବରେ ବାମୁଣୀପୁଟ ସେକେଣ୍ଡରୀ ବିଦ୍ୟାଳୟର ଅଧକ୍ଷ ଶ୍ରୀ ଆଶିଷ ସାର, ଜୟପୁର ଶିକ୍ଷକ ସଙ୍ଘର କର୍ମକର୍ତ୍ତା ବୃନ୍ଦ ଉପସ୍ଥିତ ଥିଲେ। ପ୍ରକାଶ ଥାଉକି ଶ୍ରୀ କରୁଣାମୟ ପୃଷ୍ଟି ମଂଚ ପରିଚାଳନା କରିଥିଲେ। କ୍ଲଷ୍ଟରର ଅନ୍ୟ ଶିକ୍ଷକ ଓ ଶିକ୍ଷୟିତ୍ରୀ ସମୂହ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ନିର୍ବାହ କରିଥିଲେ। ଶେଷରେ କୁନ୍ତରଖାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତୀ ଗୀତକୁମାରୀ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ବୁଦ୍ଧିମତ୍ତାକୁ ପ୍ରଭାବିତ କରେ ଅଧିକ ମିଠାଜାତୀୟ ଖାଦ୍ୟ



ମନଲୋଭା ଖାଦ୍ୟ ମଧ୍ୟରୁ ମିଠା ଅନ୍ୟତମ। ଅନେକେ ଲୋଭର ବଶବର୍ତ୍ତୀ ହୋଇ ଅଧିକ ପରିମାଣରେ ମିଠା ଖାଇବାକୁ ପସନ୍ଦ କରିଥାଆନ୍ତି। ଏହାର ସ୍ୱାଦ ହୁଏତ ମିଠା ହୋଇପାରେ, ହେଲେ ଏହାର ପରିମାଣ ଅଧିକ ହେଲେ ତାହା ଆମ ବୁଦ୍ଧିମତାକୁ ପ୍ରଭାବିତ କରିଥାଏ। 'ଅତ୍ୟଧିକ ମିଠା ଓ ବୁଦ୍ଧିମତା' ବିଷୟକୁ ନେଇ ହୋଇଥିବା ସର୍ଭେରୁ ଟୋକିଓ ୟୁନିଭର୍ସିଟିର ପୁଷ୍ଟିବିଜ୍ଞାନୀମାନେ ଏଭଳି କଥା ଜାଣିପାରିଛନ୍ତି। ସର୍ଭେ ପରିସରଭୁକ୍ତ ବ୍ୟକ୍ତିମାନଙ୍କୁ ଦୁଇଟି ଗ୍ରୁପରେ ବିଭକ୍ତ କରି ଗୋଟିଏ ଗ୍ରୁପରେ ଥିବା ବ୍ୟକ୍ତିଙ୍କୁ ସାଧାରଣ ଭାବରେ ମିଠା ଖାଇବାକୁ ଏବଂ ଅନ୍ୟ ଗ୍ରୁପ ବ୍ୟକ୍ତିମାନଙ୍କୁ ମନଇଚ୍ଛା ମିଠା ଖାଇବାକୁ ପରାମର୍ଶ ଦେଇଥିଲେ। ଅପରପକ୍ଷରେ ନିର୍ଦ୍ଦିଷ୍ଟ ସମୟ ବ୍ୟବଧାନରେ ଏହାର କି ପ୍ରକାର ପ୍ରଭାବ ସେମାନଙ୍କର ବୁଦ୍ଧିମତା ଉପରେ ପଡୁଛି ତାହାକୁ ତନ୍ନତନ୍ନ କରି ଅନୁଧ୍ୟାନ ମଧ୍ୟ କରିଥିଲେ। ଯେଉଁମାନେ ଆବଶ୍ୟକତାଠାରୁ ଅଧିକ ମିଠା ଖାଉଥିଲେ ସେମାନଙ୍କ ମଧ୍ୟରୁ ପ୍ରାୟ ୫୦ ପ୍ରତିଶତ ବ୍ୟକ୍ତିଙ୍କ ବୁଦ୍ଧିମତାରେ ତାରତମ୍ୟ ଦେଖିବାକୁ ମିଳିଥିଲା।

# ଏହି ରାଶିର ଲୋକମାନେ ହୁଅନ୍ତି ଅଧିକ ଧନୀ, କେବେ ବି ଅଭାବ ରହେନି...




ବୃଷ ରାଶି: ଶୁକ୍ର ଗ୍ରହ ଦ୍ୱାରା ପରିଚାଳିତ ବୃଷ ରାଶିର ବ୍ୟକ୍ତି ସାଧାରଣତଃ ଐଶ୍ୱର୍ଯ୍ୟ, ସୁଖ-ସୌଭାଗ୍ୟ ଓ ସ୍ଥିରତା ପସନ୍ଦ କରନ୍ତି। ଏମାନେ ଅର୍ଥ ସଞ୍ଚୟ ଓ ନିବେଶରେ ଅତ୍ୟନ୍ତ ଚତୁର ହୋଇଥାନ୍ତି। ବ୍ୟାଙ୍କିଙ୍ଗ, ରିଅଲ ଏଷ୍ଟେଟ, କଳା, ଫ୍ୟାଶନ ଓ ଖାଦ୍ୟ ଶିଳ୍ପରେ ଏମାନେ ସଫଳତା ହାସଲ କରିଥାନ୍ତି। ଏମାନେ କଠୋର ପରିଶ୍ରମୀ ଏବଂ ଧୈର୍ଯ୍ୟଶୀଳ, ଯାହା ଏମାନଙ୍କୁ ଦୀର୍ଘମିଆଦି ଆର୍ଥିକ ସ୍ଥିରତା ଆଣିଥାଏ।

କନ୍ୟା ରାଶି: ବୁଧ ଗ୍ରହ ଦ୍ୱାରା ପରିଚାଳିତ କନ୍ୟା ରାଶିର ବ୍ୟକ୍ତି ବିଶ୍ଳେଷଣାତ୍ମକ ଓ ଯୋଜନାବଦ୍ଧ। ଏମାନେ ଆର୍ଥିକ ଯୋଜନା ଓ ବ୍ୟବସ୍ଥାପନାରେ ପାରଙ୍ଗମ। ପ୍ରଯୁକ୍ତି, ହିସାବ ନିକାଶ, ପରାମର୍ଶ ଓ ସେବା କ୍ଷେତ୍ରରେ ଏମାନେ ଉଚ୍ଚସ୍ତରୀୟ ସଫଳତା ହାସଲ କରନ୍ତି। ଏମାନଙ୍କର ସଂଗଠନ କ୍ଷମତା ଓ ସୂକ୍ଷ୍ମ ଦୃଷ୍ଟିକୋଣ ଅର୍ଥ ପରିଚାଳନାରେ ସହାୟକ ହୋଇଥାଏ।

ବିଛା ରାଶି: ମଙ୍ଗଳ ଓ ପ୍ଲୁଟୋ ଦ୍ୱାରା ପରିଚାଳିତ ବିଛା ରାଶିର ବ୍ୟକ୍ତି ଅତ୍ୟନ୍ତ ନିଷ୍ଠାବାନ ଓ ଲକ୍ଷ୍ୟଭିତ୍ତିକ। ଏମାନେ ରିସ୍କ ନେବାରେ ପଛାନ୍ତି ନାହିଁ ଏବଂ ବ୍ୟବସାୟ, ନିବେଶ ଓ ଅନୁସନ୍ଧାନ କ୍ଷେତ୍ରରେ ସଫଳତା ହାସଲ କରନ୍ତି। ଅନ୍ୟମାନଙ୍କ ସମ୍ପଦ ପରିଚାଳନା କରିବାରେ ମଧ୍ୟ ଏମାନେ ଦକ୍ଷ। ଏମାନଙ୍କର ଗଭୀର ଚିନ୍ତାଧାରା ଓ ନିର୍ଣ୍ଣୟ କ୍ଷମତା ଆର୍ଥିକ ସଫଳତାରେ ସହାୟକ।

# କିସ୍‌ମିସ୍‌ରେ ରହିଛି ଅନେକ ଉପକାରୀ ଗୁଣ



କିସ୍‌ମିସ୍‌ରେ ଅନେକ ପ୍ରକାର ଉପକାରୀ ଗୁଣ ଭରି ରହିଛି। ବିଶେଷଭାବରେ ଏହାକୁ ଖାଇଲେ ତାହା ହଜମ କ୍ରିୟାକୁ ଆହୁରି ସକ୍ରିୟ କରିଥାଏ। ଏହାବ୍ୟତୀତ କୋଷ୍ଠକାଠିନ୍ୟ ପରି ସମସ୍ୟାରୁ ଅନେକାଂଶରେ ଉପଶମ ମିଳିଥାଏ। କେବଳ ସେତିକି ନୁହେଁ, କିସ୍‌ମିସ୍ କମ୍ କ୍ୟାଲୋରିଯୁକ୍ତ। ଏହା ଓଜନ କମାଇବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥାଏ। ଏଥିରେ ଏଭଳି ତତ୍ତ୍ୱ ଅଛି, ଯାହା ଶରୀରରେ ସୁଗାର ସ୍ତରକୁ କେତେକାଂଶରେ ସନ୍ତୁଳିତ ରଖେ। ଏଥିରେ ଆଣ୍ଟି ଅକ୍ସିଡାଣ୍ଟ୍ ଗୁଣ ମଧ୍ୟ ରହିଛି। ଏହାକୁ ଖାଇଲେ ତାହା ଦୃଷ୍ଟିଶକ୍ତିକୁ ପ୍ରଖର କରିବାରେ ସାହାଯ୍ୟ କରିଥାଏ। ଏହା ମଧ୍ୟ ଶରୀରରେ ଶକ୍ତି ବୃଦ୍ଧି କରିଥାଏ। କାଲିଫର୍ନିଆ ବିଶ୍ୱବିଦ୍ୟାଳୟ ଦ୍ୱାରା ହୋଇଥିବା ଏକ ସର୍ଭେରୁ ଜଣାପଡିଛି ଯେ, ଏହାକୁ ଖାଇଲେ ତାହା ହାର୍ଟ ପାଇଁ ମଧ୍ୟ ଉପକାରୀ। ପେଟରେ ଏସିଡିଟି ସମସ୍ୟା ଦେଖାଦେଲେ ଏହା ସେଥିରୁ କେତେକାଂଶରେ ଉପଶମ ଦେଇଥାଏ। କେବଳ ସେତିକି ନୁହେଁ, ଶରୀରରେ କୋଲେଷ୍ଟରଲ ସ୍ତରକୁ ମଧ୍ୟ ସନ୍ତୁଳିତ ରଖେ। ଚର୍ମକୁ ମଧ୍ୟ ନମନୀୟ ରଖିଥାଏ କିସମିସ୍।

# ଓଜନ ହ୍ରାସ କରେ ଚିଆ ସିଡ୍‌ସ: ଜାଣନ୍ତୁ ପିଇବାର ସଠିକ୍ ଉପାୟ....

*ଚିଆ ସିଡ୍‌ସରେ ଫାଇବର, ପ୍ରୋଟିନ, ଓମେଗା-୩ ଫ୍ୟାଟି ଏସିଡ୍ ଏବଂ ଆଣ୍ଟିଅକ୍ସିଡାଣ୍ଟ ଭରପୂର ପରିମାଣରେ ଥାଏ। ଅନେକ ପୋଷକ ତତ୍ତ୍ୱରେ ଭରପୂର ଏହି ସିଡ୍‌ସ ବା ମଞ୍ଜି ଆପଣଙ୍କ ସ୍ୱାସ୍ଥ୍ୟ ପାଇଁ ବହୁତ ଲାଭଦାୟକ। ଏହାର ସବୁଠାରୁ ବଡ଼ ବିଶେଷତ୍ୱ ହେଉଛି ଆପଣ ଏହାକୁ ଅନେକ ଉପାୟରେ ଖାଇପାରିବେ। ଏହା ବିଶେଷକରି ଓଜନ ହ୍ରାସ କରିବାକୁ ଚାହୁଁଥିବା ଲୋକଙ୍କ ପାଇଁ ଭଲ। ଜାଣନ୍ତୁ ଚିଆ ସିଡ୍‌ସ ପିଇବାର ସଠିକ୍ ଉପାୟ...*



ସୋସିଆଲ ମିଡିଆରେ ଅନେକ ଭିଡିଓ କିମ୍ବା ପୋଷ୍ଟ ଦେଖିଥିବେ ଯେଉଁଥିରେ ଲୋକମାନେ ଏହାକୁ ପାଣିରେ ମିଶାଇ ପିଉଛନ୍ତି, ଯେତେବେଳେ ଅନେକ ଲୋକ ଏହାକୁ ଦହି କିମ୍ବା ଫ୍ରୁଟ୍ ସାଲାଡ ସହିତ ଖାଉଥିବାର ଦେଖାଯାଉଛି। କିନ୍ତୁ ପ୍ରଶ୍ନ ହେଉଛି, ଏହା କ'ଣ ସଠିକ୍ ଉପାୟ ଜାଣି ଆଶ୍ଚର୍ଯ୍ୟ ହେବେ ଯେ, ଯଦିଓ ଲୋକମାନେ ଚିଆ ସିଡ୍‌ସ ନିଜ ଜୀବନଶୈଳୀର ଏକ ଅଂଶ କରୁଛନ୍ତି, କିନ୍ତୁ ସେମାନଙ୍କୁ ଏହାର ସଠିକ୍ ବ୍ୟବହାର ଉପାୟ ଜଣାନାହିଁ। ଫଳରେ ସେମାନଙ୍କୁ ପେଟ ସମ୍ବନ୍ଧୀୟ ଅନେକ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼େ।

ଚିଆ ସିଡ୍‌ସକୁ ୩୦ ମିନିଟ୍ ପାଇଁ ଭିଜାଇ ରଖନ୍ତୁ: ଯଦି ଆପଣ ଚିଆ ସିଡ୍‌ସକୁ ଠିକ୍ ଭାବରେ ଭିଜାଇବେ, ତେବେ ଏହାର ଉପଯୁକ୍ତ ଲାଭ ପାଇପାରିବେ। ଯେତେବେଳେ ଆପଣ ଏହାକୁ ପାଣି, କ୍ଷୀର କିମ୍ବା ଦହି ସହିତ ପିଅନ୍ତି, ଏହାକୁ ୩୦ ମିନିଟ୍ ପର୍ଯ୍ୟନ୍ତ ପାଣିରେ ବୁଡ଼ାଇ ରଖନ୍ତୁ। କାରଣ ଏହା ପାଣିରେ ଯେତେ ଫୁଲିଯାଏ, ଏଥିରେ ଥିବା ଫାଇବର ଏବଂ ପୋଷକ ତତ୍ତ୍ୱର ସ୍ତର ମଧ୍ୟ ବୃଦ୍ଧି ପାଏ। ଯେତେବେଳେ ଆପଣ ଦହିରେ ଚିଆ ସିଡ୍‌ସ ମିଶାଇ ପିଅନ୍ତି, ଏହାକୁ ଅଳ୍ପ ପରିମାଣରେ ପିଅନ୍ତୁ।



ଏହି ଦୁଇଟି ଜିନିଷରେ ପୂର୍ବରୁ ଅଧିକ ପରିମାଣର ପ୍ରୋଟିନ ରହିଛି। ତେଣୁ ଏହାକୁ ପିଇବା ସମୟରେ ସତର୍କ ରୁହନ୍ତୁ। ଯେତେବେଳେ ଆଣ ଚିଆ ସିଡ୍‌ସ୍ ପିଉଛନ୍ତି ଏହାର ପରିମାଣର ବିଶେଷ ଧ୍ୟାନ ଦିଅନ୍ତୁ। କାରଣ ଯଦି ଆପଣ ଅଧିକ ଚିଆ ସିଡ୍‌ସ ଖାଆନ୍ତି ତେବେ ଏହା ଆପଣଙ୍କ ସ୍ୱାସ୍ଥ୍ୟ ପାଇଁ ବିପଜ୍ଜନକ ପ୍ରମାଣିତ ହୋଇପାରେ। ଏହା କରିବା ଦ୍ୱାରା ପାଚନ ସମସ୍ୟା ହୋଇପାରେ। ତେଣୁ ପ୍ରତିଦିନ କେବଳ ୧ ଚାମଚ ଚିଆ ସିଡ୍‌ସ ଖାଇବାକୁ ଚେଷ୍ଟା କରନ୍ତୁ। ଠିକ୍ ଉପାୟରେ ଖାଅ। ବିଶେଷଜ୍ଞଙ୍କ ମତରେ, ଯଦି ପ୍ରତିଦିନ ୧ ଚାମଚରୁ ଅଧିକ ଚିଆ ସିଡ୍‌ସ ସେବନ କରାଯାଏ, ତେବେ ଶରୀରରେ ଅତିରିକ୍ତ ଫାଇବର ସମସ୍ୟା ହୋଇପାରେ। କୋଷ୍ଠକାଠିନ୍ୟ ସମସ୍ୟାର ସମାଧାନ କରୁଥିବା ଫାଇବର ଏହାକୁ ଆହୁରି ବୃଦ୍ଧି କରେ।

ଚିଆ ସିଡ୍‌ସ ଖାଇବାର ସଠିକ ସମୟ: ଯେକୌଣସି ସମୟରେ ଚିଆ ସିଡ୍‌ସ ଖାଆନ୍ତୁ ନାହିଁ। ଯେତେବେଳେ ବି ଏହାକୁ ଖାଆନ୍ତି ସକାଳେ ଖାଲି ପେଟରେ ଗୋଟିଏ ଚାମଚ ଉଷୁମ ପାଣି ସହିତ ଖାଆନ୍ତୁ। ଯଦି ଆପଣ ଏହାକୁ ଖାଇବାକୁ ଚାହାନ୍ତି, ତେବେ ଆପଣ ଏହାକୁ ଖାଲି ପେଟରେ ସ୍ମୁଦି ସହିତ ମିଶାଇ ମଧ୍ୟ ଖାଇପାରିବେ। ଯଦି ଆପଣ ଜିମ୍ ଯିବା ପୂର୍ବରୁ ଚିଆ ମଞ୍ଜି ପିଅନ୍ତି ତେବେ ଏହା ଆପଣଙ୍କୁ ସାରା ଦିନ ସତେଜ ରଖିଥାଏ। ଏହା ଆପଣଙ୍କର ଭୋକ ଏବଂ ଆଳସ୍ୟ ଉଭୟକୁ ଦୂର କରିଥାଏ।

# ବ୍ଲାକ୍ ହେଡ୍ସ ନେଇ ଚିନ୍ତିତ କି ?



କେତେକ ଲୋକଙ୍କ ନାକ ଏବଂ ଗାଲରେ ଅଧିକ ପରିମାଣରେ ବ୍ଲାକ୍ ହେଡ୍ସ ଦେଖାଯାଇଥାଏ। ବ୍ଲାକ୍ ହେଡ୍ସ ସେତେବେଳେ ହୁଏ ଯେତେବେଳେ ବାହାରର ଧୂଳି,ପ୍ରଦୂଷଣ ଆଦି ନାକର ଚାରିପଟେ ଅପରିଷ୍କାର ଜମା ହୋଇ ରହିଥାଏ।

ଯଦି ଆପଣଙ୍କ ମୁହଁରେ ଅଧିକ ପରିମାଣରେ ବ୍ଲାକ୍ ହେଡ୍ସ ହୋଇଯାଇଛି ତେବେ ଲେମ୍ବୁ ଏବଂ ଲୁଣର ବ୍ୟବହାର କରିପାରିବେ। ପ୍ରଥମେ ଲେମ୍ବୁ ରସରେ ଲୁଣ ମିକ୍ସ କରି ଦିଅନ୍ତୁ। ଏହାକୁ ବ୍ଲାକ୍ ହେଡ୍ସ ସ୍ଥାନରେ ଲଗାଇ ତାକୁ ଭଲଭାବେ ଘଷନ୍ତୁ। କିଛି ସମୟ ଛାଡ଼ି ଏହାକୁ ପାଣି ସାହାଯ୍ୟରେ ଧୋଇ ଦିଅନ୍ତୁ। ଲେମ୍ବୁ ଲୁଣ ସାହାଯ୍ୟରେ ପ୍ରତିଦିନ ସଫା କରିବା ଦ୍ୱାରା ଏହି ସମସ୍ୟା ଦୂର ହୋଇଥାଏ।

ନାକ ଉପରେ ଯଦି ଅଧିକ ବ୍ଲାକ୍ ହେଡ୍ସ ହୋଇଯାଇଛି ତେବେ ବେକିଂ ସୋଡ଼ା ଲଗାନ୍ତୁ। ଏଥିପାଇଁ ପାଣିରେ ଅଧା ଚାମଚ ବେକିଂ ସୋଡ଼ା ମିଶାଇ ଯେଉଁଠି ବ୍ଲାକ୍ ହେଡ୍ସ ହୋଇଛି ସେଇଠି ୧୦ମିନିଟ୍ ପର୍ଯ୍ୟନ୍ତ ଲଗାଇ ଛାଡ଼ି ଦିଅନ୍ତୁ। ଏହାକୁ କିଛି ସମୟ ପରେ ପାଣିରେ ଧୋଇ ସଫା କରି ଦିଅନ୍ତୁ।

ଆପଣ ସ୍କିନ୍‌ରେ ମହୁ ବି ଲଗାଇ ପାରିବେ। ମହୁ ସହିତ ଡାଲ୍‌ଚିନି ପାଉଡର ମିକ୍ସ କରି ଏହି ପେଷ୍ଟକୁ ଲଗାନ୍ତୁ। ଫଳରେ କିଛି ମାତ୍ରାରେ ବ୍ଲାକ୍ ହେଡ୍ସ ଦୂର ହୋଇଯିବ।

# ସାଧାରଣ ଖାଇବା ତେଲରେ ଥିବା ଉପାଦାନ ସ୍ତନ କର୍କଟ ସହ ଜଡ଼ିତ: ଗବେଷଣାରୁ ମିଳିଲା ନୂଆ ତଥ୍ୟ

ସାଧାରଣ ଖାଇବା ତେଲରେ ବ୍ୟବହୃତ ଏକ ପ୍ରମୁଖ ଉପାଦାନ, ଲିନୋଲେଇକ ଏସିଡ , ଆକ୍ରମଣାତ୍ମକ ସ୍ତନ କର୍କଟର ଆଶଙ୍କା ବଢ଼ାଇପାରେ ବୋଲି ସାମ୍ପ୍ରତିକ ଗବେଷଣାରୁ ଜଣାପଡ଼ିଛି। ବ୍ରିଟେନର ଖ୍ୟାତନାମା କର୍କଟ ବିଶେଷଜ୍ଞଙ୍କ ଏକ ଅଧ୍ୟୟନରେ ଦାବି କରାଯାଇଛି ଯେ ଏହି ଫ୍ୟାଟି ଏସିଡ, ଯାହା ସୂର୍ଯ୍ୟମୁଖୀ, ସୋୟାବିନ ଏବଂ ମକା ତେଲ ଆଦି ଖାଇବା ତେଲରେ ପ୍ରଚୁର ମାତ୍ରାରେ ମିଳେ, ସ୍ତନ କର୍କଟର ଅଧିକ ଆକ୍ରମଣାତ୍ମକ ରୂପ ସହ ଜଡ଼ିତ ହୋଇପାରେ।

ଗବେଷଣାରୁ କ'ଣ ଜଣାପଡ଼ିଛି ?: ଏକ ସାମ୍ପ୍ରତିକ ଅଧ୍ୟୟନରେ ଗବେଷକମାନେ ଲିନୋଲେଇକ ଏସିଡ ଏବଂ ସ୍ତନ କର୍କଟ କୋଷର ବୃଦ୍ଧି ମଧ୍ୟରେ ଏକ ଜୈବିକ ସମ୍ପର୍କ ଚିହ୍ନଟ କରିଛନ୍ତି। ଏହି ଉପାଦାନ ଶରୀରରେ ପ୍ରଦାହଜନକ ପ୍ରକ୍ରିୟାକୁ ବଢ଼ାଇପାରେ, ଯାହା କର୍କଟ କୋଷର ବିସ୍ତାରକୁ ତ୍ୱରାନ୍ୱିତ କରିପାରେ। ତେବେ, ବିଶେଷଜ୍ଞମାନେ ମଧ୍ୟ କହିଛନ୍ତି ଯେ ଏହି ଗବେଷଣା ପ୍ରାଥମିକ ପର୍ଯ୍ୟାୟରେ ରହିଛି ଏବଂ ଏହାର ପୂର୍ଣ୍ଣ ପ୍ରଭାବ ବୁଝିବା ପାଇଁ ଆହୁରି ଅଧ୍ୟୟନ ଆବଶ୍ୟକ।



ପ୍ରତିକ୍ରିୟା ଏବଂ ସତର୍କତା : ବିଶେଷଜ୍ଞମାନେ ଆତଙ୍କିତ ନହେବାକୁ ପରାମର୍ଶ ଦେଇଛନ୍ତି। ଡାକ୍ତର ଅଲିୟା ଶାହା, ଜଣେ କର୍କଟ ଗବେଷକ, ଏକ ସାମାଜିକ ଗଣମାଧ୍ୟମ ପୋଷ୍ଟରେ କହିଛନ୍ତି, "ଲିନୋଲେଇକ ଏସିଡ ଏକ ଅତ୍ୟାବଶ୍ୟକ ଫ୍ୟାଟି ଏସିଡ, ଯାହା ଶରୀର ପାଇଁ ଆବଶ୍ୟକ। ଏହାକୁ ସମ୍ପୂର୍ଣ୍ଣ ବାଦ ଦେବା ଅନୁଚିତ। ତେବେ, ମଧ୍ୟମ ମାତ୍ରାରେ ଏହାର ବ୍ୟବହାର ଏବଂ ବିଭିନ୍ନ ତେଲର ମିଶ୍ରଣ ବ୍ୟବହାର କରିବା ଉଚିତ।"

କେଉଁ ତେଲରେ ଲିନୋଲେଇକ ଏସିଡ ଅଧିକ ?

ସୂର୍ଯ୍ୟମୁଖୀ ତେଲ: ୫୫-୬୫% ଲିନୋଲେଇକ ଏସିଡ

ସୋୟାବିନ ତେଲ: ୫୦-୫୫%

କର୍ଣ୍ଣ ତେଲ: ୪୫-୫୫%

ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ପରାମର୍ଶ: ତେଲର ବିବିଧତା: ଏକାଧିକ ତେଲ (ଯଥା ଅଲିଭ, ଶୋରିଷ, ନଡ଼ିଆ) ବ୍ୟବହାର କରନ୍ତୁ, ଯାହା ଲିନୋଲେଇକ ଏସିଡର ଅତ୍ୟଧିକ ସେବନକୁ ହ୍ରାସ କରିବ।

ସରକାରୀ ଏବଂ ସ୍ୱାସ୍ଥ୍ୟ ସଂଗଠନଙ୍କ ଭୂମିକା: ଭାରତୀୟ ଖାଦ୍ୟ ସୁରକ୍ଷା ଏବଂ ମାନକ ପ୍ରାଧିକରଣ ଏବଂ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଏହି ଗବେଷଣା ଉପରେ ନଜର ରଖିଛନ୍ତି। ଏଫଏସଏସଆଇ ରନ୍ଧନ ତେଲରେ ଫ୍ୟାଟି ଏସିଡର ମାତ୍ରା ନିୟନ୍ତ୍ରଣ ପାଇଁ ମାର୍ଗଦର୍ଶିକା ଜାରି କରିପାରେ ବୋଲି ଆଲୋଚନା ଚାଲିଛି। ଯଦିଓ ଲିନୋଲେଇକ ଏସିଡ ଏବଂ ସ୍ତନ କର୍କଟ ମଧ୍ୟରେ ସମ୍ପର୍କ ଚିହ୍ନଟ ହୋଇଛି, ଏହା ଏକମାତ୍ର କାରଣ ନୁହେ। ଜୀବନଶୈଳୀ, ଜେନେଟିକ୍ସ ଏବଂ ଅନ୍ୟାନ୍ୟ ଖାଦ୍ୟ ଅଭ୍ୟାସ ଦ୍ୱାରା ମଧ୍ୟ କର୍କଟ ଆଶଙ୍କା ରହିଥାଏ।

# ଏସବୁ ଖାଦ୍ୟ ଖାଇବା ପରେ ପାଣି ପିଇବା ଆଦୌ ଠିକ୍ ନୁହେଁ, ଜାଣନ୍ତୁ...

ଶରୀରକୁ ସୁସ୍ଥ ରଖିବାରେ ପାଣିର ଭୂମିକା ଯଥେଷ୍ଟ ରହିଥାଏ। କୁହାଯାଏ, ଜଣେ ସୁସ୍ଥ ବ୍ୟକ୍ତିଙ୍କୁ ପ୍ରତିଦିନ ୬ରୁ ୧୦ ଗ୍ଲାସ ପାଣି ପିଇବା ନିହାତି ଆବଶ୍ୟକ। କିନ୍ତୁ ଜରୁରୀ ନୁହେଁ, ସବୁ ଲୋକଙ୍କୁ ସମାନ ମାତ୍ରାର ପାଣି ପିଇବା ଦରକାର। ଶରୀରର ଆବଶ୍ୟକତା ଅନୁଯାୟୀ, ଯାହାକୁ ଯେତିକି ଦରକାର ସିଏ ସେତିକି ପାଣି ପିଇପାରିବେ। ସେହିପରି ଏମିତି କିଛି ଖାଦ୍ୟ ବି ରହିଛି; ଯାହାକୁ ଖାଇ ସାରିବା ପରେ ପାଣି ପିଇବା ମଧ୍ୟ ଆଦୌ ଠିକ୍ ନୁହେଁ। ଯେମିତିକି: ଚଣା ଭଜା ଖାଇବା ପରେ ସାଙ୍ଗେ ସାଙ୍ଗେ ଆଦୌ ପାଣି ପିଇବେ ନାହିଁ। କାରଣ ପାଣି ପିଇଦେଲେ ଚଣା ଠିକ୍‌ରେ ହଜମ ହୁଏନାହିଁ; ଯଦ୍ଦ୍ୱାରା ପେଟ ଦରଜ ସମସ୍ୟା ଦେଖାଯିବ। ସେହିପରି ପିଜୁଳି ଖାଇବା ପରେ ମଧ୍ୟ ପାଣି ପିଇବା ଠିକ୍ ନୁହେଁ। ଏହା ଗ୍ୟାସ ସମସ୍ୟାକୁ ଡାକି ଆଣିଥାଏ। ଅନ୍ୟପକ୍ଷେ ଆଇସ୍‌କ୍ରିମ୍ ଖାଇବା ପରେ ବି ପାଣି ପିଇଲେ ତଣ୍ଟି ଦରଜ ହେବା ସହ ଦାନ୍ତରେ ସେନ୍‌ସେଶନ୍ ସମସ୍ୟା ଦେଖାଯାଇଥାଏ। ଏହାଛଡ଼ା ଯେଉଁ ଫଳରେ ଜଳୀୟ ଅଂଶ ଅଧିକ ଥାଏ ଯଥା: କମଳା, କାକୁଡ଼ି, ଷ୍ଟବେରୀ, ତରଭୁଜ, ଖରଭୁଜ ଇତ୍ୟାଦି ଖାଇବା ପରେ ଆଦୌ ପାଣି ପିଅନ୍ତୁ ନାହିଁ।

# ଦୀର୍ଘ ତିନି ବର୍ଷ ପରେ ବଢ଼ିଲା ରେପୋ ରେଟ୍: ଅର୍ଥନୀତି ଉପରେ କ'ଣ ହେବ ପ୍ରଭାବ ?

ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ) ଦୀର୍ଘ ତିନି ବର୍ଷରୁ ଅଧିକ ସମୟ ପରେ ନିଜର ପ୍ରମୁଖ ରେପୋ ରେଟ୍ ବା ସୁଧ ହାରରେ ବୃଦ୍ଧି ଘଟାଇ ସମଗ୍ର ଦେଶର ଅର୍ଥନୈତିକ ବାତାବରଣରେ ଏକ ନୂତନ ଆଲୋଡ଼ନ ସୃଷ୍ଟି କରିଛି । ଗତ ଅକ୍ଟୋବର ୭ ତାରିଖ, ୨୦୨୬ ମସିହାରେ ଆରବିଆଇ ଗଭର୍ଣ୍ଣର ସଞ୍ଜୟ ମାଲହୋତ୍ରାଙ୍କ ନେତୃତ୍ୱରେ ଅନୁଷ୍ଠିତ ମୁଦ୍ରାନୀତି କମିଟି (ଏମପିସି) ବୈଠକରେ ସର୍ବସମ୍ମତି କ୍ରମେ ରେପୋ ରେଟ୍‌କୁ ୨୫ ବେସିସ୍ ପଏଣ୍ଟ ବୃଦ୍ଧି କରାଯାଇଛି । ଏହି ନିଷ୍ପତ୍ତି ଫଳରେ ରେପୋ ରେଟ୍ ୫.୨୫ ପ୍ରତିଶତରୁ ବୃଦ୍ଧି ପାଇ ୫.୫୦ ପ୍ରତିଶତରେ ପହଞ୍ଚିଛି । ଫେବୃଆରୀ ୨୦୨୩ ପରେ ଏହା ହେଉଛି ପ୍ରଥମ ସୁଧ ହାର ବୃଦ୍ଧି, ଯାହାକି ଦେଶର ଅର୍ଥନୀତି ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ମୋଡ଼ ବୋଲି ବିବେଚନା କରାଯାଉଛି । କେବଳ ରେପୋ ରେଟ୍ ନୁହେଁ, ବରଂ ଷ୍ଟାଣ୍ଡିଂ ଡିପୋଜିଟ୍ ଫ୍ୟାସିଲିଟି (ଏସଡିଏଫ) ରେଟକୁ ୫.୨୫ ପ୍ରତିଶତ ଏବଂ ମାର୍ଜିନାଲ୍ ଷ୍ଟାଣ୍ଡିଂ ଫ୍ୟାସିଲିଟି (ଏମଏସଏଫ) ତଥା ବ୍ୟାଙ୍କ ରେଟକୁ ୫.୭୫ ପ୍ରତିଶତକୁ ବୃଦ୍ଧି କରାଯାଇଛି । ମୁଦ୍ରାନୀତି କମିଟିର ସମସ୍ତ ୬ ଜଣ ସଦସ୍ୟ ସୁଧ ହାର ବୃଦ୍ଧି ସପକ୍ଷରେ ଭୋଟ୍ ଦେଇଥିବା ବେଳେ, ଆରବିଆଇ ନିଜର ମୁଦ୍ରାନୀତି ଆଭିମୁଖ୍ୟକୁ 'ନ୍ୟୁଟ୍ରାଲ' ବା ନିରପେକ୍ଷ ସ୍ଥିତିରୁ ପରିବର୍ତ୍ତନ କରି 'କାଲିବ୍ରେଟେଡ୍ ଟାଇଟେନିଂ' ବା ସୁଚିନ୍ତିତ ସଂକୋଚନ ଆଡ଼କୁ ନେଇଛି । ଏହି ଆଭିମୁଖ୍ୟ ପରିବର୍ତ୍ତନ ସପକ୍ଷରେ ୪ ଜଣ ସଦସ୍ୟ ମତ ଦେଇଥିଲେ । ଏହି ପରିବର୍ତ୍ତନ ସ୍ପଷ୍ଟ ଭାବରେ ସୂଚାଉଛି ଯେ ଆଗାମୀ ଦିନରେ ମୁଦ୍ରାସ୍ଫୀତିକୁ ନିୟନ୍ତ୍ରଣ କରିବା ପାଇଁ କେନ୍ଦ୍ରୀୟ ବ୍ୟାଙ୍କ ଆହୁରି କଠୋର ପଦକ୍ଷେପ ନେବାକୁ ପଛାଇବ ନାହିଁ । ଏହି ସମ୍ପାଦକୀୟ ମାଧ୍ୟମରେ ଆମେ ଆରବିଆଇର ଏହି ନିଷ୍ପତ୍ତିର ପୃଷ୍ଠଭୂମି, ଏହାର କାରଣ ଏବଂ ସାଧାରଣ ଜନତା ତଥା ବୃହତ୍ତର ଅର୍ଥନୀତି ଉପରେ ଏହାର ପ୍ରଭାବ ବିଷୟରେ ବିସ୍ତୃତ ଆଲୋଚନା କରିବା ।

ଅର୍ଥନୈତିକ ଦୃଷ୍ଟିକୋଣରୁ ରେପୋ ରେଟ୍ ହେଉଛି ସେହି ସୁଧ ହାର ଯେଉଁଥିରେ ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ ଦେଶର ବାଣିଜ୍ୟିକ ବ୍ୟାଙ୍କଗୁଡ଼ିକୁ ସ୍ୱଳ୍ପ ମିଆଦି ଋଣ ପ୍ରଦାନ କରିଥାଏ । ଯେତେବେଳେ ବଜାରରେ ମୁଦ୍ରାସ୍ଫୀତି ବା ଦରଦାମ୍ ବୃଦ୍ଧି ଅନିୟନ୍ତ୍ରିତ ହେବାକୁ ଲାଗେ, ସେତେବେଳେ କେନ୍ଦ୍ରୀୟ ବ୍ୟାଙ୍କ ରେପୋ ରେଟ୍ ବୃଦ୍ଧି କରିଥାଏ । ଏହା ଫଳରେ ବ୍ୟାଙ୍କଗୁଡ଼ିକ ପାଇଁ ଆରବିଆଇଠାରୁ ଋଣ ଆଣିବା ମହଙ୍ଗା ହୋଇଯାଏ ଏବଂ ସ୍ୱାଭାବିକ ଭାବରେ ବ୍ୟାଙ୍କଗୁଡ଼ିକ ନିଜର ଗ୍ରାହକମାନଙ୍କ ପାଇଁ ଗୃହ ଋଣ, ଯାନବାହନ ଋଣ ଏବଂ ବ୍ୟକ୍ତିଗତ ଋଣ ଉପରେ ସୁଧ ହାର ବୃଦ୍ଧି କରିଦିଅନ୍ତି । ସୁଧ ହାର ବଢ଼ିବା ଦ୍ୱାରା ଲୋକଙ୍କ କ୍ରୟ କ୍ଷମତା କମିଯାଏ ଏବଂ ବଜାରରେ ଚାହିଦା ହ୍ରାସ ପାଇବା ଫଳରେ ଦରଦାମ୍ ନିୟନ୍ତ୍ରଣକୁ ଆସିଥାଏ । ଦୀର୍ଘ ସାଢ଼େ ତିନି ବର୍ଷ ଧରି ଆରବିଆଇ ସୁଧ ହାରକୁ ସ୍ଥିର ରଖିବା କିମ୍ବା ହ୍ରାସ କରିବା ନୀତି ଆପଣାଇଥିଲା ଯାହା ଦ୍ୱାରା ଦେଶର ଅର୍ଥନୈତିକ ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରାଯାଇପାରିବ । ମାତ୍ର ବର୍ତ୍ତମାନ ପରିସ୍ଥିତି ବଦଳିଛି ଏବଂ ଅଭିବୃଦ୍ଧି ଅପେକ୍ଷା ମୁଦ୍ରାସ୍ଫୀତି ନିୟନ୍ତ୍ରଣ ଆରବିଆଇର ପ୍ରାଥମିକ ଲକ୍ଷ୍ୟ ପାଲଟିଛି । 'କାଲିବ୍ରେଟେଡ୍ ଟାଇଟେନିଂ' ଆଭିମୁଖ୍ୟର ଅର୍ଥ ହେଉଛି ବର୍ତ୍ତମାନ ସୁଧ ହାର ହ୍ରାସ ପାଇବାର କୌଣସି ସମ୍ଭାବନା ନାହିଁ, ବରଂ ଆବଶ୍ୟକ ପଡ଼ିଲେ ଏହାକୁ ଆହୁରି ବୃଦ୍ଧି କରାଯାଇପାରେ । ଏହି ରଣନୀତି ମାଧ୍ୟମରେ ଆରବିଆଇ ବଜାରକୁ ଏକ ସ୍ପଷ୍ଟ ବାର୍ତ୍ତା ଦେଇଛି ଯେ ଅର୍ଥନୈତିକ ସ୍ଥିରତା ବଜାୟ ରଖିବା ପାଇଁ କଠୋର ପଦକ୍ଷେପ ଅପରିହାର୍ଯ୍ୟ ଅଟେ । ଅକ୍ଟୋବର ୨୦୧୮ ପରେ ପ୍ରଥମ ଥର ପାଇଁ ଆରବିଆଇ ଏହି କଠୋର ଆଭିମୁଖ୍ୟ ଗ୍ରହଣ କରିଛି ।

ଏହି ନିଷ୍ପତ୍ତି ପଛରେ ଥିବା ସବୁଠାରୁ ବଡ଼ କାରଣ ହେଉଛି ଦେଶରେ ବୃଦ୍ଧି ପାଉଥିବା ଖୁଚୁରା ମୁଦ୍ରାସ୍ଫୀତି ବା ରିଟେଲ୍ ଇନଫ୍ଲେସନ୍ । ସରକାରୀ ତଥ୍ୟ ଅନୁଯାୟୀ, ଅଗଷ୍ଟ ୨୦୨୬ ସୁଦ୍ଧା ଭାରତର ବାର୍ଷିକ ଖୁଚୁରା ମୁଦ୍ରାସ୍ଫୀତି ହାର ୪.୮୨ ପ୍ରତିଶତକୁ ବୃଦ୍ଧି ପାଇଛି, ଯାହାକି ଡିସେମ୍ବର ୨୦୨୪ ପରେ ସର୍ବୋଚ୍ଚ ସ୍ତର ଅଟେ । ଆରବିଆଇର ଲକ୍ଷ୍ୟ ହେଉଛି ମୁଦ୍ରାସ୍ଫୀତିକୁ ୪ ପ୍ରତିଶତରେ ସୀମିତ ରଖିବା, କିନ୍ତୁ କ୍ରମାଗତ ତିନି ମାସ ଧରି ଏହା ଲକ୍ଷ୍ୟଠାରୁ ଉପରେ ରହିଆସିଛି । ଖାଦ୍ୟପେୟ ଏବଂ ପରିବହନ ଖର୍ଚ୍ଚରେ ଅହେତୁକ ବୃଦ୍ଧି ଏହି ସମସ୍ୟାକୁ ଆହୁରି ଜଟିଳ କରିଛି । ଚଳିତ ବର୍ଷ ଦୁର୍ବଳ ମୌସୁମୀ ଏବଂ ଏଲ୍-ନିନୋ ପ୍ରଭାବ ଯୋଗୁଁ କୃଷି ଉତ୍ପାଦନ ଗୁରୁତର ଭାବରେ ପ୍ରଭାବିତ ହୋଇଛି, ଯାହା ଫଳରେ ପନିପରିବା ଏବଂ ଅନ୍ୟାନ୍ୟ ଅତ୍ୟାବଶ୍ୟକ ସାମଗ୍ରୀର ଦର ଆକାଶଛୁଆଁ ହୋଇଛି । ଏହା ସହିତ ଘରୋଇ ବଜାରରେ ଉପଭୋକ୍ତାମାନଙ୍କର ପ୍ରବଳ ଚାହିଦା ମଧ୍ୟ ଦରଦାମ୍ ବୃଦ୍ଧିରେ ସହାୟକ ହୋଇଛି । ଯଦିଓ ଆରବିଆଇର ୨ ରୁ ୬ ପ୍ରତିଶତ ସହନଶୀଳତା ସୀମା ଭିତରେ ମୁଦ୍ରାସ୍ଫୀତି ରହିଛି, ତଥାପି ଏହା ଉପର ମୁହାଁ ହେବା କେନ୍ଦ୍ରୀୟ ବ୍ୟାଙ୍କ ପାଇଁ ଚିନ୍ତାର କାରଣ ପାଲଟିଛି । ଏହି କାରଣରୁ ଆରବିଆଇ ଆର୍ଥିକ ବର୍ଷ ୨୦୨୬-୨୭ ପାଇଁ ନିଜର ମୁଦ୍ରାସ୍ଫୀତି ପୂର୍ବାନୁମାନକୁ ୫.୦ ପ୍ରତିଶତରୁ ବୃଦ୍ଧି କରି ୫.୨ ପ୍ରତିଶତ କରିଛି । ଆଗାମୀ ତିନୋଟି ତ୍ରୈମାସିକରେ ମୁଦ୍ରାସ୍ଫୀତି ହାର ହାରାହାରି ୫.୮ ପ୍ରତିଶତ ରହିବ ବୋଲି ଆକଳନ କରାଯାଇଛି ଏବଂ ତୃତୀୟ ତ୍ରୈମାସିକରେ ଏହା ୬.୦ ପ୍ରତିଶତ ଛୁଇଁପାରେ ବୋଲି ଆଶଙ୍କା ପ୍ରକାଶ ପାଇଛି, ଯାହା ସ୍ଥିତିର ଗମ୍ଭୀରତାକୁ ଦର୍ଶାଉଛି ।

କେବଳ ଘରୋଇ କାରଣ ନୁହେଁ, ବରଂ ବିଶ୍ୱସ୍ତରୀୟ ଅର୍ଥନୈତିକ ଅସ୍ଥିରତା ମଧ୍ୟ ଆରବିଆଇର ଏହି ନିଷ୍ପତ୍ତିରେ ପ୍ରମୁଖ ଭୂମିକା ଗ୍ରହଣ କରିଛି । ମଧ୍ୟପ୍ରାଚ୍ୟରେ ଇରାନ ସହିତ ଜଡ଼ିତ ଯୁଦ୍ଧ ଏବଂ ଭୂ-ରାଜନୈତିକ ଉତ୍ତେଜନା କାରଣରୁ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଦର ବ୍ୟାପକ ଭାବରେ ବୃଦ୍ଧି ପାଇଛି । ବ୍ରେଣ୍ଟ କ୍ରୁଡ୍ ଅଏଲ୍ ବ୍ୟାରେଲ୍ ପିଛା ୧୦୦ ଡଲାରରୁ ଅଧିକ ମୂଲ୍ୟରେ କାରବାର ହେଉଛି, ଯାହା ଭାରତ ପରି ଏକ ତୈଳ ଆମଦାନୀକାରୀ ଦେଶ ପାଇଁ ଅତ୍ୟନ୍ତ ବିପଜ୍ଜନକ ଅଟେ । ତୈଳ ଦର ବୃଦ୍ଧି ସିଧାସଳଖ ଭାବରେ ପରିବହନ ଖର୍ଚ୍ଚ ବଢ଼ାଇଥାଏ ଏବଂ ଏହାର ପ୍ରଭାବ ପ୍ରତ୍ୟେକ ସାମଗ୍ରୀର ମୂଲ୍ୟ ଉପରେ ପଡ଼ିଥାଏ । ଏହା ବ୍ୟତୀତ, ଯୁକ୍ତରାଷ୍ଟ୍ର ଆମେରିକାର ଫେଡେରାଲ୍ ରିଜର୍ଭ ସମେତ ବିଶ୍ୱର ପ୍ରମୁଖ କେନ୍ଦ୍ରୀୟ ବ୍ୟାଙ୍କଗୁଡ଼ିକ ମଧ୍ୟ ମୁଦ୍ରାସ୍ଫୀତିକୁ ରୋକିବା ପାଇଁ ନିଜ ନିଜର ସୁଧ ହାର ବୃଦ୍ଧି କରିଛନ୍ତି । ବିଶ୍ୱସ୍ତରରେ ଆର୍ଥିକ ନୀତି କଠୋର ହେବା ଫଳରେ ବିଦେଶୀ ନିବେଶକମାନେ ଭାରତୀୟ ବଜାରରୁ ପୁଞ୍ଜି ପ୍ରତ୍ୟାହାର କରୁଛନ୍ତି, ଯାହା ଫଳରେ ଆମେରିକୀୟ ଡଲାର ତୁଳନାରେ ଭାରତୀୟ ଟଙ୍କାର ମୂଲ୍ୟ ହ୍ରାସ ପାଉଛି । ଟଙ୍କାର ଅବମୂଲ୍ୟାୟନ ଆମଦାନୀକୁ ଆହୁରି ମହଙ୍ଗା କରୁଛି ଏବଂ କରେଣ୍ଟ ଆକାଉଣ୍ଟ ଉପରେ ଚାପ ପକାଉଛି

ସାଧାରଣ ଜନତା ଏବଂ ଋଣଗ୍ରହୀତାଙ୍କ ଉପରେ ଏହି ରେପୋ ରେଟ୍ ବୃଦ୍ଧିର ସିଧାସଳଖ ପ୍ରଭାବ ପଡ଼ିବାକୁ ଯାଉଛି । ବିଶେଷ କରି ଯେଉଁମାନେ ରେପୋ ରେଟ୍ ସହିତ ସଂଯୁକ୍ତ ଫ୍ଲୋଟିଂ ରେଟ୍ ଋଣ ନେଇଛନ୍ତି, ସେମାନଙ୍କ ପାଇଁ ଇଏମଆଇ (ସମାନ ମାସିକ କିସ୍ତି) ବୋଝ ବଢ଼ିଯିବ । ବ୍ୟାଙ୍କଗୁଡ଼ିକ ପୂର୍ବରୁ ହିଁ ନିଜର ଋଣ ପ୍ରଦାନ ହାରରେ ପରିବର୍ତ୍ତନ ଆଣିବା ଆରମ୍ଭ କରିଦେଲେଣି । ଉଦାହରଣ ସ୍ୱରୂପ, ଯଦି ଜଣେ ବ୍ୟକ୍ତି ୨୦ ବର୍ଷ ପାଇଁ ୪୦ ଲକ୍ଷ ଟଙ୍କାର ଗୃହ ଋଣ ନେଇଛନ୍ତି, ତେବେ ୨୫ ବେସିସ୍ ପଏଣ୍ଟ ସୁଧ ହାର ବୃଦ୍ଧି ଫଳରେ ତାଙ୍କର ମାସିକ କିସ୍ତିରେ ଉଲ୍ଲେଖନୀୟ ବୃଦ୍ଧି ଘଟିବ କିମ୍ବା ଋଣ ପରିଶୋଧର ଅବଧି ବଢ଼ିଯିବ । ମଧ୍ୟବିତ୍ତ ପରିବାର ଯେଉଁମାନେ ଗୃହ ଋଣ, କାର୍ ଋଣ କିମ୍ବା ପିଲାମାନଙ୍କର ଉଚ୍ଚଶିକ୍ଷା ପାଇଁ ବିଦେଶ ଶିକ୍ଷା ଋଣ ଉପରେ ନିର୍ଭରଶୀଳ, ସେମାନଙ୍କର ମାସିକ ବଜେଟ୍ ଏହା ଦ୍ୱାରା ବହୁଳ ମାତ୍ରାରେ ପ୍ରଭାବିତ ହେବ । ପାର୍ବଣ ଋତୁ ପାଖେଇ ଆସୁଥିବା ବେଳେ ଏହି ସୁଧ ହାର ବୃଦ୍ଧି ଲୋକଙ୍କ ଖର୍ଚ୍ଚ କରିବା କ୍ଷମତାକୁ ସୀମିତ କରିଦେବ । ତେବେ ମୁଦ୍ରାର ଅନ୍ୟ ପାର୍ଶ୍ୱରେ ଦେଖିଲେ, ଏହି ନିଷ୍ପତ୍ତି ଫିକ୍ସଡ୍ ଡିପୋଜିଟ୍ (ଏଫଡି) ଏବଂ ଅନ୍ୟାନ୍ୟ ସଞ୍ଚୟ ଯୋଜନାରେ ବିନିଯୋଗ କରୁଥିବା ବରିଷ୍ଠ ନାଗରିକ ତଥା ସାଧାରଣ ନିବେଶକମାନଙ୍କ ପାଇଁ ଆଶ୍ୱସ୍ତି ଆଣିଦେବ । ବ୍ୟାଙ୍କଗୁଡ଼ିକ ଜମା ଉପରେ ସୁଧ ହାର ବୃଦ୍ଧି କରିବେ, ଯାହା ଫଳରେ ସଞ୍ଚୟକାରୀମାନେ ଅଧିକ ଲାଭବାନ ହେବେ ଏବଂ ମୁଦ୍ରାସ୍ଫୀତିର ମୁକାବିଲା କରିବାରେ ସେମାନଙ୍କୁ ସାହାଯ୍ୟ ମିଳିବ ।

ବୃହତ୍ତର ଅର୍ଥନୀତି ଏବଂ କର୍ପୋରେଟ୍ କ୍ଷେତ୍ର ଉପରେ ମଧ୍ୟ ଏହି କଠୋର ମୁଦ୍ରାନୀତିର ବ୍ୟାପକ ପ୍ରଭାବ ପଡ଼ିବ । ବ୍ୟବସାୟିକ ପ୍ରତିଷ୍ଠାନ ଏବଂ କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ (ଏମଏସଏମଇ) ଗୁଡ଼ିକ ପାଇଁ ବ୍ୟାଙ୍କରୁ ପୁଞ୍ଜି ଋଣ ଆଣିବା ବ୍ୟୟବହୁଳ ହୋଇଯିବ । ଯେଉଁ କମ୍ପାନୀଗୁଡ଼ିକ ଉପରେ ଅଧିକ ଋଣ ଭାର ରହିଛି, ସେମାନଙ୍କର ଲାଭାଂଶ ହ୍ରାସ ପାଇବାର ଆଶଙ୍କା ରହିଛି କାରଣ ସେମାନଙ୍କର କାର୍ଯ୍ୟକାରୀ ପୁଞ୍ଜିର ମୂଲ୍ୟ ବୃଦ୍ଧି ପାଇବ । ଏହାର ସିଧାସଳଖ ପ୍ରଭାବ ସେୟାର ବଜାର ଏବଂ ବଣ୍ଡ ମାର୍କେଟ୍ ଉପରେ ପଡ଼ିବା ଆରମ୍ଭ ହୋଇଛି । ବଣ୍ଡ ୟିଲ୍ଡ ବୃଦ୍ଧି ପାଇବା ସହିତ ଡେବ୍ଟ ମ୍ୟୁଚୁଆଲ୍ ଫଣ୍ଡର ରିଟର୍ଣ୍ଣ ପ୍ରଭାବିତ ହେବାର ସମ୍ଭାବନା ରହିଛି । ଏହା ସତ୍ତ୍ୱେ, ଆରବିଆଇ ଦର୍ଶାଇଛି ଯେ ଦେଶର ଅର୍ଥନୈତିକ ଭିତ୍ତିଭୂମି ଅତ୍ୟନ୍ତ ସୁଦୃଢ଼ ରହିଛି । ଭାରତୀୟ ଅର୍ଥନୀତି ବିଶ୍ୱସ୍ତରୀୟ ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ନିଜର ଦୃଢ଼ତା ବଜାୟ ରଖିଛି । ଆରବିଆଇ ନିଜର ଜିଡିପି ଅଭିବୃଦ୍ଧି ପୂର୍ବାନୁମାନକୁ ଆର୍ଥିକ ବର୍ଷ ୨୦୨୬-୨୭ ପାଇଁ ୬.୭ ପ୍ରତିଶତରୁ ବୃଦ୍ଧି କରି ୭.୧ ପ୍ରତିଶତ କରିଛି । ଏହି ଉଚ୍ଚ ଅଭିବୃଦ୍ଧି ହାର କେନ୍ଦ୍ରୀୟ ବ୍ୟାଙ୍କକୁ ସୁଧ ହାର ବୃଦ୍ଧି କରିବା ପାଇଁ ଆବଶ୍ୟକୀୟ ଆତ୍ମବିଶ୍ୱାସ ପ୍ରଦାନ କରିଛି । ଅର୍ଥାତ୍, ଅର୍ଥନୀତିରେ ପର୍ଯ୍ୟାପ୍ତ ଗତିଶୀଳତା ଥିବାରୁ ଏହା ସାମାନ୍ୟ ସୁଧ ହାର ବୃଦ୍ଧିର ଧକ୍କା ସହିପାରିବ ବୋଲି ଆରବିଆଇ ବିଶ୍ୱାସ କରୁଛି ।

ପରିଶେଷରେ, ଆରବିଆଇର ଏହି ରେପୋ ରେଟ୍ ବୃଦ୍ଧି ନିଷ୍ପତ୍ତି ହେଉଛି ଅଭିବୃଦ୍ଧି ଏବଂ ମୁଦ୍ରାସ୍ଫୀତି ମଧ୍ୟରେ ସନ୍ତୁଳନ ରକ୍ଷା କରିବାର ଏକ ପ୍ରୟାସ । ବର୍ତ୍ତମାନ ଯେତେବେଳେ ମୁଦ୍ରାସ୍ଫୀତି ସାଧାରଣ ଜନତାଙ୍କ ଜୀବନଧାରଣ ଉପରେ ପ୍ରତିକୂଳ ପ୍ରଭାବ ପକାଉଛି, ସେତେବେଳେ 'କାଲିବ୍ରେଟେଡ୍ ଟାଇଟେନିଂ' ମାଧ୍ୟମରେ ଆରବିଆଇ ଦର୍ଶାଇଛି ଯେ ଦୀର୍ଘକାଳୀନ ଅର୍ଥନୈତିକ ସ୍ଥିରତା ପାଇଁ ସାମୟିକ କଷ୍ଟ ସହିବାକୁ ପଡ଼ିବ । ଯଦିଓ ଏହି ନିଷ୍ପତ୍ତି ଯୋଗୁଁ ଋଣଗ୍ରହୀତା ଏବଂ ବ୍ୟବସାୟୀମାନଙ୍କୁ ସାମୟିକ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିବ, ତଥାପି ଦରଦାମ୍ ନିୟନ୍ତ୍ରଣକୁ ଆସିଲେ ସାମଗ୍ରିକ ଅର୍ଥନୀତି ଲାଭବାନ ହେବ । ଆଗାମୀ ଦିନରେ ଅଶୋଧିତ ତୈଳ ଦର ଏବଂ ଖାଦ୍ୟ ମୁଦ୍ରାସ୍ଫୀତିର ଗତିବିଧି ଉପରେ ଆରବିଆଇର ତୀକ୍ଷ୍ଣ ନଜର ରହିବ ଏବଂ ପରିସ୍ଥିତି ଅନୁଯାୟୀ କେନ୍ଦ୍ରୀୟ ବ୍ୟାଙ୍କ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରିବ ବୋଲି ଆଶା କରାଯାଏ ।

# ଅପରପକ୍ଷ (ମହାଳୟା) ଶ୍ରାଦ୍ଧ

**ପଣ୍ଡିତ ଶ୍ରୀ ସୀମାଚଳ ତ୍ରିପାଠୀ**

ହିନ୍ଦୁ ପଞ୍ଜାଙ୍ଗ ଅନୁସାରେ ଆଶ୍ୱିନ ମାସର କୃଷ୍ଣପକ୍ଷର ପନ୍ଦର ଦିନର ଅବଧିକୁ ଅପରପକ୍ଷ (ମହାଳୟାପକ୍ଷ) ବା ପିତୃପକ୍ଷ କୁହାଯାଏ । ଏହି ପକ୍ଷରେ ଲୋକମାନେ ପୂର୍ବପୁରୁଷ ମାନଙ୍କ ପ୍ରତି ସମ୍ମାନବ୍ୟକ୍ତ କରନ୍ତି ଏବଂ ସେମାନଙ୍କର ଶ୍ରାଦ୍ଧ ଓ ତର୍ପଣ କରନ୍ତି ।

ବେଦ ଅନୁସାରେ ପୂର୍ବପକ୍ଷ (ଶୁକ୍ଳପକ୍ଷ) ଦେବତାମାନଙ୍କ ପକ୍ଷ ଅଟେ । ତଥା ଅପରପକ୍ଷ (କୃଷ୍ଣପକ୍ଷ) ପିତୃପୁରୁଷଙ୍କର ପକ୍ଷ ଅଟେ । ମହର୍ଷି ମନୁଙ୍କ ମତରେ କନ୍ୟା ରାଶିରେ ସୂର୍ଯ୍ୟ ଥିବାବେଳେ ଏହି ପିତୃପକ୍ଷ ମୃତ ପିତୃମାତୃମାନଙ୍କ ତୃପ୍ତି ପାଇଁ ଯଜ୍ଞ ସଦୃଶ ଅଟେ । ଏହି କନ୍ୟାଗତାପରପକ୍ଷ ସମୟରେ ପିତୃପୁରୁଷଙ୍କୁ ଯାହା ଅର୍ପଣ କରାଯାଏ, ତାହା ଅକ୍ଷୟ ହୋଇଥାଏ ଅର୍ଥାତ କଦାପି ନିଷ୍ଫଳ ହୁଏ ନାହିଁ ।

ଚୈତ୍ର ମାସର ଶୁକ୍ଳପକ୍ଷ ପ୍ରତିପଦା ତିଥିରୁ ନୂତନ ବର୍ଷ ଆରମ୍ଭ ହେଉଥିବାରୁ ଶୁକ୍ଳପକ୍ଷକୁ ପୂର୍ବ (ପ୍ରଥମ) ପକ୍ଷ କୁହାଯାଏ ଏବଂ କୃଷ୍ଣପକ୍ଷକୁ (ଅପରପକ୍ଷ) କୁହାଯାଏ । ଏହି ପୂର୍ବପକ୍ଷ (ଶୁକ୍ଳପକ୍ଷ) ଦେବତାମାନଙ୍କର ଅଟେ ଏବଂ ଅପରପକ୍ଷ (କୃଷ୍ଣପକ୍ଷ) ପିତୃପୁରୁଷଙ୍କ ଅଟେ । ପୁଣ୍ୟଭୂମି ଭାରତବର୍ଷର ପରମ୍ପରା ଅତୀବ ପ୍ରାଚୀନ । ଆମ ହିନ୍ଦୁ ସମାଜରେ ଦେବତା ଆରାଧନା ଓ ପିତୃପୂଜନ ବୈଦିକ କାଳରୁ ପ୍ରଚଳିତ । କେବଳ ହିନ୍ଦୁମାନେ ଏହି ଉଭୟ ପୂଜାକୁ ଶାସ୍ତ୍ରସମ୍ମତ ରୀତିରେ ପାଳନ କରନ୍ତି । ଅତଏବ ପୂଜାବିଧାନ ମଧ୍ୟରୁ ଉକ୍ତ ପିତୃକର୍ମର ତାତ୍ପର୍ଯ୍ୟକୁ ଏଠାରେ ଉପସ୍ଥାପନ କରୁଛି । ଆମ ସମାଜରେ ଶ୍ରାଦ୍ଧାଦି ପିତୃକର୍ମ ବେଦ ଓ ଶାଖାଭେଦରେ ଭିନ୍ନ ଭିନ୍ନ ରୀତିରେ ପାଳିତ ହେଉଛି କିନ୍ତୁ ସମସ୍ତଙ୍କର ଉଦ୍ଦେଶ୍ୟ ଏକ ଅଟେ ଯେହେତୁ - ''ପ୍ରେତଂ ପିତୃଂଶ୍ଚ ନିର୍ଦ୍ଦିଶ୍ୟ ଭୋଜ୍ୟଂ ଯତ୍ ପ୍ରିୟମାତ୍ମନଃ ।

ଶ୍ରଦ୍ଧୟା ଦୀୟତେ ଯତ୍ର ତଚ୍ଛ୍ରାଦ୍ଧଂ ପରିକୀର୍ତ୍ତିତମ୍ ॥''

ଅର୍ଥାତ୍ ପିତୃ ଉଦ୍ଦେଶ୍ୟରେ ଶ୍ରଦ୍ଧା ସହିତ ଯାହା ଦିଆଯାଏ, ତାକୁ ହିଁ ଶ୍ରାଦ୍ଧ କୁହାଯାଏ । ଶ୍ରାଦ୍ଧ ପାଞ୍ଚ ପ୍ରକାର ଯଥା- ନିତ୍ୟ, ନୈମିତ୍ତିକ, କାମ୍ୟ, ବୃଦ୍ଧି ଓ ପାର୍ବଣ । ୧) ନିତ୍ୟ-ପ୍ରତିଦିନ

(୨)

କରାଯାଉଥିବା ବୈଶ୍ୱଦେବ ପ୍ରଭୃତି ଶ୍ରାଦ୍ଧକୁ ନିତ୍ୟଶ୍ରାଦ୍ଧ କୁହାଯାଏ । ୨) ନୈମିତ୍ତିକ- ସାମ୍ବତ୍ସରିକ (ବାର୍ଷିକ) ଶ୍ରାଦ୍ଧକୁ ନୈମିତ୍ତିକ ଶ୍ରାଦ୍ଧ କୁହାଯାଏ । ୩) କାମ୍ୟ- ମହାଳୟାଶ୍ରାଦ୍ଧକୁ କାମ୍ୟଶ୍ରାଦ୍ଧ କୁହାଯାଏ । ୪) ବୃଦ୍ଧି- ଆଭ୍ୟୁଦୟିକ, ନାନ୍ଦିମୁଖ ଶ୍ରାଦ୍ଧକୁ ବୃଦ୍ଧିଶ୍ରାଦ୍ଧ କୁହାଯାଏ । ୫) ପାର୍ବଣ- ଅମାବାସ୍ୟା ଶ୍ରାଦ୍ଧକୁ ପାର୍ବଣ ଶ୍ରାଦ୍ଧ କୁହାଯାଏ, କିନ୍ତୁ ପାର୍ବଣ ଦୁଇ ପ୍ରକାର ଯଥା-୧) ଅମାବାସ୍ୟାଦି ଶ୍ରାଦ୍ଧ ୨) ସାମ୍ବତ୍ସରିକ (ବାର୍ଷିକ) ଶ୍ରାଦ୍ଧ । ବାର୍ଷିକ ଶ୍ରାଦ୍ଧ ତିନି ପୁରୁଷଙ୍କ ଉଦ୍ଦେଶ୍ୟରେ କରାଯାଏ । ତେଣୁ ଏହା ପାର୍ବଣ ଶ୍ରାଦ୍ଧ ଅଟେ । ଓଡ଼ିଆ ପାଇ ଗୁଡ଼ିକରେ ଯେଉଁ ଏକୋଦ୍ଦିଷ୍ଟ ଏବଂ ପାର୍ବଣ କଥା ଉଲ୍ଲେଖ କରାଯାଇଛି ତାହା ଏହି ବାର୍ଷିକ (ସାମ୍ବତ୍ସରିକ) ଶ୍ରାଦ୍ଧକୁ ବୁଝାଉଛି । ଏକୋଦ୍ଦିଷ୍ଟ ଶ୍ରାଦ୍ଧ (ଏକଃ ପ୍ରେତଏବ ଉଦ୍ଦିଷ୍ଟେ ଯତ୍ର) ପ୍ରେତୋଦ୍ଦେଶ୍ୟକ ଶ୍ରାଦ୍ଧ । ଏହି ଶ୍ରାଦ୍ଧରେ ବିଶ୍ୱେଦେବା ମଧ୍ୟ ପୂଜା ପାଆନ୍ତି ନାହିଁ । ଏହି ଶ୍ରାଦ୍ଧରେ ଗୋଟିଏ କୁଶ, ଗୋଟିଏ ଅର୍ଘ୍ୟ ଏବଂ ଗୋଟିଏ ପିଣ୍ଡ ଦିଆଯାଏ । ଏତତ୍ ପ୍ରେତଶ୍ରାଦ୍ଧମ୍ (ଏହା ହିଁ ପ୍ରେତଶ୍ରାଦ୍ଧ ବୋଲି ଉପସଂହାର କରାଯାଇଥିବାରୁ ଜଣେ ମାତ୍ର ପିତୃଙ୍କୁ ଉଦ୍ଦେଶ୍ୟ କରି ଏହି ଶ୍ରାଦ୍ଧ କରାଯାଏ ।

ମନେରଖିବା ଉଚିତ ଯେ, ଏହି ଏକୋଦ୍ଦିଷ୍ଟ ଶ୍ରାଦ୍ଧ ମଧ୍ୟାହ୍ନର ପ୍ରଥମ ଭାଗରେ ହୁଏ, କିନ୍ତୁ ସାମ୍ବତ୍ସରିକ (ବାର୍ଷିକ / ପାର୍ବଣ) ଶ୍ରାଦ୍ଧ ଅପରାହ୍ଣରେ କରିବା ଉଚିତ । ଏହି ସାମ୍ବତ୍ସରିକ ଶ୍ରାଦ୍ଧ କୌଣସି ଅସୁବିଧା ବଶତଃ ଅପରାହ୍ଣ କାଳରେ ହୋଇ ନ ପାରିଲେ ଯେକୌଣସି ପ୍ରକାରେ ସୂର୍ଯ୍ୟାସ୍ତ ପୂର୍ବରୁ ଶ୍ରାଦ୍ଧ ଆରମ୍ଭ କରିବାକୁ ହେବ । ଭାର୍ଯ୍ୟା ରଜସ୍ୱଳା ହୋଇଥିଲେ ମଧ୍ୟ ନିଜେ ବିଦେଶରେ ଥିଲେ ମଧ୍ୟ ପକ୍ୱାନ୍ନରେ ସାମ୍ବତ୍ସରିକ (ବାର୍ଷିକ) ଶ୍ରାଦ୍ଧ କରିବାକୁ ହେବ । ଅଥଚ ଶୂଦ୍ରମାନେ ସର୍ବଦା ଚାଉଳରେ ଶ୍ରାଦ୍ଧ କରିବେ ବୋଲି ନିର୍ଦ୍ଦେଶ ଅଛି । ଏହି ବାର୍ଷିକ ଶ୍ରାଦ୍ଧ ଅଶୌଚ ବଶତଃ ହୋଇନ ପାରିଲେ ସେହି ଅଶୌଚ ପର ଶୁଦ୍ଧ ଦିବସ (ହାଣ୍ଡି କରିବା ଦିନ) କରିବାକୁ ହେବ ।

ବର୍ତ୍ତମାନ ମହାଳୟା ଶ୍ରାଦ୍ଧ ବିଷୟରେ ପ୍ରାଳ ଉପସ୍ଥାପନ କରୁଛି । ଆଶ୍ୱିନ କୃଷ୍ଣ ପ୍ରତିପଦା ଠାରୁ ଅମାବାସ୍ୟା ପର୍ଯ୍ୟନ୍ତ ମହାଳୟା ପକ୍ଷ ଅଟେ । ଏହା ମଧ୍ୟରେ ପିତୃମାନେ ପିତୃଲୋକରୁ କନ୍ୟା ସଂକ୍ରାନ୍ତି ଠାରୁ ବିଛା ସଂକ୍ରାନ୍ତି ଯାଏଁ ଦୁଇମାସ ଆସି ମର୍ତ୍ତ୍ୟ ଲୋକରେ ରହନ୍ତି । ଏହି ଦୁଇ ମାସ ମଧ୍ୟରେ ଉକ୍ତ ମହାଳୟା ଶ୍ରାଦ୍ଧ (କାମ୍ୟଶ୍ରାଦ୍ଧ) କରା ନ ଗଲେ ଅତି ଭୀଷଣ ଶାପ ଦେଇ ନିରାଶ

(୩)

ହୋଇ ବିଛା ସଂକ୍ରାନ୍ତି ପୂର୍ବଦିନ ସନ୍ଧ୍ୟାରେ ପୁଣି ପିତୃ ଲୋକକୁ ଫେରିଯାଆନ୍ତି । ତେଣୁ ଏହା ଆଶ୍ୱିନ କୃଷ୍ଣ ପକ୍ଷ ପଞ୍ଚମୀ ଠାରୁ ଅମାବାସ୍ୟା ମଧ୍ୟରେ ଗୋଟିଏ ନିର୍ଦ୍ଦୋଷ ଦିନରେ ମହାଳୟା ଶ୍ରାଦ୍ଧ କରିବା ଉଚିତ ନଚେତ୍ ଅମାବାସ୍ୟା ଦିନ ଶ୍ରାଦ୍ଧ କଲେ କୌଣସି ଦୋଷ ଦେଖିବାକୁ ହୁଏ ନାହିଁ । ଅତଏବ ଅମାବାସ୍ୟା ଦିନ ହିଁ ମହାଳୟା ଶ୍ରାଦ୍ଧ କରିବା ପ୍ରଶସ୍ତ ଅଟେ । କାରଣ କୃଷ୍ଣ ପଞ୍ଚମୀଠାରୁ ଅମାବାସ୍ୟା ମଧ୍ୟରେ ଦୋଷଶୂନ୍ୟ ଦିନଟିଏ ମିଳିବା ସହଜ ନୁହେଁ, ଯେହେତୁ ସେଥିରେ ତିଥି ଦୋଷ, ବାରଦୋଷ, ନକ୍ଷତ୍ର ଦୋଷ ଏବଂ ବିଷ୍ଟି ଇତ୍ୟାଦି ଦୋଷ ରହିଅଛି । ଏଣୁ ଅମାବାସ୍ୟା ହିଁ ମହାଳୟା ଶ୍ରାଦ୍ଧ କରିବାପାଇଁ ଉପଯୁକ୍ତ ଦିନ ଅଟେ । ଏହି ମହାଳୟା ଶ୍ରାଦ୍ଧ ଅଶୌଚ ବା କୌଣସି ବିଘ୍ନ ବଶତଃ ହୋଇ ନ ପାରିଲେ କାର୍ତ୍ତିକ ଅମାବାସ୍ୟାରେ ଅବଶ୍ୟ କରିବାକୁ ହେବ ।

ଏହି ପିତୃକର୍ମ (ଶ୍ରାଦ୍ଧ) ପାଇଁ ସ୍ଥାନ ଯଥା- ସ୍ୱଗୃହ, ସ୍ୱ ଅଧିକୃତ ଗୃହ, ନିୟମିତ ଭଡ଼ା ଦିଆଯାଉଥିବା ଗୃହ, ତୀର୍ଥ କ୍ଷେତ୍ର, ନଦୀତୀର, ପୁଣ୍ୟାୟତନ (ଦେବ ମନ୍ଦିର) ପ୍ରଭୃତିରେ ଶ୍ରାଦ୍ଧ କରାଯାଇ ପାରିବ ।

ଶ୍ରାଦ୍ଧ କର୍ତ୍ତା ଏହି ଶ୍ରାଦ୍ଧ ଦିନର ପୂର୍ବଦିନ ହବିଷ୍ୟାନ୍ନ ସହିତ ବ୍ରହ୍ମଚର୍ଯ୍ୟପାଳନ କରିବା ଉଚିତ । ଗୃହସ୍ଥିତ ଯାବତୀୟ ବ୍ୟବହୃତ ବସ୍ତ୍ରପାତ୍ରାଦିକୁ ତଥା ଗୃହକୁ ଜଳ, ମୃତ୍ତିକା ଓ ଗୋବରଦ୍ୱାରା ଶୁଦ୍ଧ କରିବା ଉଚିତ । ପୂର୍ବ ପାକ ହାଣ୍ଡି ତ୍ୟାଗ କରିବା ଉଚିତ । ଶ୍ରାଦ୍ଧ ଦିନ ସକାଳୁ ସ୍ନାନ କରି ଧଳା କପା ଲୁଗା ପିନ୍ଧି ଗଙ୍ଗା ମୃତ୍ତିକାରେ ତିଳକ କରି ପୂର୍ବାହ୍ଣ କର୍ମ ତର୍ପଣାଦି ସମ୍ପାଦନ ପୂର୍ବକ ଅପରାହ୍ଣରେ ଶ୍ରାଦ୍ଧ କରିବା ଉଚିତ । ଶ୍ରାଦ୍ଧ କରିବା ସମୟରେ ଲଲାଟରେ ଚନ୍ଦନ, ସ୍କନ୍ଦରେ ମାଲ୍ୟ ଏବଂ ବାମହସ୍ତରେ କୁଶ ଧାରଣ କରିବା ଉଚିତ ନୁହେଁ । ''ଲଲାଟେ ପୁଣ୍ଡ୍ରକଂଦୃଷ୍ଟ୍ୱା ସ୍କନ୍ଦେ ମାଲ୍ୟଂ ତଥୈବଚ ।

ନିରାଶାଃ ପିତରୋ ଯାନ୍ତି ଦୃଷ୍ଟ୍ୱାଚ ବୃଷଳୀ ପତିମ୍ ॥''

ମହାଳୟା ଶ୍ରାଦ୍ଧରେ ଶ୍ରାଦ୍ଧମଣ୍ଡଳ ମଧ୍ୟରେ ତିନୋଟି ଆସନ ପଡ଼ିବ । ପଶ୍ଚିମ ଦିଗରେ ଆସନରେ ବିଶ୍ୱେଦେବ ରହିବେ, ତାଙ୍କ ସମୀପବର୍ତ୍ତୀ ଦକ୍ଷିଣ ଦିଗରେ ଆସନରେ ପିତୃ, ପିତାମହ, ପ୍ରପିତାମହ ରହିବେ ଏବଂ ତାଙ୍କ ସମୀପବର୍ତ୍ତୀ ଡାହାଣ ଆସନରେ ମାତାମହ, ପ୍ରମାତାମହ, ବୃଦ୍ଧପ୍ରପିତାମହ ରହି ପୂଜା ପାଇବେ । ଦେବଲୋକ, ପିତୃଲୋକ, ନରକଲୋକ-ଏହିପରି ତିନିଲୋକ ମଧ୍ୟରୁ

(୪)

ପିତୃମାନେ କେଉଁଲୋକରେ ଅଛନ୍ତି ଜଣା ନ ଥିବାରୁ ତ୍ରିବିଧାତ୍ମକ ଶ୍ରାଦ୍ଧ କରାଯାଏ ଅର୍ଥାତ୍ ଅଗ୍ନୀକରଣ ଶ୍ରାଦ୍ଧ, ପିଣ୍ଡଦାନ ଶ୍ରାଦ୍ଧ ଏବଂ ବ୍ରାହ୍ମଣଭୋଜନ ଶ୍ରାଦ୍ଧ ଏହି ତିନିପ୍ରକାର ଶ୍ରାଦ୍ଧ ଦ୍ୱାରା ପିତୃଙ୍କୁ ଅର୍ପଣକରାଯାଏ । ଅଗ୍ନୀକରଣ ଶ୍ରାଦ୍ଧଦ୍ୱାରା ଦେବଲୋକସ୍ଥ ପିତୃମାନେ ସନ୍ତୁଷ୍ଟ ହୁଅନ୍ତି । ପିଣ୍ଡଦାନ ଶ୍ରାଦ୍ଧଦ୍ୱାରା ନରକଲୋକସ୍ଥ ପିତୃମାନେ ସନ୍ତୋଷ ଲାଭ କରନ୍ତି ତଥା ବ୍ରାହ୍ମଣଭୋଜନ ଶ୍ରାଦ୍ଧଦ୍ୱାରା ପିତୃଲୋକସ୍ଥ ପିତୃମାନେ ତୃପ୍ତି ହୁଅନ୍ତି । ସମସ୍ତ ଶ୍ରାଦ୍ଧରେ ପ୍ରଥମେ ବିଷ୍ଣୁପୂଜା କରି ବିଷ୍ଣୁପୂଜା ଶେଷାନ୍ନରେ ଶ୍ରାଦ୍ଧ କରିବେ । ଅର୍ଥାତ୍ ଶ୍ରାଦ୍ଧ ପାକରୁ କିଛି ଅଂଶ ବିଷ୍ଣୁଙ୍କୁ ପୂଜାକରି ପରେ ଶ୍ରାଦ୍ଧ କରିବା ଉଚିତ । ଶ୍ରାଦ୍ଧ ପୂର୍ବରୁ ପ୍ରଥମେ ତର୍ପଣ କରଣୀୟ । ତର୍ପଣର ଅର୍ଥ- ଯାହାଦ୍ୱାରା ପିତୃପୁରୁଷମାନେ ତୃପ୍ତ ହୁଅନ୍ତି ଏଣୁ ଜଳାଳି ଦେଇ ଦେବତା, ଋଷି, ପିତୃପୁରୁଷ ଏବଂ ମନୁଷ୍ୟମାନଙ୍କୁ ତର୍ପଣ କରାଯାଏ । ଏଥିରେ ପିତୃଗଣ ପରମତୃପ୍ତି ଲାଭ କରନ୍ତି । ହିନ୍ଦୁ ଧର୍ମରେ ପିତୃଋଣକୁ ବହୁତ ମହତ୍ତ୍ୱପୂର୍ଣ୍ଣ ମନେ କରାଯାଏ । ଏଣୁ ଆମ୍ଭେମାନେ ଶ୍ରାଦ୍ଧ, ତର୍ପଣ ଓ ବୈଶ୍ୱଦେବ କରି ଆଶୀର୍ବାଦ କାମନା କରିବା ଉଚିତ । ଏହାଦ୍ୱାରା ପରିବାରରେ ଧନଧାନ୍ୟ, ସୁଖ, ଶାନ୍ତି, ଆରୋଗ୍ୟ ଇତ୍ୟାଦି ଲାଭ ହୁଏ । ଶ୍ରାଦ୍ଧ ନ କରିବା ଲୋକର ସମସ୍ତ ପ୍ରକାର ଅମଙ୍ଗଳ ହୁଏ । ଅତଏବ ଫଳ ମୂଳ କିମ୍ବା ଜଳ ପ୍ରଭୃତିରେ ମଧ୍ୟ ଶ୍ରାଦ୍ଧ କରିବାକୁ ହେବ । ମାତ୍ର ଶ୍ରାଦ୍ଧ ପରିତ୍ୟାଗ କଦାପି କରିବା ଉଚିତ ନୁହେଁ

+ବ୍ରହ୍ମପୁର, ଗାମ
ମୋ : ୯୪୩୮୫୮୫୨୯୬

# ବୃହତ ବନ୍ଦରରୁ ମେଗା ପୋର୍ଟର ଯାତ୍ରା

ପୂର୍ବ ଭାରତର ଉପକୂଳରେ ଗଢ଼ିଥିବା ପାରାଦୀପ ବନ୍ଦର ଆଜି କେବଳ ଏକ ମେଗା ପୋର୍ଟ ନୁହେଁ, ବରଂ ଏହା ଏକ ବଡ଼ ଆର୍ଥିକ ପରିବର୍ତ୍ତନର ମାଧ୍ୟମ ପାଲଟିଛି । ପଣ୍ୟ ପରିବହନର ରେକର୍ଡ ହେଉ କି ନୌବାଣିଜିକ କ୍ଷମତା, ଆଧୁନିକ ପରିବହନ, ସ୍ୱଚ୍ଛ ଶକ୍ତି ଭିତ୍ତିଭୂମି, ଜାହାଜ ନିର୍ମାଣ ଓ ମରାମତିର ସମ୍ଭାବନା ସହ ପାରାଦୀପ ଏକ ନୂଆ ବିକାଶ ଅଧ୍ୟାୟରେ ପ୍ରବେଶ କରିଛି । ପାରାଦୀପ ବନ୍ଦରକୁ 'ମେଗା ପୋର୍ଟ' ମାନ୍ୟତା ମିଳିବା, ଯାତ୍ରାର ଏକ ମାଇଲଖୁଣ୍ଟ । ଦଶ ବର୍ଷ ମଧ୍ୟରେ ଏହା ବୃଦ୍ଧି ପାଇ ୧୫୬.୪୫ MMTରେ ପହଞ୍ଚିଛି, ଅର୍ଥାତ୍ ଦୁଇଗୁଣରୁ ଅଧିକ ।

ଆଜି ବନ୍ଦରର ନିର୍ଦ୍ଧାରିତ କ୍ଷମତା ପ୍ରାୟ ୨୮୯ MMTPA । ଆଗାମୀ ଦିନରେ ୨୦୪୭ ସୁଦ୍ଧା ଏହାକୁ ୫୦୦ MMTPAରୁ ଅଧିକ କରିବାର ଦୀର୍ଘମିଆଦୀ ଦୃଷ୍ଟିକୋଣ ରହିଛି । ଏହା କେବଳ ବନ୍ଦରର ବୃଦ୍ଧିକୁ ଦର୍ଶାଉନାହିଁ, ବରଂ ଏଗୁଡ଼ିକ ପାରାଦୀପର ବଦଳୁଥିବା ଆର୍ଥିକ ଭୂମିକାର ମଧ୍ୟ ଏକ ଚିତ୍ର ଦର୍ଶାଉଛି ।

ମେଗା ପୋର୍ଟ: ମାନ୍ୟତାଠାରୁ ଏବେ ଦାୟିତ୍ୱ ଅଧିକ- ବଲ୍କ ପୋର୍ଟ ମାନ୍ୟତା ପାଇଁ ପୂର୍ବବର୍ତ୍ତୀ ଆର୍ଥିକ ବର୍ଷରେ ୧୫୦ MMT କାର୍ଗୋ ପରିବହନର ସୀମା ନିର୍ଦ୍ଧାରିତ ହୋଇଥିବାବେଳେ କଣ୍ଟେନର ପୋର୍ଟ ପାଇଁ ଏହା ୭.୫ ନିଯୁତ ଟିଇୟୁ ସୀମା ନିର୍ଦ୍ଧାରିତ । ଆର୍ଥିକ ବର୍ଷ ୨୦୨୫-୨୬ରେ ୧୫୬.୪୫ ଗଗଟ ପରିବହନ ସହ ପାରାଦୀପ ନିର୍ଦ୍ଧାରିତ ବଲ୍କ କାର୍ଗୋ ସୀମା ଅତିକ୍ରମ କରିଛି । ଏହି ମାନ୍ୟତା ପାରାଦୀପ ଆଗରୁ ହାସଲ କରିଥିବା ବିଶାଳ ପରିମାଣର ସ୍ୱୀକୃତି । କିନ୍ତୁ ଏହା ଯାତ୍ରାର ଶେଷ ନୁହେଁ । ବରଂ ଏହା ଏକ ନୂଆ ପର୍ଯ୍ୟାୟର ଆରମ୍ଭ । ପାରାଦୀପକୁ ଏବେ ଅଧିକ ବଡ଼ ବଡ଼ ଜାହାଜ ପରିଚାଳନା, ଅଧିକ ପଣ୍ୟ ପ୍ରବାହ ସମ୍ଭାଳିବା, ଶିଳ୍ପ ସହ ସଂଯୋଗ ବଢ଼ାଇବା ଏବଂ ଏକ ଆଧୁନିକ ନୌବାଣିଜ୍ୟିକ ଅର୍ଥନୀତିର ଭିତ୍ତି ଗଢ଼ିବାକୁ ହେବ । ପରବର୍ତ୍ତୀ ପଦକ୍ଷେପ: ଅଧିକ ଗଭୀର, ଅଧିକ ବଡ଼, ଅଧିକ ସକ୍ଷମ

ପାରାଦୀପର ଭବିଷ୍ୟତ ବିକାଶର ଏକ ପ୍ରମୁଖ ଅଂଶ ହେଉଛି ସାମୁଦ୍ରିକ ଭିତ୍ତିଭୂମିର ବିସ୍ତାର । ବନ୍ଦର ସୀମା ପରେ ଆରମ୍ଭ ହୁଏ ପ୍ରକୃତ ଅର୍ଥନୀତି :- ଏକ ବଡ଼ ବନ୍ଦରର ମୂଲ୍ୟ କେବଳ ତାହାର ଜେଟି କିମ୍ବା ଟର୍ମିନାଲରେ ମପାଯାଏ ନାହିଁ । ପଣ୍ୟ କାରବାର କେତେ ଦ୍ରୁତ ଓ ସୁଗମ ଭାବରେ ବନ୍ଦରରୁ ଶିଳ୍ପ କେନ୍ଦ୍ର ଓ ବଜାରକୁ ପହଞ୍ଚୁଛି, ତାହା ମଧ୍ୟ ସମାନ ଗୁରୁତ୍ୱ ରଖେ । ଜାତୀୟ ରାଜପଥ-୫୩ ଓ ରାଜ୍ୟ ରାଜପଥ-୧୨ ଭଳି ସଡ଼କ ଓ ରେଳ ପଥ ସଂଯୋଗ ଏବଂ କଣ୍ଟେନର୍ କର୍ପୋରେସନ୍ ଅଫ୍ ଇଣ୍ଡିଆ ଲିମିଟେଡ୍ (CONCOR) ସହଯୋଗରେ ବିକଶିତ ୧୦୦ ଏକରର ମଲ୍ଟିମୋଡାଲ୍ ଲଜିଷ୍ଟିକ୍ସ ପାର୍କ ପାରାଦୀପକୁ ଏକ ବ୍ୟାପକ ଲଜିଷ୍ଟିକ୍ସ ନେଟୱର୍କ ସହ ଯୋଡ଼ିଛି । ଏଠାରେ ହିଁ ପାରାଦୀପର କାହାଣୀ 'କାର୍ଗୋ ମୁଭମେଣ୍ଟ'ରୁ 'ଭ୍ୟାଲୁ କ୍ରିଏସନ୍' ଦିଗକୁ ଗତି କରେ ।

ସ୍ୱଚ୍ଛ ଶକ୍ତି: ପାରାଦୀପର ନୂଆ ପରିଚୟର ଆଉ ଏକ ଅଧ୍ୟାୟ:- ଭବିଷ୍ୟତର ନୌବାଣିଜ୍ୟ ଅର୍ଥନୀତି କେବଳ ପାରମ୍ପରିକ ପଣ୍ୟ ଉପରେ ନିର୍ଭର କରିବ ନାହିଁ । ସ୍ୱଚ୍ଛ ଶକ୍ତି ଏହି ନୂଆ ଅର୍ଥନୀତିର ଏକ ମୁଖ୍ୟ ଅଂଶ ହୋଇପାରେ । ପାରାଦୀପକୁ ଏକ ଗ୍ରୀନ୍ ହାଇଡ୍ରୋଜେନ୍ ହବ୍ ଭାବେ ଚିହ୍ନଟ କରାଯାଇଛି । ଗ୍ରୀନ୍ ହାଇଡ୍ରୋଜେନ୍ ଓ ଗ୍ରୀନ୍ ଆମୋନିଆ ସମ୍ପର୍କିତ ଅନ୍ୟ ପଦାର୍ଥର ପରିଚାଳନା ପାଇଁ ଭିତ୍ତିଭୂମି ବିକାଶର ଯୋଜନା ରହିଛି ।

ଏଥିପାଇଁ କେନ୍ଦ୍ର ପକ୍ଷରୁ ୭୯୭.୧୭ କୋଟିର ଅନୁମୋଦନ ସହ ଏକ ସ୍ୱତନ୍ତ୍ର ଜେଟି ଓ ସମ୍ପର୍କିତ ସୁବିଧାର ଯୋଜନା ରହିଛି । ପ୍ରସ୍ତାବିତ କ୍ଷମତା ୪ MMTPA । କହିବାକୁ ଗଲେ ଏହି ପରିବର୍ତ୍ତନର ଅର୍ଥ କେବଳ ନୂଆ ପଣ୍ୟ କାରବାର ନୁହେଁ । ଅକ୍ଷୟ ଶକ୍ତି, ଉତ୍ପାଦନ, ସଂରକ୍ଷଣ, ପରିବହନ ଓ ରପ୍ତାନିକୁ ଏକ ସମନ୍ୱିତ ଶୃଙ୍ଖଳାରେ ଯୋଡ଼ିବାର ସୁଯୋଗ ମଧ୍ୟ ଏହା ଦେଇପାରେ । ଜାହାଜ ନିର୍ମାଣ: ବନ୍ଦରରୁ ନୌବାଣିଜ୍ୟିକ ଶିଳ୍ପ ପର୍ଯ୍ୟନ୍ତ - ପାରାଦୀପର



ବିକାଶର ଆଉ ଏକ ଆକର୍ଷଣୀୟ ଦିଗ ହେଉଛି ନୌବାଣିଜ୍ୟିକ ଉତ୍ପାଦନ । ପାରାଦୀପ ନିକଟରେ ପ୍ରସ୍ତାବିତ ୧.୫ ନିଯୁତ ଗ୍ରସ୍-ଟନ୍ କ୍ଷମତାର ଜାହାଜ ନିର୍ମାଣ ଓ ଜାହାଜ ମରାମତି ସୁବିଧା ବିକଶିତ ହେଲେ ମେରିନ୍ ଇଞ୍ଜିନିୟରିଂ, ଫ୍ୟାବ୍ରିକେସନ୍, ଯନ୍ତ୍ରପାତି, ବିଦ୍ୟୁତ ପ୍ରଣାଳୀ, ଡିଜାଇନ୍ ଓ ବିଭିନ୍ନ ବିଶେଷ ସେବା କ୍ଷେତ୍ରରେ ନୂଆ ସୁଯୋଗ ସୃଷ୍ଟି ହୋଇପାରେ । ଏହା ସହ ଆନୁଷଙ୍ଗିକ ଶିଳ୍ପ ବିକଶିତ ହେବାର ସମ୍ଭାବନା ମଧ୍ୟ ରହିଛି । ଅର୍ଥାତ୍, ପାରାଦୀପର ଭୂମିକା କେବଳ ଜାହାଜରୁ କାର୍ଗୋ ଖଲାସ କରିବା କିମ୍ବା ଜାହାଜରେ କାର୍ଗୋ ଲୋଡ୍ କରିବାରେ ସୀମିତ ରହିବ ନାହିଁ । ଏଠାରେ ଜାହାଜ ତିଆରି ଓ ମରାମତିରୁ ଆରମ୍ଭ କରି ନୌବାଣିଜ୍ୟିକ ଶିଳ୍ପର ଏକ ବଡ଼ ପରିବେଶ ଗଢ଼ିଉଠିବାର ସମ୍ଭାବନା ରହିଛି । ଡିଜିଟାଲ୍ ପାରାଦୀପ: ଦକ୍ଷତା ସହିତ ପ୍ରଯୁକ୍ତିବିଦ୍ୟା- ବୃହତ୍ତର ବନ୍ଦର ପାଇଁ ବଡ଼ ଭିତ୍ତିଭୂମି ଯେତିକି ଆବଶ୍ୟକ, ସେତିକି ଆବଶ୍ୟକ ଦକ୍ଷ ପରିଚାଳନା । ପାରାଦୀପରେ ଡକ୍ୟୁମେଣ୍ଟେସନ୍, ବର୍ଥ ମ୍ୟାନେଜମେଣ୍ଟ, ଜମି ପରିଚାଳନା, କ୍ରୟ, ପେମେଣ୍ଟ ଓ ଗେଟ୍ ଅପରେସନରେ ଡିଜିଟାଲ୍ ପ୍ରଣାଳୀ ଲାଗୁ ହେଉଛି ।

ବାଣିଜ୍ୟିକ ଉଦ୍ୟୋଗ, ଇଲେକ୍ଟ୍ରୋନିକ୍ ମେନିଫେଷ୍ଟ ଓ ଡେଲିଭରି ଅର୍ଡର, RFID, ଛଜ- ଆଧାରିତ ପ୍ରବେଶ, GIS, SCADA ଏବଂ AI-ସକ୍ଷମ ୟାର୍ଡ ମ୍ୟାନେଜମେଣ୍ଟ ଭଳି ପ୍ରଯୁକ୍ତିଗୁଡ଼ିକ ବନ୍ଦର ପରିଚାଳନାକୁ ଅଧିକ ସମନ୍ୱିତ କରୁଛି । ଜାହାଜ ଚଳାଚଳ ପରିଚାଳନା ଏବଂ ସୂଚନା ପ୍ରଣାଳୀ (VTMIS) ଜାହାଜ ନିରୀକ୍ଷଣ, ଦିଶାଜ୍ଞାନ ଓ ନୌବାଣିଜ୍ୟ ସୁରକ୍ଷାକୁ ଆହୁରି ସୁଦୃଢ଼ କରୁଛି । ସବୁଜ ବିକାଶ ସହିତ ବୃଦ୍ଧି : - ବିକାଶର ଗତି ସହିତ ପରିବେଶ ପ୍ରତି ଦାୟିତ୍ୱ ମଧ୍ୟ ସମାନ ଗୁରୁତ୍ୱ ରଖୁଛି । ପାରାଦୀପରେ ବୃକ୍ଷରୋପଣ ଓ ସହରୀୟ ସବୁଜୀକରଣ ପଦକ୍ଷେପ ଗ୍ରହଣ କରାଯାଇଛି, ଯାହାର ଅନ୍ତର୍ଗତ ୧୦ ଲକ୍ଷ ଗଛ ରୋପଣ ହୋଇ ସାରିଛି । ନିକଟରେ କେନ୍ଦ୍ର ବନ୍ଦର, ଜାହାଜ ଚଳାଚଳ ଓ ଜଳପଥ ମନ୍ତ୍ରୀ ଶ୍ରୀ ସର୍ବାନନ୍ଦ ସୋନୋୱାଲ ଦଶ ଲକ୍ଷତମ ବୃକ୍ଷ ରୋପଣ କରିଥିଲେ । ଏହା ଏକ ସ୍ୱୀକୃତି । ଏହି ସ୍ୱୀକୃତିକୁ ବାସ୍ତବ ଆର୍ଥିକ ସୁଯୋଗରେ ପରିଣତ କରିବା ପ୍ରକଳ୍ପ, ଶିଳ୍ପ, ଲଜିଷ୍ଟିକ୍ସ ଓ ମାନବ ସମ୍ବଳର ବିକାଶ ଉପରେ ପରବର୍ତ୍ତୀ ଦାୟିତ୍ୱ ରହିବ ।

ମାନବ ସମ୍ବଳ: ଆଗାମୀ ବିକାଶର ଭିତ୍ତି :- ଏକ ବଡ଼ ବନ୍ଦର କେବଳ କ୍ରେନ୍, ଟର୍ମିନାଲ୍ କିମ୍ବା ଜାହାଜରେ ନିର୍ମିତ ହୁଏ ନାହିଁ । ଏହାକୁ ଚଳାଇବା ପାଇଁ ଆବଶ୍ୟକ ଦକ୍ଷ ମାନବ ସମ୍ବଳ । ଲଜିଷ୍ଟିକ୍ସ, ଉତ୍ପାଦନ, ଇଞ୍ଜିନିୟରିଂ, ଜାହାଜ ନିର୍ମାଣ, ସ୍ୱଚ୍ଛ ଶକ୍ତି, ୱେୟାରହାଉସିଂ, ପ୍ରଯୁକ୍ତି ଓ ସାମୁଦ୍ରିକ ସେବାର ବିକାଶ ସହ ବିଶେଷଜ୍ଞ ଦକ୍ଷତାର ଚାହିଦା ବଢ଼ିବ ।

ଏହି ଆବଶ୍ୟକତାକୁ ଦୃଷ୍ଟିରେ ରଖି ପାରାଦୀପ ବନ୍ଦର କର୍ତ୍ତୃପକ୍ଷ ଉରଗଝ ଓ ଉଓଚରଞ୍ଜ ମାଧ୍ୟମରେ ଶିଳ୍ପ-ଉପଯୋଗୀ ଦକ୍ଷତା ବିକାଶ ପଦକ୍ଷେପ ଗ୍ରହଣ କରିଛି । ସମୁଦାୟ ବିକାଶ ମଧ୍ୟ ଏହି ଯାତ୍ରାର ଏକ ଅଂଶ । ଆର୍ଥିକ ବର୍ଷ ୨୦୨୫-୨୬ରେ ଚଟଇ ଶିକ୍ଷା, ସ୍ୱାସ୍ଥ୍ୟସେବା, ଦକ୍ଷତା ବିକାଶ ଓ ସମୁଦାୟ କଲ୍ୟାଣ କାର୍ଯ୍ୟକ୍ରମରେ ସିଏସ୍ଆର୍ ପାଣ୍ଠି ବିନିଯୋଗ କରିଛି । ୨୦୩୦ରୁ ୨୦୪୭: ଏକ ଦୀର୍ଘ ଯାତ୍ରା - ପାରାଦୀପର ବିକାଶ ଦୁଇଟି ବଡ଼ ସମୟସୀମାକୁ ଆଧାର କରି ଆଗକୁ ବଢ଼ୁଛି । ୨୦୩୦ର ଦୃଷ୍ଟିକୋଣରେ ଆଧୁନିକ ବନ୍ଦର ଭିତ୍ତିଭୂମି, ଦୃଢ଼ ଲଜିଷ୍ଟିକ୍ସ, ଡିଜିଟାଲ୍ ପରିଚାଳନା ଓ ନୂତନ ଶକ୍ତି ସୁବିଧା ଉପରେ ଗୁରୁତ୍ୱ ରହିଛି । ୨୦୪୭ର ଦୃଷ୍ଟିକୋଣ ଆହୁରି ବ୍ୟାପକ । ୫୦୦ ଗଞ୍ଜଟଇରୁ ଅଧିକ କ୍ଷମତା ସହ ଏକ ବିସ୍ତୃତ ସାମୁଦ୍ରିକ ଅର୍ଥନୀତି ଗଢ଼ିବା ଏହାର ଏକ ପ୍ରମୁଖ ଦିଗ । ଗଞ୍ଜାମ ଜିଲ୍ଲାର ବାହୁଦା ମୁହାଣ ଠାରେ ଏକ ସାଟେଲାଇଟ୍ ମେଜର ପୋର୍ଟ ବିକାଶ କରିବା ପାଇଁ ପ୍ରସ୍ତାବ ରହିଛି ।

ପୁରୀ ଠାରେ କ୍ରୁଜ୍ ଟର୍ମିନାଲ୍ ନିର୍ମାଣ ଓଡ଼ିଶା ବାସୀଙ୍କ ସମେତ ଦେଶ ବିଦେଶର ସମସ୍ତ ପର୍ଯ୍ୟଟକଙ୍କ ପାଇଁ ଜଳପଥ ଜାତାୟତର ଏକ ଉଚ୍ଚକୋଟିର ମାନଦଣ୍ଡ ସୃଷ୍ଟି କରିବ । ପାରାଦୀପ ବନ୍ଦରର ପଣ୍ୟ ପରିଚାଳନାକୁ ଆହୁରି ସୁଗମ କରିବ ୱେଷ୍ଟର୍ଣ୍ଣ ଡକ୍ । JPPLର ୨୫ MMTPA କ୍ଷମତା ବିଶିଷ୍ଟ ଏହି ପ୍ରକଳ୍ପକୁ ୩୦୦୫ କୋଟି ବ୍ୟୟରେ ଆଧୁନିକ ଓ ଉଚ୍ଚ ଯାନ୍ତ୍ରିକୀକୃତ ଭିତ୍ତିଭୂମି ସହିତ ବିକଶିତ କରାଯାଉଛି ।

ମେଗା ପୋର୍ଟ ପରେ କ'ଣ ?

ପାରାଦୀପର ମେଗା ପୋର୍ଟ ମାନ୍ୟତା ଏକ ଗୌରବମୟ ମାଇଲଖୁଣ୍ଟ । କିନ୍ତୁ ଏହା ଶେଷ ନୁହେଁ । ଏହା ଏକ ନୂଆ ଯାତ୍ରାର ଆରମ୍ଭ । ଗତ ଏକ ଦଶନ୍ଧିରେ କାର୍ଗୋ ପରିବହନ ଦୁଇଗୁଣରୁ ଅଧିକ ବୃଦ୍ଧି ପାଇ ୧୫୬.୪୫ MMTରେ ପହଞ୍ଚିଛି । ପ୍ରାୟ ୨୮୯ MTPAର ବର୍ତ୍ତମାନ କ୍ଷମତା ଏହି ବିକାଶର ଭିତ୍ତି ସୃଷ୍ଟି କରିଛି । ଆଗାମୀ ଦିନରେ ଗଭୀର ସାମୁଦ୍ରିକ ଭିତ୍ତିଭୂମି, ଦକ୍ଷ ଲଜିଷ୍ଟିକ୍ସ, ଶିଳ୍ପ ବିକାଶ, ସ୍ୱଚ୍ଛ ଶକ୍ତି, ସାମୁଦ୍ରିକ ଉତ୍ପାଦନ, ଡିଜିଟାଲ୍ କ୍ଷମତା ଓ ଦକ୍ଷ ମାନବ ସମ୍ବଳ ଏହି ଯାତ୍ରାର ମୁଖ୍ୟ ସ୍ତମ୍ଭ ହେବ । ଶେଷରେ, ପାରାଦୀପର ଗୁରୁତ୍ୱ କେବଳ ଏହାର ଟର୍ମିନାଲ ଦେଇ କେତେ କାର୍ଗୋ ଯାଉଛି, ତାହାରେ ସୀମିତ ରହିବ ନାହିଁ । ଏହାର ପ୍ରକୃତ ପ୍ରଭାବ ମପାଯିବ ଏହା ସହ କେତେ ଶିଳ୍ପ ଯୋଡ଼ିତ ହେଉଛି, କେତେ ନିବେଶ ସମ୍ଭବ ହେଉଛି, କେତେ ନୂଆ ଦକ୍ଷତା ବିକଶିତ ହେଉଛି ଏବଂ ଓଡ଼ିଶା ଓ ବ୍ୟାପକ ଅଞ୍ଚଳ ପାଇଁ କେତେ ନୂଆ ଆର୍ଥିକ ସୁଯୋଗ ସୃଷ୍ଟି ହେଉଛି, ତାହା ଏହି ମେଗା ପୋର୍ଟର ମାନ୍ୟତା ପାରାଦୀପର ଭବିଷ୍ୟତର ପରିଚୟ ହେବ ।

କବିତା କୋଣାର୍କ

## ମହାଳୟା

**ଦିନେଶ ମେହେର**

ଗୋଟେ ଅନ୍ଧକାର ଅମାବାସ୍ୟା
ଯାହାକୁ ଅନେଇ ରହିଥାଏ
ବିଶ୍ୱ ବ୍ରହ୍ମାଣ୍ଡ,
ଯାହାର ପଦାର୍ପଣେ ଆଲୋକିତ
ହୋଇଉଠେ
ତମାମ୍ ଜୀବନ.....!
ଏଇ ଏବେ ଏବେ ନଈପଠା,
ବିଲହିଡ଼ ଆଉ ଦୂର ଦିଗନ୍ତର
ବାଟ କଡ଼ରେ କିଏ ଜଣେ
ବୁଣି ଦେଇଯାଇଛି ଧବଳ ମୁରୁଜ,
କେହି ଜଣେ ଆକାଶରେ ନୀଳ ରଙ୍ଗମାଖି
ଲୁଚେଇ ଦେଇଛି ସବୁତକ ମେଘ
ବୋଧେ କେହି ଜଣେ ତ ଥିବ
ଧରଣୀକୁ ଯିଏ କରି ଦେଇଛି
ଶସ୍ୟ ଶ୍ୟାମଳା,
ଭରି ଦେଇଛି ସବୁଜିମା...!
ରୁହ,
ଦୂରରୁ ଶୁଭି ଆସୁଛି
କ୍ରିଂ ବୀଜମନ୍ତ୍ରର ଧ୍ୱନୀ
ବୋଧେ ଆବାହନୀ ମନ୍ତ୍ରର ସୁରେ ସୁରେ
କେହି ଜଣେ ଅବତରି ଆସୁଛି
ଏଇ ଧରାପୃଷ୍ଠକୁ,
ଧୂପ, ଗୁଗୁଲ, ଚନ୍ଦନର
ମହ ମହ ବାସ୍ନାରେ
ମହକି ଉଠୁଛି
ଭବାନୀପାଟଣାରୁ ବାଦାମବାଡ଼ି.....
ହଁ ହଁ ଏଇତ ଲଗ୍ନ
ଦେବୀ ଆସିବାର
ଶୁଭ ମହୁରତ୍.....!
ଦେବୀ ଆସିବ ରକ୍ତମୁଖା ହେଇ
ହେଲେ ଏଠି ତାର ଧବଳମୁଖୀ ବେଶ
ଶାନ୍ତ କରିଦେବ ନବଗ୍ରହକୁ,
ପୁଣି ଶାନ୍ତିର ସ୍ୱରୂପ ପାରାକୁ ନିଜ
ମଥାରେ ସଜେଇ
ଛତର୍ ଧରି ଓହରି ଆସିବ
ଜେନାଖାଲରୁ ରାଜବାଟୀକୁ,
ହଁ ସେ ନିଶ୍ଚୟ ଆସିବ
ଗଲାସନ କଥା ଦେଇଥିଲା
ଆସିବ ବୋଲି
ଏଥରକୁ ନିଶ୍ଚୟ ଆସିବ
ଆସିଲେ ତ୍ରାହି ପାଇଯିବ ଅଧାଗଢ଼ା
ଜୀବନ ମୋର,
ହଁ ସେ ଆସିବ
ଖଣ୍ଡା ଖର୍ପର ଧରି ଆସିବ.......!

+ଜୁନାଗଡ଼, କଳାହାଣ୍ଡି
ମୋ - ୮୦୧୮୮୨୮୪୫୬

## ପାର୍ବଣ ବେଳରେ ତୁମ ଅପେକ୍ଷାରେ

**ନିରଞ୍ଜନ ସାହୁ**

ଭାବୁଛି ଏଥର ପାର୍ବଣ ବେଳରେ
ତୁମକୁ ଅପେକ୍ଷା କରିବି
ଯଦି ତୁମ ସାଥେ ଭେଟ ହୋଇଗଲା
ମନରେ ଭାବନା ଭରିବି ।
ଏକାଳ ସେକାଳ ଅନୁଭବ କରି
ଗଳପ ଗୋଟିଏ ଲେଖିବି
ସେ ଗଳ୍ପ ଭିତରେ ତୁମ ହାବଭାବ
ଭଲକି ନିରେଖି ଦେଖିବି
ଅପ୍ରିୟ ସତ୍ୟ ମୁଁ ପ୍ରକାଶ ନିମନ୍ତେ
କାହାକୁ କାହିଁକି ଡ଼ରିବି ?
ସେଦିନ ଏଦିନ ଭିତରେ ଯେତିକି
ବ୍ୟବଧାନ ଆସି ରହିଲା
ବିତି ଯାଇଥିବା ସମୟ ଆମକୁ
କେଉଁ ନୂଆକଥା କହିଲା
କଲମ କହୁଛି, 'ସେକଥା ଲେଖିବ
ନହେଲେ କାହିଁକି ଝରିବି ?
ତୁମ ସାଥେ ଗପସପ କରିବାର
ଅବକାଶ ଯଦି ଜୁଟିବ
ଭାବ ବିନିମୟ କରିବିନି କେବେ
ସମ୍ପର୍କ କାହିଁକି ତୁଟିବ
ଯେମିତି ରହିଛି ଭଲରେ ରହିଛି
ନ ବଞ୍ଚି କାହିଁକି ମରିବି ?
ସେହି ଗଳ୍ପ ଯେବେ ପ୍ରକାଶିତ ହେବ
ତୁମେ ଯଦି ଥରେ ପଢିବ
ଅତୀତ ଓ ଭବିଷ୍ୟତ ମଧ୍ୟେ ରହି
ବର୍ତ୍ତମାନ ସହ ଲଢ଼ିବ
ଅଧା ପଢିଥିବ ଭୟରେ ଜଡିବ
କହିବ, 'ପଢିଲେ ଥରିବି ।'

+ନିହଲ ପ୍ରସାଦ, ଗଁଦିଆ ପାଟଣା
ଢେଙ୍କାନାଳ -- ୭୫୯୦୧୬
ମୋ :-- ୯୯୩୮୭୪୧୫୮୩

## ଜିଲ୍ଲାସ୍ତରୀୟ ଖୋଖୋ ଚୟନ ପ୍ରକ୍ରିୟା ଅକ୍ଟୋବର ୧୧ରେ

ଭଦ୍ରକ,୦୯/୧୦ (ନି.ପ୍ର): ରାଜ୍ୟ ସ୍ତରୀୟ ପୁରୁଷ ଓ ମହିଳା ଖୋଖୋ ପ୍ରତିଯୋଗିତା ନିମନ୍ତେ ଭଦ୍ରକ ଜିଲ୍ଲା ଆଥଲେଟିକ୍ ସଂଘ ତରଫରୁ ଆସନ୍ତା ଅକ୍ଟୋବର ୧୧ ତାରିଖ (ରବିବାର)୨୦୨୬ ଦିନ ୮ ଟା ସମୟ ରେ ଭଦ୍ରକ କଲେଜ ପଡ଼ିଆରେ ଜିଲ୍ଲା ସ୍ତରୀୟ ପୁରୁଷ ଓ ମହିଳା ଖୋଖୋ ଖେଳାଳୀ ମାନଙ୍କ ର ଏକ ଚୟନ ପ୍ରକ୍ରିୟା ଅନୁଷ୍ଠିତ ହେବ ବୋଲି ଭଦ୍ରକ ଜିଲ୍ଲା ଆଥଲେଟିକ ସଂଘ ର ସଂପାଦକ ଧିରେନ୍ ପଲାଇ ଏକ ପ୍ରେସ୍ ବିବୃତି ରେ ସୂଚନା ଦେଇଛନ୍ତି । ଖେଳାଳୀ ମାନେ ନିଜର ଜନ୍ମଗତ ପ୍ରମାଣ ପତ୍ର ଅଥବା ଆଧାର ର ନକଲ ନେଇ ଆସିଥିବେ। ସମସ୍ତ ଖେଳାଳୀ ସକାଳ ୮ ଟା ପୂର୍ବରୁ ପହଂଚିବା କୁ ସୂଚିତ କରାଗଲା । ଅଧିକ ସୂଚନା ପାଇଁ ଏହି ମୋବାଇଲ ନମ୍ବର (୯୪୩୭୫୧୫୦୪୪) ରେ ଯୋଗାଯୋଗ କରି ପାରିବେ।

## ଭଦ୍ରକ ମହିଳା ମହାବିଦ୍ୟାଳୟ ଅନିର୍ଦ୍ଦିଷ୍ଟ କାଳ ପାଇଁ ବନ୍ଦ

ଭଦ୍ରକ,୦୯/୧୦ (ନି.ପ୍ର): ଛାତ୍ର ସଂସଦ ନିର୍ବାଚନ ବାତିଲକୁ ନେଇ କଲେଜ କ୍ୟାମ୍ପସରେ ଛାତ୍ରଛାତ୍ରୀଙ୍କ ବିଭିନ୍ନ ଗୋଷ୍ଠୀ ମଧ୍ୟରେ ଉତ୍ତେଜନା ଓ ଆନ୍ଦୋଳନ ଜାରି ରହିଥିବାରୁ ଭଦ୍ରକ ମହିଳା ମହାବିଦ୍ୟାଳୟକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ବନ୍ଦ ଘୋଷଣା କରାଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷଙ୍କ କାର୍ଯ୍ୟାଳୟ ପକ୍ଷରୁ ଅକ୍ଟୋବର ୯ ତାରିଖରେ ଜାରି ହୋଇଥିବା ବିଜ୍ଞପ୍ତି ଅନୁଯାୟୀ, ଅକ୍ଟୋବର ୮ ତାରିଖରେ ଛାତ୍ର ସଂସଦ ନିର୍ବାଚନ ବାତିଲ ହେବା ପରେ କଲେଜ ପରିସରରେ ବିଭିନ୍ନ ଛାତ୍ରଗୋଷ୍ଠୀଙ୍କ ଆନ୍ଦୋଳନ ଯୋଗୁଁ ଶାନ୍ତିପୂର୍ଣ୍ଣ ଶୈକ୍ଷିକ ପରିବେଶ ବ୍ୟାହତ ହୋଇଛି। ଏହାକୁ ଦୃଷ୍ଟିରେ ରଖି ଅକ୍ଟୋବର ୧୦ ତାରିଖଠାରୁ ପରବର୍ତ୍ତୀ ନିର୍ଦ୍ଦେଶ ନ ଆସିବା ପର୍ଯ୍ୟନ୍ତ କଲେଜ ବନ୍ଦ ରଖିବାକୁ କର୍ତ୍ତୃପକ୍ଷ ନିଷ୍ପତ୍ତି ନେଇଛନ୍ତି। ଏହି ସମୟରେ ପାଠପଢ଼ା, ଶ୍ରେଣୀକାର୍ଯ୍ୟ ଓ ଅତ୍ୟାବଶ୍ୟକ ସେବା ବ୍ୟତୀତ ଅନ୍ୟ ସମସ୍ତ ପ୍ରଶାସନିକ କାର୍ଯ୍ୟ ବନ୍ଦ ରହିବ। ଛାତ୍ରୀମାନଙ୍କୁ ଶାନ୍ତି ବଜାୟ ରଖିବା ସହ କଲେଜର ଅଫିସିଆଲ୍ ହ୍ୱାଟ୍ସଆପ୍ ଗ୍ରୁପ୍ ଓ ନୋଟିସ୍ ବୋର୍ଡ ମାଧ୍ୟମରେ ପୁନଃ ଖୋଲିବା ସମ୍ପର୍କିତ ସୂଚନା ଜାଣିବାକୁ ପରାମର୍ଶ ଦିଆଯାଇଛି। ପରବର୍ତ୍ତୀ ନିର୍ଦ୍ଦେଶ ଜାରି ହେବା ପର୍ଯ୍ୟନ୍ତ ଏହି ବନ୍ଦ ନିଷ୍ପତ୍ତି ବଳବତ୍ତର ରହିବ ବୋଲି ବିଜ୍ଞପ୍ତିରେ ଉଲ୍ଲେଖ ରହିଛି।

# ଝାରସୁଗୁଡ଼ାରୁ ପୁରୀ ଅଭିମୁଖେ ବାହାରିଲା ବରିଷ୍ଠ ନାଗରିକ ତୀର୍ଥଯାତ୍ରୀ ବସ୍

ଝାରସୁଗୁଡ଼ା,୦୯/୧୦ (ନି.ପ୍ର): ରାଜ୍ୟ ସରକାରଙ୍କ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା 'ଶ୍ରୀ ଜଗନ୍ନାଥ ଦର୍ଶନ' କାର୍ଯ୍ୟକ୍ରମ ଅଧୀନରେ ଝାରସୁଗୁଡ଼ା ଜିଲ୍ଲାର ପ୍ରାୟ ୪୦୦ ବରିଷ୍ଠ ନାଗରିକଙ୍କୁ ନେଇ ଏକ ସ୍ୱତନ୍ତ୍ର ତୀର୍ଥଯାତ୍ରା ଦଳ ଶ୍ରୀକ୍ଷେତ୍ର ପୁରୀ ଅଭିମୁଖେ ଯାତ୍ରା କରିଛି। ଆଜି ଅପରାହ୍ନ ୫ଟା ସମୟରେ ସ୍ଥାନୀୟ ମନମୋହନ ପଡ଼ିଆଠାରେ ଆୟୋଜିତ ଏକ ଭବ୍ୟ ଉତ୍ସବରେ ମୁଖ୍ୟଅତିଥି ଭାବେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ସମ୍ମାନୀତ ଅତିଥି ଭାବେ ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ ଯୋଗଦେଇ ଓଏସଆରଟିସି ବସ୍ ଗୁଡ଼ିକୁ ସବୁଜ ପତାକା ଦେଖାଇ ଯାତ୍ରାର ଶୁଭାରମ୍ଭ କରିଛନ୍ତି। କାର୍ଯ୍ୟକ୍ରମରେ ଅନ୍ୟ ସମ୍ମାନୀତ ଅତିଥି ଜିଲ୍ଲା ପରିଷଦ ଅଧ୍ୟକ୍ଷା ତୁଳାବତୀ ମିଞ୍ଜ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ବିଶ୍ୱରଞ୍ଜନ ନାୟକ, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ବ୍ରଜବନ୍ଧୁ ଭୋଇ, ଉପଜିଲ୍ଲାପାଳ ସବ୍ୟସାଚୀ ପଣ୍ଡା ଏବଂ ବିଜେପି ଜିଲ୍ଲା ସଭାପତି ରଘୁନନ୍ଦନ ପଣ୍ଡା, ସାଂସଦଙ୍କ ପ୍ରତିନିଧି ଶ୍ଳୋକ ସର୍ତ୍ତକ୍ଷ ଅତିଥି ଭାବେ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଉଦ୍ବୋଧନ ଦେଇ କହିଛନ୍ତି, 'ରାଜ୍ୟ ସରକାର ସବୁବେଳେ ବରିଷ୍ଠ ନାଗରିକଙ୍କ କଲ୍ୟାଣ ଏବଂ ସମ୍ମାନ ପାଇଁ ପ୍ରତିବଦ୍ଧ। ଆମ ସଂସ୍କୃତିରେ ପିତାମାତାଙ୍କ ସେବା ହିଁ ସର୍ବୋପରି। ଆଜିର ଯୁବପିଢ଼ି ତଥା ଜେନ-ଜି ର ପିଲାମାନେ ପୁରାଣର 'ଶ୍ରବଣ କୁମାର'ଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ନିଜ ବାପା-ମା'ଙ୍କ ଯତ୍ନ ନେବା ଆବଶ୍ୟକ। ଆଜି ଆମ ସରକାର ପ୍ରତ୍ୟେକ ବରିଷ୍ଠ ନାଗରିକଙ୍କ ପାଇଁ ଶ୍ରବଣ କୁମାରର ଭୂମିକା ତୁଲାଇ ସେମାନଙ୍କୁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ କରାଇବାର ସୁଯୋଗ ଦେଇ ଧନ୍ୟ ମନେ କରୁଛି।' ସେହିପରି ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ ଉଦ୍‌ବୋଧନ ଦେଇ କହିଛନ୍ତି, 'ଆମ ଅଂଚଳର ବରିଷ୍ଠ ନାଗରିକମାନଙ୍କୁ ସୁରକ୍ଷିତ ତଥା ସମ୍ମାନର ସହ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ କରାଇବା ଆମ ପାଇଁ ଅତ୍ୟନ୍ତ ଆନନ୍ଦ ଓ ସୌଭାଗ୍ୟର ବିଷୟ। ଜୀବନରେ ମହାପ୍ରଭୁଙ୍କ ଶ୍ରୀମନ୍ଦିର ପରିକ୍ରମା ଓ ଦର୍ଶନ କରିବା ପ୍ରତ୍ୟେକ ଓଡ଼ିଆଙ୍କ ଚିର ଅଭିଳାଷ ହୋଇଥାଏ। ଏହି ଯାତ୍ରା ସେମାନଙ୍କ ମନରେ ନୂଆ ଉତ୍ସାହ ଓ ଆଧ୍ୟାତ୍ମିକ ଶାନ୍ତି ଆଣିଦେବ ଏବଂ ଆଗାମୀ ଦିନରେ ଏଭଳି ସେବା କାର୍ଯ୍ୟ ଜାରି ରହିବ।' ଏହି ଅବସରରେ ଉପସ୍ଥିତ ଅତିଥିମାନେ ସିଧାସଳଖ ବସ୍ ନିକଟକୁ ଯାଇ ତୀର୍ଥଯାତ୍ରୀମାନଙ୍କୁ ଭେଟିବା ସହ ସେମାନଙ୍କ ସୁବିଧା-ଅସୁବିଧା ବିଷୟରେ ପଚାରି ବୁଝିଥିଲେ। ବ୍ରଜରାଜନଗରର ଖତୁରାମ ତନ୍ତୀଙ୍କ ସମେତ ଅନେକ ବରିଷ୍ଠ ନାଗରିକ ଏହି ଯାତ୍ରାର ସୁଯୋଗ ପାଇଥିବାରୁ ଭାବବିହ୍ୱଳ ହୋଇ ନିଜର ଅନୁଭୂତି ପ୍ରକାଶ କରିବା ସହ ରାଜ୍ୟ ସରକାର ଓ ପ୍ରଶାସନକୁ କୃତଜ୍ଞତା ଜଣାଇଥିଲେ। ଯାତ୍ରୀମାନଙ୍କ ସ୍ୱାସ୍ଥ୍ୟ ଏବଂ ସୁରକ୍ଷାକୁ ଦୃଷ୍ଟିରେ ରଖି ପ୍ରଶାସନ ତରଫରୁ ଏକ ସ୍ୱତନ୍ତ୍ର ଡାକ୍ତରୀ ଟିମ୍ ସହ ଯତ୍ନ ନେବା ପାଇଁ ଏକ ସମର୍ପିତ 'ଶ୍ରବଣ କୁମାର ଟିମ୍'ଙ୍କୁ ଏହି ଯାତ୍ରାରେ ସାମିଲ କରାଯାଇଛି। ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ତଥା ଜିଲ୍ଲା ସଂସ୍କୃତି ଅଧିକାରୀ ରୀତାକାନ୍ତି ବଳିୟାରସିଂହ ଏବଂ ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ କୃଷ୍ଣକେଶୀ ବଳିୟାରସିଂହ ମଂଚ ପରିଚାଳନା କରିଥିଲେ। ଜିଲ୍ଲା ପର୍ଯ୍ୟଟନ ଉନ୍ନୟନ ଅଧିକାରୀ ସୋମେଶ ଆଚାର୍ଯ୍ୟ, ଜିଲ୍ଲା କ୍ରୀଡ଼ା ଅଧିକାରୀ ଅମ୍ରିତ ଆଚାର୍ଯ୍ୟ ଏବଂ ସହକାରୀ ଜିଲ୍ଲାପାଳ ବିଶ୍ୱଜିତ ରାଉତ ଉପସ୍ଥିତ ରହି ସମସ୍ତ କାର୍ଯ୍ୟକ୍ରମକୁ ସୁଚାରୁରୂପେ ସଂଯୋଜନା କରିଥିଲେ। ଶେଷରେ ଜୟ ଜଗନ୍ନାଥ ଧ୍ୱନି, ହରିବୋଲ, ହୁଳହୁଳି ମଧ୍ୟରେ ବସ୍ ଗୁଡ଼ିକ ଶ୍ରୀକ୍ଷେତ୍ର ଅଭିମୁଖେ ଯାତ୍ରା ଆରମ୍ଭ କରିଥିଲା।

# ତେଲେଙ୍ଗାନା ନମ୍ବର ଅଟୋରୁ ୨୨ କେଜି ଗଞ୍ଜେଇ ଜବତ: ୨ ଗିରଫ

ମାଲକାନଗିରି,୦୯/୧୦ (ନି.ପ୍ର): ଗଞ୍ଜେଇ ଚୋରାଚାଲାଣ ବିରୋଧରେ କାଲିମେଳା ପୋଲିସକୁ ସଫଳତା ମିଳିଛି। ଦୀର୍ଘ ସମୟ ଧରି ପିଛା କରିବା ପରେ ଜାତୀୟ ରାଜପଥ ନମ୍ବର ୩୨୬ର ଏମ.ଭି. ୯୦ ଗ୍ରାମ ନିକଟରୁ ଏକ ତେଲେଙ୍ଗାନା ନମ୍ବର ବିଶିଷ୍ଟ ଅଟୋକୁ ଅଟକାଇ ପୋଲିସ ୨୨ କେଜି ଗଞ୍ଜେଇ ଜବତ କରିଛି।ଏହି ଘଟଣାରେ ମୋଟୁ ଥାନା ଅନ୍ତର୍ଗତ ପୁଷୁଗୁଡ଼ା ଗ୍ରାମର ଚେନ୍ଦ୍ର ସାଲବାମ (୪୫) ଏବଂ ମେଟାଗୁଡ଼ା ଗ୍ରାମର ରାମମୂର୍ତ୍ତି ସାଲବାମ (୨୧)ଙ୍କୁ ପୋଲିସ ଗିରଫ କରିଛି। ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ୨ ଲକ୍ଷ ୨୦ ହଜାର ଟଙ୍କା ବୋଲି ପୋଲିସ ପକ୍ଷରୁ ସୂଚନା ମିଳିଛି। ପୋଲିସ ଏକ ଟିଏସ୨୮ଟି - ୨୦୦୨ ନମ୍ବର ଅଟୋ, ଦୁଇଟି ମୋବାଇଲ ଫୋନ ମଧ୍ୟ ଜବତ କରିଛି। ଘଟଣା ସମ୍ପର୍କରେ କାଲିମେଳା ଥାନା କେସ୍ ନଂ ୨୪୬/୨୦୨୬, ଧାରା ୨୦(ବି)(ଆଇ ଆଇ)ସି /୨୯ ଏନ ଡି ପି ଏସ ଆକ୍ଟ ଅନୁଯାୟୀ ମାମଲା ରୁଜୁ ହୋଇଛି। ଗଞ୍ଜେଇ ଚାଲାଣର ମାଷ୍ଟରମାଇଣ୍ଡ ଓ ଅନ୍ୟ ସହଯୋଗୀଙ୍କ ସମ୍ପର୍କରେ ତଦନ୍ତ ଚାଲିଥିବା ଥାନାଧିକାରୀ ପ୍ରଭୁଦତ୍ତ ବିଶ୍ୱାଳ କହିଛନ୍ତି । ଗିରଫ ଦୁଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି।

# ମାଲକାନଗିରିରେ ଜୋଶ୍ ଦଳର ଜିଲ୍ଲାସ୍ତରୀୟ ଶୁଭାରମ୍ଭ: ଯକ୍ଷ୍ମା ମୁକ୍ତ ପଂଚାୟତର ସରପଂଚମାନେ ସମ୍ମାନିତ

ମାଲକାନଗିରି ,୦୯/୧୦ (ନି.ପ୍ର): ଜିଲ୍ଲାରେ ଜନସ୍ୱାସ୍ଥ୍ୟ ସଚେତନତା ଓ ରୋଗ ନିରାକରଣକୁ ତ୍ୱରାନିତ କରିବା ଉଦ୍ଦେଶ୍ୟରେ ଆଜି ଜିଲ୍ଲାସ୍ତରୀୟ ଜୋଶ୍ ଦଳର ଶୁଭାରମ୍ଭ କାର୍ଯ୍ୟକ୍ରମ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ନିଜ ନିଜ ଅଂଚଳକୁ ଯକ୍ଷ୍ମା ମୁକ୍ତ କରିବାରେ ସଫଳତା ହାସଲ କରିଥିବା ସ୍ଥାନୀୟ ଜନପ୍ରତିନିଧିମାନଙ୍କ ପାଇଁ ଏକ ସମ୍ବର୍ଦ୍ଧନା ସଭାର ମଧ୍ୟ ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ମାଲକାନଗିରି ସିଡିଏମ ଓ ପିଏଚଓ ଡାକ୍ତର ମାନସ ରଞ୍ଜନ ପଣ୍ଡା ସଭାପତିତ୍ୱ କରିଥିବା ବେଳେ ସାଂସଦଙ୍କ ପ୍ରତିନିଧି ବିଜୟ ମହାରଣା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ମଂଚରେ ଅନ୍ୟ ପ୍ରମୁଖ ଅତିଥିମାନଙ୍କ ମଧ୍ୟରେ ଏଡିପିଏଚଓ (ପରିବାର କଲ୍ୟାଣ) ଡାକ୍ତର ମିନତୀ ମହାନ୍ତି, ଡିଏମଓ (ଏମଏସ) ତଥା ମାଲକାନଗିରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଅଧୀକ୍ଷକ ଡାକ୍ତର ସୁରୁମା ବେହେରା, ଏଡିପିଏଚଓ (କୁଷ୍ଠ) ଡାକ୍ତର ଏନଟିସି ବେହେରା ଏବଂ ଏଡିପିଏଚଓ (ଭିବିଡି/ଟିବି) ଡାକ୍ତର ସୌଭାଗ୍ୟ ରଞ୍ଜନ ରଣସିଂହ ପ୍ରମୁଖ ଉପସ୍ଥିତ ଥିଲେ। ଏହି ନୂତନ ଅଭିଯାନର ଶୁଭାରମ୍ଭ ଅବସରରେ ସିଡିଏମ ଓ ପିଏଚଓ ଡାକ୍ତର ପଣ୍ଡା କହିଛନ୍ତି ଯେ ମାଲକାନଗିରି ଜିଲ୍ଲାରୁ ଯକ୍ଷ୍ମା ରୋଗର ସମ୍ପୂର୍ଣ୍ଣ ନିର୍ମୂଳ କରିବା ଆମର ମୂଳ ଲକ୍ଷ୍ୟ। ସେ ଗୁରୁତ୍ୱାରୋପ କରି କହିଛନ୍ତି ଯେ ନବଗଠିତ ଜୋଶ୍ ଦଳ ତୃଣମୂଳ ସ୍ତରରେ ରୋଗୀ ଚିହ୍ନଟ, ପ୍ରାରମ୍ଭିକ ପରୀକ୍ଷା ଏବଂ ବ୍ୟାପକ ସଚେତନତା ସୃଷ୍ଟି କରିବାରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିବ। ଏଥିସହ ପ୍ରମାଣପତ୍ର ହାସଲ କରିଥିବା ଜନପ୍ରତିନିଧିମାନଙ୍କ ନିଷ୍ଠା ଅନ୍ୟମାନଙ୍କ ପାଇଁ ଏକ ପ୍ରେରଣାଦାୟୀ ଉଦାହରଣ ବୋଲି ପ୍ରକାଶ କରିବା ସହ ସମସ୍ତଙ୍କ ମିଳିତ ସହଯୋଗରେ ହିଁ ଜିଲ୍ଲାକୁ ସମ୍ପୂର୍ଣ୍ଣ ଯକ୍ଷ୍ମା ମୁକ୍ତ କରାଯାଇପାରିବ ବୋଲି ସେ କହିଛନ୍ତି। ଏହି କାର୍ଯ୍ୟକ୍ରମର ଅନ୍ୟ ଏକ ମୁଖ୍ୟ ଆକର୍ଷଣ ଥିଲା ଯକ୍ଷ୍ମା ନିରାକରଣ ଦିଗରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ସ୍ଥାନୀୟ ନେତାମାନଙ୍କୁ ସିଡିଏମ ଓ ପିଏଚଓଙ୍କ ଦ୍ୱାରା ସମ୍ମାନଜନକ ଯକ୍ଷ୍ମା ମୁକ୍ତ ପଂଚାୟତ ପ୍ରମାଣପତ୍ର ପ୍ରଦାନ। ଏହି ଅବସରରେ ପାଣ୍ଡ୍ରିପାଣିର ନାଏବ ସରପଂଚ ଖିଲ୍ଲାନା ଗୋଲୋରୀ, ପେଡ଼ାୱାଡାର ସରପଂଚ ବନିତା କୁରାମୀ ଏବଂ ମାଡ଼କାପଦରର ସରପଂଚ ଡମ୍ବରୁ ସିସାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଶୁଭାରମ୍ଭ ଉତ୍ସବ ଏବଂ ସମୀକ୍ଷା ବୈଠକରେ ଜିଲ୍ଲା ଓ ବ୍ଲକ ସ୍ତରର ଅନେକ ସ୍ୱାସ୍ଥ୍ୟକର୍ମୀ, ଯୋଜନା ପରିଚାଳନା କର୍ମଚାରୀ ଏବଂ ସ୍ଥାନୀୟ ପ୍ରଶାସନିକ କର୍ମକର୍ତ୍ତା ସକ୍ରିୟ ଭାବେ ଉପସ୍ଥିତ ଥିଲେ।

# ବ୍ରଜରାଜନଗରରେ ୨.୩ କେଜି ଗଞ୍ଜେଇ ଓ ୧୦ ଗ୍ରାମ ସନ୍ଦିଗ୍ଧ ବ୍ରାଉନସୁଗର ଜବତ: ୨ ଗିରଫ

ଝାରସୁଗୁଡ଼ା,୦୯/୧୦ (ନି.ପ୍ର): 'ଅପରେସନ ନେତ୍ର' ଅଭିଯାନ ଅଧୀନରେ ବ୍ରଜରାଜନଗର ପୁଲିସ ନିଶାଦ୍ରବ୍ୟ ଚାଲାଣ ବିରୋଧରେ ବଡ଼ ସଫଳତା ହାସଲ କରିଛି। ଗୁରୁବାର ପୁଲିସ ୨ କେଜି ୩୦୦ ଗ୍ରାମ ଗଞ୍ଜେଇ ଓ ୧୦ ଗ୍ରାମ ସନ୍ଦିଗ୍ଧ ବ୍ରାଉନସୁଗର/ହେରୋଇନ୍ ଜବତ କରିବା ସହ ଘଟଣାରେ ଦୁଇ ଜଣଙ୍କୁ ଗିରଫ କରିଛି। ଏଥିସହ ଏକ ଇଲେକ୍ଟ୍ରିକ୍ ସ୍କୁଟର, ଦୁଇଟି ମୋବାଇଲ୍ ଫୋନ୍ ଓ ନଗଦ ୮୨୦ ଟଙ୍କା ଜବତ ହୋଇଛି। ପୁଲିସ ସୂଚନାନୁସାରେ, ଗାନ୍ଧୀଛକ ଫାଣ୍ଡି ଇନ୍ଚାର୍ଜ ଏସଆଇ ମଦନ ମୋହନ ନାଏକଙ୍କ ନେତୃତ୍ୱରେ ପୁଲିସ ଟିମ୍ କୁ ଦୁଇ ଜଣ ବ୍ୟକ୍ତି ସ୍କୁଟରରେ ନିଶାଦ୍ରବ୍ୟ ଚାଲାଣ କରୁଥିବା ନେଇ ବିଶ୍ୱସନୀୟ ସୂଚନା ମିଳିଥିଲା। ଏହାପରେ ଟିମ୍ ଖଲିଆକାନି କଲଭର୍ଟ ନିକଟରେ ସ୍କୁଟରକୁ ଅଟକାଇ ଯାଂଚ୍ କରିଥିଲା। ଚାଳକ ଓ ପଛରେ ବସିଥିବା ବ୍ୟକ୍ତିଙ୍କ ମଧ୍ୟରେ ଥିବା ଏକ ପ୍ଲାଷ୍ଟିକ୍ ବସ୍ତାରୁ ନିଶାଦ୍ରବ୍ୟ ମିଳିଥିଲା। ଏନ୍ଡିପିଏସ୍ ଆଇନ ଅନୁଯାୟୀ ଆବଶ୍ୟକ ପ୍ରକ୍ରିୟା ପାଳନ କରି ପୁଲିସ ଏହାକୁ ଜବତ କରିଥିଲା। ଗିରଫ ଦୁଇ ଅଭିଯୁକ୍ତ ହେଲେ ଓରିଏଂଟ ଥାନା ଅଧୀନ ମାଣ୍ଡଲିଆ ଏଲ୍ସିଏଚ୍ ର ମୃଣାଳ କାନ୍ତି ଭୋଇ ଓରଫ ବାଚୁ (୪୨) ଏବଂ ବ୍ରଜରାଜନଗର ଥାନା ଅଧୀନ ନୂଆଡିହିର ପଂଚାନନ୍ଦ ପାଣ୍ଡେ ଓରଫ ମଣିରାମ (୬୩)। ମୃଣାଳଙ୍କ ଠାରୁ ୩୫୦ ଟଙ୍କା ଏବଂ ପଂଚାନନ୍ଦଙ୍କ ଠାରୁ ୪୭୦ ଟଙ୍କା ଜବତ ହୋଇଛି। ପୁଲିସ ଜବତ କରିଥିବା ଅନ୍ୟ ସାମଗ୍ରୀ ମଧ୍ୟରେ କଳା-ହଳଦିଆ ରଙ୍ଗର ଟିଭିଏସ୍ ଇଲେକ୍ଟ୍ରିକ୍ ସ୍କୁଟର ନମ୍ବର ଓଡି୨୩କ୍ୟୁ-୧୨୩୦, ଗୋଟିଏ ନୀଳ ପୋକୋ ମୋବାଇଲ୍ ଓ ଗୋଟିଏ ଓପୋ ମୋବାଇଲ୍ ରହିଛି। ଏହି ଘଟଣାକୁ ନେଇ ବ୍ରଜରାଜନଗର ଥାନାରେ କେସ୍ ନମ୍ବର ୨୩୧, ତାରିଖ ୦୮.୧୦.୨୦୨୬ରେ ଏନ୍ଡିପିଏସ୍ ଆଇନର ଧାରା ୨୦(ବି)(୨)(ବି)/୨୧(ବି)/୨୯ ଅନୁଯାୟୀ ମାମଲା ରୁଜୁ ହୋଇଛି। ପୁଲିସ ରେକର୍ଡ ଅନୁସାରେ, ମୃଣାଳ କାନ୍ତି ଭୋଇଙ୍କ ବିରୋଧରେ ଓରିଏଂଟ ଥାନାରେ ପୂର୍ବରୁ ୪ଟି ମାମଲା ରହିଛି। ସେଥିମଧ୍ୟରୁ ୨୦୧୫ ଓ ୨୦୧୬ରେ ଅବକାରୀ ଆଇନ ସମ୍ପର୍କିତ ମାମଲା ଏବଂ ୨୦୨୬ରେ ଏନ୍ଡିପିଏସ୍ ଆଇନ ଅଧୀନରେ ଦୁଇଟି ମାମଲା ରହିଛି। ଅନ୍ୟପକ୍ଷରେ, ପଂଚାନନ୍ଦ ପାଣ୍ଡେଙ୍କ ବିରୋଧରେ ପୂର୍ବରୁ କୌଣସି ଅପରାଧିକ ତଥ୍ୟ ମିଳିନଥିବା ପୁଲିସ ପକ୍ଷରୁ କୁହାଯାଇଛି।

## ବାଇକ ଦୁର୍ଘଟଣାରେ ଯୁବକ ଗୁରୁତର: ବାଲେଶ୍ୱର ସ୍ଥାନାନ୍ତର

ବୈଶିଙ୍ଗା ,୦୯/୧୦ (ନି.ପ୍ର): ବୈଙ୍କଙ୍ଗା ଥାନା ଅନ୍ତର୍ଗତ ବୈଶିଙ୍ଗା - ମାଣତ୍ରୀ ରାସ୍ତାର ଓଲଡିହ ଠାରେ ଜନୈକ ବାଇକ ଚାଳକ ହଠାତ୍ ଗାଡି ରୋକିବାକୁ ଯାଇ ଦୁର୍ଘଟଣାର ଶୀକାର ହୋଇଥିବା ଜଣାଯାଇଛି । ଘଟଣାରୁ ପ୍ରକାଶ ଏହି ଥାନା ଅନ୍ତର୍ଗତ ବାଲିଆପିଟା ଗ୍ରାମର ପୋଟଲ ସିଂ (୨୫) ନିଜର ପଲସର ବାଇକ ରେ ବୈଶିଙ୍ଗା ଅଭିମୂଖେ ଆସୁଥିବା ବେଳେ ଓଲଡିହ ପୋଲ ନିକଟର ବିପଦ ପୂର୍ଣ୍ଣ ରାସ୍ତାରେ ନିଜକୁ ବଞ୍ଚାଇବାକୁ ଯାଇ ଖାଲ ଖମାରେ ପଡି ଦଶ ଫୁଟ ରାସ୍ତା ଘୁଷୁରି ଯାଇଥିଲେ । ପାଖ ଦୋକାନୀ ଙ୍କ ସହଯୋଗରେ ବୈଶିଙ୍ଗା ଡାକ୍ତରଖାନା ଅଣା ଯାଇଥିଲା । ସେଠାରେ ପ୍ରାଥମିକ ଚିକିତ୍ସା ପରେ ଅତ୍ୟଧିକ ରକ୍ତସ୍ରାବ ଯୋଗୁଁ ବାଲେଶ୍ୱର ରେଫର କରାଯାଇଥିବା ଜଣା ଯାଇଛି ।

## ମନ୍ଦିରରୁ ଗହଣା ଓ ହୁଣ୍ଡି ବାକ୍ସ ଭଙ୍ଗା ଘଟଣାର ପର୍ଦ୍ଦାଫାଶ କଲା ବାସୁଦେବପୁର ପୋଲିସ୍

ଭଦ୍ରକ,୦୯/୧୦ (ନି.ପ୍ର): କିଛିଦିନ ଧରି ଭଦ୍ରକ୍ ଜିଲ୍ଲା ବାସୁଦେବପୁରରେ ବିଭିନ୍ନ ମନ୍ଦିରରେ ଚୋରୀ ଘଟଣା ପୋଲିସ୍ ପ୍ରଶାସନ ପାଇଁ ମୁଣ୍ଡବ୍ୟଥାର କାରଣ ପାଲଟିଥିଲା। ସୁଚନା ଅନୁଯାୟୀ ପଦୁଆଁ ର ତ୍ରିନାଥ ମନ୍ଦିର , ଅମାଜିଆର ମା ସର୍ବମଙ୍ଗଳା, ବାଲିନଗରର ପଂଚମୁଖୀ ହନୁମାନ ମନ୍ଦିର, କୁମାର ପୁରର ଖିରେଶ୍ୱର୍ ମନ୍ଦିର, ନନ୍ଦପୁରର ତାରିଣୀ ମନ୍ଦିର, ଇରମର ରାଧା ମାଧବ ମଠ ଓ ନୂଆଗାଁର ମା ମାର୍କୁଣ୍ଡା ମନ୍ଦିର ରେ ଚୋର ମାନେ ହୁଣ୍ଡି ବାକ୍ସ ସହ ସୁନା ରୁପା ଅଳଙ୍କାର ଲୁଟି ନେଇଥିଲେ। ଘଟଣାକୁ ଚ୍ୟାଲେଞ୍ଜ ଭାବେ ଗ୍ରହଣ କରି ମନ୍ଦିର ଚୋରୀ ଘଟଣାରେ ସଂପୃକ୍ତ ଚାରି ଜଣ ଚୋରଙ୍କ ସହ ଚୋରି ଅଳଙ୍କାର କିଣିଥିବା ବ୍ୟକ୍ତି ଙ୍କୁ ଗିରଫ କରିଛି ବାସୁଦେବପୁର ପୋଲିସ୍। ମନ୍ଦିର ଚୋରୀ ଘଟଣାରେ ଅଭିଯୁକ୍ତ ନୂଆଗାଁ ଆଡ଼ିଆ ଗ୍ରାମର ମୁନା ମହାଲିକ, ବାଉ ମହାଲିକ, ରାଧାନାଥ ପୁରର ସୁବାସ ମହାଲିକ, ମଧୁସୂଦନପୁର ଗାଁ ଦିପୁ ପାଣିଗ୍ରାହୀ ଙ୍କ ସମେତ ଚୋରୀ ସୁନା ଅଳଙ୍କାର କିଣିଥିବା ପ୍ରବୋଧ ପୁର ଗ୍ରାମ ର ବିଜୟାନନ୍ଦ ପାଢ଼ୀ ଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ସେମାନଙ୍କ ଠାରୁ ନଗଦ ୨୬ ହଜାର ଟଙ୍କା, ଲକ୍ଷାଧିକ ଟଙ୍କାର ସୁନା ରୁପା ଅଳଙ୍କାର, ଗୋଟିଏ ସ୍କୁଟି, ପାଂଚଟି ମୋବାଇଲ୍ ଓ ଅନ୍ୟାନ୍ୟ ଉପକରଣ ଜବତ କରିବା ସହ ଅନ୍ୟ ଜଣେ ଫେରାର ଅଭିଯୁକ୍ତଙ୍କୁ ଖୁବ୍ ଶୀଘ୍ର ଗିରଫ କରାଯିବ ବୋଲି ବାସୁଦେବପୁର ପୋଲିସ ପ୍ରଶାସନ ପକ୍ଷରୁ କୁହାଯାଇଛି।

# କେନ୍ଦୁଝର ଫିଲ୍ମ ଫେଷ୍ଟିଭାଲ୍-୨୦୨୬ ର ନୂତନ ତାରିଖ ଘୋଷଣା : ଅକ୍ଟୋବର ୩୦ ଓ ୩୧ରେ ହେବ ଐତିହାସିକ ଚଳଚ୍ଚିତ୍ର ମହୋତ୍ସବ

କେନ୍ଦୁଝର,୦୯/୧୦ (ନି.ପ୍ର): ବିଶିଷ୍ଟ ଅତିଥି ଏବଂ ମନ୍ତ୍ରଣାଳୟ ସମ୍ବନ୍ଧୀୟ ବ୍ୟକ୍ତିବିଶେଷଙ୍କ ପୂର୍ବନିର୍ଦ୍ଧାରିତ କାର୍ଯ୍ୟକ୍ରମ ଓ ସମୟ ଉପଲବ୍ଧ ନଥିବାରୁ ୯ ଓ ୧୦ ଅକ୍ଟୋବର ୨୦୨୬ରେ ହେବାକୁ ଥିବା କେନ୍ଦୁଝର ଫିଲ୍ମ ଫେଷ୍ଟିଭାଲ୍-୨୦୨୬ ର ତାରିଖ ପରିବର୍ତ୍ତନ କରାଯାଇଛି। ଏବେ ଏହି ବହୁ ପ୍ରତୀକ୍ଷିତ ଐତିହାସିକ ଚଳଚ୍ଚିତ୍ର ମହୋତ୍ସବ ୩୦ ଓ ୩୧ ଅକ୍ଟୋବର ୨୦୨୬ରେ କେନ୍ଦୁଝର ଅଡିଟୋରିୟମ୍, କେନ୍ଦୁଝର, ଓଡ଼ିଶାରେ ଆୟୋଜିତ ହେବ। ନୂତନ ତାରିଖରେ ମହୋତ୍ସବର ସମସ୍ତ ପ୍ରମୁଖ କାର୍ଯ୍ୟକ୍ରମ ଆହୁରି ଗୌରବମୟ ଓ ସ୍ମରଣୀୟ ଭାବେ ଅନୁଷ୍ଠିତ ହେବ। ତାରିଖ ପରିବର୍ତ୍ତନ ପାଇଁ ଆୟୋଜକମାନେ ସମସ୍ତ କଳାକାର, ଅତିଥି, ପ୍ରତିଯୋଗୀ, ଗଣମାଧ୍ୟମ ସହଯୋଗୀ ଓ ଦର୍ଶକଙ୍କ ନିକଟରେ ଦୁଃଖ ପ୍ରକାଶ କରିବା ସହ ନୂତନ ତାରିଖରେ ସମସ୍ତଙ୍କ ସହଯୋଗ କାମନା କରିଛନ୍ତି। ମହୋତ୍ସବରେ ଭାରତର ବିଭିନ୍ନ ଆଂଚଳିକ ଚଳଚ୍ଚିତ୍ର ଶିଳ୍ପରୁ ଆସିଥିବା କ୍ଷୁଦ୍ର ଚଳଚ୍ଚିତ୍ର ଓ ଚଳଚ୍ଚିତ୍ର କ୍ଷେତ୍ରର ପ୍ରତିଭାମାନଙ୍କୁ ସମ୍ମାନିତ କରାଯିବ ସହ ବିଭିନ୍ନ ବର୍ଗରେ ପୁରସ୍କାର ପ୍ରଦାନ କରାଯିବ। ଏଥିସହ ବିଭିନ୍ନ ରାଜ୍ୟ ଓ ଆଂଚଳିକ ସଂସ୍କୃତିକୁ ଆଧାର କରି ଫ୍ୟାଶନ୍ ଶୋ', ନୃତ୍ୟ, ସଙ୍ଗୀତ, ହାସ୍ୟାଭିନୟ ସମେତ ବିଭିନ୍ନ ମନୋରଞ୍ଜନ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହେବ। କେନ୍ଦୁଝରର କଳା, ସଂସ୍କୃତି, ପରମ୍ପରା, ଐତିହ୍ୟ ଏବଂ ଚଳଚ୍ଚିତ୍ର ପ୍ରତିଭାକୁ ଜାତୀୟ ମଂଚରେ ପରିଚିତ କରାଇବା ଏହି ମହୋତ୍ସବର ମୁଖ୍ୟ ଲକ୍ଷ୍ୟ। ଦେଶର ବିଭିନ୍ନ ଚଳଚ୍ଚିତ୍ର ଶିଳ୍ପ ଓ କଳାକ୍ଷେତ୍ରର ପ୍ରତିଭାମାନଙ୍କୁ ଏକ ମଂଚରେ ଏକତ୍ରିତ କରି କେନ୍ଦୁଝରକୁ ଜାତୀୟ ସ୍ତରରେ ଏକ ନୂତନ ସାଂସ୍କୃତିକ ପରିଚୟ ଦେବାର ପ୍ରୟାସ କରାଯାଉଛି। ଏହି ଐତିହାସିକ ମହୋତ୍ସବର ଆୟୋଜନ କୁମ୍ୟାକ୍ସ ଷ୍ଟୁଡିଓ ଓ ନିରାକାନ୍ତ ଆର୍ଟସ୍ ଫାଉଣ୍ଡେସନ୍ ପକ୍ଷରୁ କରାଯାଉଛି। ଏହାର ସହଯୋଗରେ ବ୍ରୋଭାଂଟା ଇଣ୍ଡଷ୍ଟ୍ରି ପ୍ରାଇଭେଟ୍ ଲିମିଟେଡ୍ ଓ ଇନ୍ଦ୍ରଧନୁ ରହିଥିବାବେଳେ, କୁଲହଡ଼ ଟିଭି ପକ୍ଷରୁ ପ୍ରଚାର ଓ ପ୍ରସାରଣ ସହଯୋଗ ପ୍ରଦାନ କରାଯାଉଛି। ମହୋତ୍ସବର ନିର୍ଦ୍ଦେଶକ ଅବିନାଶ ରାଉତଙ୍କ ନେତୃତ୍ୱରେ କେନ୍ଦୁଝରର ମାଟିର କଳା, ସଂସ୍କୃତି, ପରମ୍ପରା ଓ ପ୍ରତିଭାକୁ ଜାତୀୟ ମଂଚରେ ପହଂଚାଇବା ସହିତ ଦେଶର ବିଭିନ୍ନ ପ୍ରାନ୍ତର କଳାକାର ଓ ଚଳଚ୍ଚିତ୍ର ପ୍ରତିଭାଙ୍କୁ କେନ୍ଦୁଝରରେ ଏକତ୍ରିତ କରିବାର ଏହି ଅଭିନବ ପ୍ରୟାସ ଆରମ୍ଭ ହୋଇଛି। ୩୦ ଓ ୩୧ ଅକ୍ଟୋବର ୨୦୨୬, କେନ୍ଦୁଝର ଅଡିଟୋରିୟମ୍, କେନ୍ଦୁଝର, ଓଡ଼ିଶାରେ ଆୟୋଜିତ ହେବାକୁ ଥିବା ଏହି ଐତିହାସିକ ମହୋତ୍ସବରେ ସମସ୍ତ କଳାକାର, ଅତିଥି, ପ୍ରତିଯୋଗୀ, ଗଣମାଧ୍ୟମ ସହଯୋଗୀ ଓ ଦର୍ଶକଙ୍କୁ ଆୟୋଜକମାନଙ୍କ ପକ୍ଷରୁ ସାଦର ଆମନ୍ତ୍ରଣ କରାଯାଇଛି । କେନ୍ଦୁଝରର ମାଟିରେ ସିନେମା, କଳା ଓ ସଂସ୍କୃତିର ଏକ ନୂତନ ଅଧ୍ୟାୟ - ଆସନ୍ତୁ, ଏହି ଐତିହାସିକ ମୁହୂର୍ତ୍ତର ସାକ୍ଷୀ ହେବା।

# ଖଇରା ଓ ଜୟେଶ୍ୱର କଲେଜରେ ନିର୍ବାଚନ: କୁପାରୀରେ ଚୟନ



ଖଇରା,୦୯/୧୦ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକର ପ୍ରମୁଖ ଖଇରା ମହାବିଦ୍ୟାଳୟ ଓ ଗରସଙ୍ଗସ୍ଥିତ ଜୟେଶ୍ୱର ମହାବିଦ୍ୟାଳୟ ରେ ଛାତ୍ର ସଂସଦ ନିର୍ବାଚନ ଅନୁଷ୍ଠିତ ହେବାକୁ ଯାଉଥିବାବେଳେ କୁପାରୀସ୍ଥିତ ଡ ହରେକୃଷ୍ଣ ମହତାବ ମହାବିଦ୍ୟାଳୟରେ ଚୟନ ପ୍ରକ୍ରିୟା ମାଧ୍ୟମରେ ପ୍ରାର୍ଥୀ ଚୁଡାନ୍ତ ହେବା ପରିସ୍କାର ହୋଇଯାଇଛି । ଖଇରା ମହାବିଦ୍ୟାଳୟରେ ୩ ଛାତ୍ର ସଙ୍ଗଠନ ବିସିଜେଡି,ଏବିଭିପି ଓ ଏନଏସୟୁଆଇ ନିଜ ପ୍ରାର୍ଥୀଙ୍କୁ ମଇଦାନରେ ଓହ୍ଲାଇଥିବା ବେଳେ ତ୍ରିମୁଖୀ ପ୍ରତିଦ୍ୱନ୍ଦିତା ହେବା ସ୍ପଷ୍ଟ ହୋଇ ଯାଇଛି । ସଭାପତି ପ୍ରାର୍ଥୀ ଭାବେ ଲକ୍ଷ୍ମୀପ୍ରିୟା ଜେନା,ଶ୍ରୀତମ ଦାସ,ଗୀତାଞ୍ଜଳୀ ବେହେରା ଓ ଆଶିଷ କୁମାର ଦାସ ମନୋନୟନ ପତ୍ର ଦାଖଲ କରିଥିବା ବେଳେ ଅଶେଷ ସବ୍ୟସାଚୀ ଲେଙ୍କା,ମାନସ ପ୍ରିତମ ଲେଙ୍କା,ତପସ୍ୱିନୀ ବେହେରା ଓ ଚିନ୍ମୟୀ ସେଠୀ ସାଧାରଣ ସମ୍ପାଦକ ପ୍ରାର୍ଥୀ ଭାବେ ମଇଦାନକୁ ଓହ୍ଲାଇଛନ୍ତି । ଗତ ୨ଦିନ ପୂର୍ବରୁ ୩ଦଳ ର ବରିଷ୍ଠ ନେତୃବୃନ୍ଦଙ୍କ ଉପସ୍ଥିତିରେ ପ୍ରାର୍ଥୀ ଚୁଡାନ୍ତ କରାଯାଇଥିବା ବେଳେ ଶୁକ୍ରବାର ୩ ଛାତ୍ର ସଙ୍ଗଠନର ଛାତ୍ରୀଛାତ୍ର ମାନେ ନିଜ ପ୍ରାର୍ଥୀ ମାନଙ୍କ ସହ ସୋର-କୁପାରୀ ରାସ୍ତାରେ ବିରାଟ ପଟୁଆରରେ ରେ କଲେଜ କ୍ୟାମ୍ପସକୁ ଆସିଥିଲେ । ଏହି ଶୋଭାଯାତ୍ରା ମାନଙ୍କରେ ବହୁ ଲୋକପ୍ରତିନିଧି ସାମିଲ ଥିବା ନେଇ ମଧ୍ୟ ଦେଖିବାକୁ ମିଳିଥିବାରୁ ଏଥର କଲେଜ ନିର୍ବାଚନରେ ମୁକାବିଲା ଜୋରଦାର ହେବ ବୋଲି ଆଲୋଚନା ହେଉଛି । ସେହିଭଳି ଗରସଙ୍ଗ କଲେଜ ନିର୍ବାଚନରେ ସାଧାରଣ ସମ୍ପାଦକ ପ୍ରାର୍ଥୀଙ୍କ ପ୍ରାର୍ଥୀପତ୍ର ଦାଖଲ ପରେ ତାଙ୍କ ନାମରେ ଥାନାରେ ମାମଲା ଥିବା ନେଇ ପ୍ରତିଦ୍ୱନ୍ଦୀ ପ୍ରାର୍ଥୀ ମାନେ ଅଧ୍ୟକ୍ଷ ଙ୍କ ନିକଟରେ ଅଭିଯୋଗ ପରେ ୭ଟା ସୁଦ୍ଧା ପ୍ରାର୍ଥୀଙ୍କ ନାମ ଘୋଷଣା ସଂଧ୍ୟା ପର୍ଯ୍ୟନ୍ତ ସ୍ଥଗିତ ରଖାଯାଇଛି । ଏ ସମ୍ପର୍କରେ ଅଧ୍ୟକ୍ଷ ରତ୍ନାକର ହାତୀଙ୍କ ପ୍ରତିକ୍ରିୟା ନେବାରେ ଜଣେ ପ୍ରାର୍ଥୀଙ୍କ ନାମରେ ଅପରାଧିକ ମାମଲା ରୁଜୁ ଥିବା ନେଇ ଅଭିଯୋଗ ପରେ ଏହାକୁ ସ୍ଥଗିତ ରଖାଯାଇଛି । ଉପଜିଲ୍ଲାପାଳଙ୍କ ନିଷ୍ପତ୍ତି ପରେ ପ୍ରାର୍ଥୀ ତାଲିକା ପ୍ରକାଶ କରାଯିବ ବୋଲି କହିଛନ୍ତି ।

# ଅବସରପ୍ରାପ୍ତ ରାଜ୍ୟ ସରକାରୀ କର୍ମଚାରୀ ସଂଘରେ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଜୟନ୍ତୀ ପାଳିତ



ବାଲେଶ୍ୱର,୦୯/୧୦ (ନି.ପ୍ର): ଅବସରପ୍ରାପ୍ତ ରାଜ୍ୟ ସରକାରୀ ସଂଘ, ବାଲେଶ୍ୱର କାର୍ଯ୍ୟାଳୟରେ ଆଜି ପୁଣ୍ୟାତ୍ମା ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ୧୪୯ତମ ଜୟନ୍ତୀ ପାଳିତ ହୋଇଯାଇଛି। ସଂଘ ସଭାପତି ଇଂ. ବନମାଳୀ ନାୟକଙ୍କ ପରିଚାଳିତ ଏହି କାର୍ଯ୍ୟକ୍ରମରେ ସଂଘର କର୍ମକର୍ତ୍ତା ଓ ସଦସ୍ୟ ସଦସ୍ୟାମାନେ ଉତ୍କଳମଣିଙ୍କ ଫଟୋଚିତ୍ରରେ ପୁଷ୍ପାର୍ଘ୍ୟ ପ୍ରଦାନ ପୂର୍ବକ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। କାର୍ଯ୍ୟକାରୀ ସଭାପତି ଗୌରାଙ୍ଗ ସାହୁ, ଉପସଭାପତି ଦେବେନ୍ଦ୍ର ଚୌଧୁରୀ, ଉପଦେଷ୍ଟା ଜ୍ଞାନେନ୍ଦ୍ର ସାହୁ, ଗୌରପ୍ରିୟ ମିଶ୍ର, ସଦସ୍ୟ ଶଚି ମାଝୀ ପ୍ରମୁଖ ସେମାନଙ୍କ ବକ୍ତବ୍ୟରେ ବହୁମୁଖୀ ବ୍ୟକ୍ତିତ୍ୱର ଅଧିକାରୀ ପଣ୍ଡିତ ଗୋପବନ୍ଧୁ ଦାସଙ୍କୁ ସ୍ୱାଧୀନତା ସଂଗ୍ରାମୀ, ଉତ୍ସର୍ଗୀକୃତ ଦେଶଭକ୍ତ, ସମାଜ ସଂସ୍କାରକ, ନବଉତ୍କଳ ଗଠନର ବିନ୍ଧାଣୀ, ଶିକ୍ଷାବିତ୍, ଦକ୍ଷ ବିଧାୟକ, କବି ଭାବେ ସ୍ମରଣ କରି ତାଙ୍କର ତ୍ୟାଗପୂତ ଜୀବନ କିପରି ଉତ୍କଳବାସୀଙ୍କ ପାଇଁ ସମର୍ପିତ ଥିଲା ତା'ର ଅବତାରଣା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଜୟ ନାୟକ, ପ୍ରଭାତୀ ସେଠୀ, ରାମଚନ୍ଦ୍ର ସେଠୀ, ଶଶାଙ୍କ ଦତ୍ତ, ଅନୁପ ଆଚାର୍ଯ୍ୟ, ବୀରେନ୍ଦ୍ର ମହନ୍ତ, ବନଲତା ଦାସ, ଜ୍ୟୋସ୍ନା ରାୟ, ଯୁଧିଷ୍ଠିର ନନ୍ଦ, କେଶବ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ସାଧାରଣ ସମ୍ପାଦକ ଦାମୋଦର ନାୟକ ଶେଷ କଥା ରଖିବା ସହିତ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ। ଏଥିପୂର୍ବରୁ ପ୍ରତିବର୍ଷ ଭଳି ପୁଣ୍ୟାତ୍ମାଙ୍କ ସ୍ମୃତିରେ ସହରରେ ଥିବା ଭିନ୍ନକ୍ଷମ କଲ୍ୟାଣ ପ୍ରତିଷ୍ଠାନ ଓ ଦୃଷ୍ଟିହୀନଙ୍କ ନିମନ୍ତେ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ନିମନ୍ତେ ସଂଘ ପକ୍ଷରୁ ମଧ୍ୟାହ୍ନଭୋଜନର ବ୍ୟବସ୍ଥା କରାଯାଇଥିଲା। ମଧ୍ୟାହ୍ନଭୋଜନ ବଣ୍ଟନ ସମୟରେ ସଂଘର କର୍ମକର୍ତ୍ତା ଓ ସଦସ୍ୟ ସଦସ୍ୟାମାନେ ଉପସ୍ଥିତ ଥିଲେ।

## ଲଙ୍ଗଳେଶ୍ୱରରେ ଗୋପବନ୍ଧୁଙ୍କ ଜୟନ୍ତୀ

ଲଙ୍ଗଳେଶ୍ୱର , ୦୯/୧୦ (ନି.ପ୍ର): ବାଲିଆପାଳ ବ୍ଲକ ଲଙ୍ଗଳେଶ୍ୱର ଉତ୍କଳ ମଣି ବରିଷ୍ଠ ନାଗରିକ ମଞ୍ଚ ଓ ସ୍ୱାମୀ ବିବେକାନନ୍ଦ ଶିକ୍ଷା କେନ୍ଦ୍ର ର ମିଳିତ ସହଯୋଗ ରେ ଉତ୍କଳ ମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଜୟନ୍ତୀ ଶିକ୍ଷା କେନ୍ଦ୍ର ପରିସରରେ ପାଳିତ ହୋଇଛି । ମଞ୍ଚର ସଭାପତି ସୁଶାନ୍ତ ବେହେରା ସଭାପତିତ୍ୱ କରିଥିଲେ। ସମାଜସେବୀ ଅନିରୁଦ୍ଧ ମଣ୍ଡଳ, ଉପସଭାପତି ବିନୋଦ ବିହାରୀ ଦାସ, ଶିକ୍ଷୟିତ୍ରୀ ସୁମନ ଦ୍ୱାରୀ, ଅବସରପ୍ରାପ୍ତ ଶିକ୍ଷକ ଭୈରବ ବେହେରା,କେଶବାନନ୍ଦ ଦେ, ଯଜ୍ଞେଶ୍ୱର ପାତ୍ର, ଅବସରପ୍ରାପ୍ତ ଶିକ୍ଷକ ନିତ୍ୟାନନ୍ଦ ଦାସ ଯୋଗଦେଇ ଗୋପବନ୍ଧୁ ଙ୍କ ଜୀବନ ଦର୍ଶନ ସମାଜ ରେ ଛାଡି ଯାଇଥିବା ସ୍ମୃତି ଚାରଣ କରିଥିଲେ। ମଞ୍ଚର ସମ୍ପାଦକ ବଂଶୀଧର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷା କେନ୍ଦ୍ରର ପ୍ରଧାନ ଗୁରୁମା ବୈଜୟନ୍ତି ରାଉଳଙ୍କ ପ୍ରତ୍ୟେକ୍ଷ ତତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ।

# ପ୍ରାଣନାଥ କଲେଜରେ ପ୍ରାର୍ଥିପତ୍ର ଦାଖଲକୁ ନେଇ ଚର୍ଚ୍ଚା

## ପୋଲିସ ଭ୍ୟାନରେ ଏବିଭିପି ପତାକା ଲଗାଇ ଯାଉଥିବା ଘଟଣାକୁ ନେଇ ପ୍ରଶ୍ନ




ଖୋର୍ଦ୍ଧା, ୦୯/୧୦ (ନି.ପ୍ର): ଖୋର୍ଦ୍ଧା ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଛାତ୍ର ସଂସଦ ନିର୍ବାଚନ ପାଇଁ ପ୍ରାର୍ଥିପତ୍ର ଦାଖଲ ପ୍ରକ୍ରିୟା ଚାଲିଥିବାବେଳେ ଏକ ଘଟଣାକୁ ନେଇ ସହରରେ ଚର୍ଚ୍ଚା ଜୋର ଧରିଛି। ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି)ର ପ୍ରାର୍ଥୀ ଶିଶ୍ରାଞ୍ଚଳ ଆଇଆଇସିଙ୍କ ପୋଲିସ ଭ୍ୟାନରେ ଏବିଭିପି ପତାକା ଲଗାଇ ପ୍ରାର୍ଥିପତ୍ର ଦାଖଲ କରିବାକୁ ଯାଉଥିବା ଦୃଶ୍ୟକୁ ନେଇ ବିଭିନ୍ନ ମହଲରେ ଆଲୋଚନା ହେଉଛି। ଛାତ୍ର ସଂସଦ ନିର୍ବାଚନ ଦୀର୍ଘ ଆଠ ବର୍ଷ ପରେ ରାଜ୍ୟରେ ଅନୁଷ୍ଠିତ ହେଉଥିବାରୁ କଲେଜ ଗୁଡ଼ିକରେ ରାଜନୈତିକ ତତ୍ପରତା ବୃଦ୍ଧି ପାଇଛି। ଏଭଳି ସମୟରେ ନିର୍ବାଚନ ପ୍ରକ୍ରିୟାରେ ନିରପେକ୍ଷତା, ପ୍ରଶାସନିକ ଶୃଙ୍ଖଳା ଓ ପୋଲିସ ଗାଡ଼ିର ବ୍ୟବହାରକୁ ନେଇ ପ୍ରଶ୍ନ ଉଠିବା ସ୍ୱାଭାବିକ। ତେବେ ପୋଲିସ ଭ୍ୟାନରେ ପତାକା ଲଗାଇବା ଘଟଣାର ପ୍ରକୃତ ପରିସ୍ଥିତି, ଏହା ପାଇଁ କୌଣସି ଅନୁମତି ଥିଲା କି ନାହିଁ ଏବଂ ସମ୍ପୃକ୍ତ ପୋଲିସ ଅଧିକାରୀଙ୍କ ଭୂମିକା କ'ଣ ଥିଲା, ତାହା ଅଧିକାରିକ ଭାବେ ସ୍ପଷ୍ଟ ହୋଇନାହିଁ। ଏ ନେଇ ପୋଲିସ ପ୍ରଶାସନର ପ୍ରତିକ୍ରିୟା ମିଳିଲେ ଘଟଣାର ସମ୍ପୂର୍ଣ୍ଣ ଚିତ୍ର ସ୍ପଷ୍ଟ ହୋଇପାରିବ।

# ଏବିଭିପି ପକ୍ଷରୁ ଛାତ୍ର ଛାତ୍ରୀ ମାନଙ୍କ ପ୍ରାର୍ଥୀପତ୍ର ଦାଖଲ




ବାସୁଦେବପୁର, ୦୯/୧୦ (ନି.ପ୍ର): ବାସୁଦେବପୁର ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ପକ୍ଷରୁ ଅଟଳ ବିହାରୀ କଲେଜର ଛାତ୍ର ସଂସଦ ନିର୍ବାଚନ ପାଇଁ ଛାତ୍ର ଛାତ୍ରୀ ମାନେ କଲେଜରେ ପ୍ରାର୍ଥୀ ପତ୍ର ଦାଖଲ କରିଛନ୍ତି। ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦର ସଭାପତି ଭାବରେ ରବୀନ୍ଦ୍ର କୁମାର ବାରିକ୍, ଉପ ସଭାପତି ମଧୁସ୍ମିତା ସାହୁ, ସାଧାରଣ ସମ୍ପାଦକ ଆକାଶ କୁମାର ମଣ୍ଡଳ, ସହ ସମ୍ପାଦକ ଗାୟତ୍ରୀ ଦାସ,କ୍ରୀଡ଼ା ସମ୍ପାଦକ ସତ୍ୟବାନ ବେହେରା, ସହ କ୍ରୀଡ଼ା ସମ୍ପାଦକ ସତ୍ୟ ସୁନ୍ଦର ଶତପଥୀ, ନାଟ୍ୟ ସମ୍ପାଦକ ସନ୍ଧ୍ୟା ରାଣୀ ମଲିକ୍, ଜି ସି ଆର୍ ସେକ୍ରେଟାରୀ ଅର୍ପିତା ପଟ୍ଟନାୟକ ପ୍ରମୁଖ ପ୍ରାର୍ଥୀ ପତ୍ର ଦାଖଲ କରିଛନ୍ତି। ସେହିପରି ଅନ୍ୟାନ୍ୟ ପଦ ପଦବୀ ପାଇଁ ମଧ୍ୟ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦର ଛାତ୍ର ଛାତ୍ରୀ ପ୍ରାର୍ଥୀ ପତ୍ର ଦାଖଲ କରିଛନ୍ତି। ଏହି ଅବସରରେ ବାସୁଦେବପୁର ନୀଳମଣି ଟାଉନ ହଲ ରୁ ଛାତ୍ର ଛାତ୍ରୀ ମାନେ ପୂଜା ପାଠ କରି କଲେଜ ଅଭିମୁଖେ ବାହାରି ଥିଲେ ଏବଂ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦର ଆଭିମୁଖ୍ୟ ଜ୍ଞାନ, ଚରିତ୍ର , ଏକତା ସମ୍ପର୍କରେ ସ୍ଲୋଗାନ ଦେଇଥିଲେ। ଆଗାମୀ ୧୫ ତାରିଖ ତାରିଖ ନିର୍ବାଚନରେ ଛାତ୍ର ଛାତ୍ରୀ ମାନେ ବିଜୟ ଲାଭ କରିବେ ବୋଲି ମତ ପ୍ରକାଶ କରିଥିଲେ।

# ପଣ୍ଡିତ ଉତ୍କଳମଣି ଗେପବନ୍ଧୁ ଦାସଙ୍କ ଜୟନ୍ତୀ ପାଳିତ




ଜଳେଶ୍ୱର, ୦୯/୧୦ (ନି.ପ୍ର): ଶୁକ୍ରବାର ଅପରାହ୍ନ ୫ ଘଟିକା ସମୟ ରେ ଜଳେଶ୍ୱର ମୁନସୀ ପାଲିଟି ଅଧିନସ୍ଥ ଦେଉଳି ପଂଚୁଘଣ୍ଟା ସ୍ଥିତ ଦିଗମ୍ବରୀ ଦେବୀ +୨ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ସାର କ୍ରିଷ୍ଣା ନର୍ସିଂ କଲେଜ ଓ ଡି ଫାର୍ମ କଲେଜ ସମ୍ମିଳନୀ କକ୍ଷରେ ଉତ୍କଳ ସମ୍ମିଳନୀ ଜଳେଶ୍ୱର ଶାଖା ତରଫରୁ ଶିକ୍ଷାବିତ ଡଃ ଅଜିତ କୁମାର ମହାନ୍ତି ଙ୍କ ସଭାପତିତ୍ୱ ରେ ପଣ୍ଡିତ ଉତ୍କଳ ମଣି ଗୋପବନ୍ଧୁ ଦାସ ଙ୍କ ୧୪୯ ତମ ପୁଣ୍ୟ ଜନ୍ମଜୟନ୍ତୀ ପାଳିତ ହୋଇଯାଇଛି। ସଭା ପ୍ରାୟମ୍ଭ ରେ ପ୍ରସିଦ୍ଧ ଚଳଚିତ୍ର ତାରକା ନାନା ପାଟେକର କଂ ପରଲୋକ ଗମନରେ ତାକଂ ର ଆତ୍ମା ର ସଦଗତି ଉଦ୍ଦେଶ୍ୟ ରେ ୧ ମିନିଟ ନୀରବ ପ୍ରାର୍ଥନା କରାଯାଇ ଥିଲା। ଗୋପବଂଧୁ ଦାସ କଂ ସମ୍ପର୍କ ରେ କହିଥିଲେ ତାକଂର ଅମ୍ଳାନ ସ୍ମୃତି ବଖାଣି ଥିଲେ ତାକଂର ଅନ ବଦ୍ୟ ସୃଷ୍ଟି ମିଶୁ ମୋର ଦେହ ଏ ଦେଶ ମାଟିରେ ଦେଶ ବାସୀ ଚାଲି ଯାନ୍ତୁ ପିଠିରେ ଦେଶର ସ୍ୱରାଜ୍ୟ ପଥେ ଗାଡ ପୁରୁ ତହିଁ ପଡି ମୋର ମାଂସ ହାଡ। କାରାଗାରକୁ ଯାଉ ଥିଲା ବେଳେ ରହ ରହ କ୍ଷଣେ ବାଷ୍ପୀୟ ସକଟ, ଦେଖିବି ଚିଲିକା ଚାରୁ ଚିତ୍ର ପଟ। ଉତ୍କଳ ସମ୍ମିଳନୀ ଜଳେଶ୍ୱର ଶାଖା ର ସଭାପତି କମଳ ଚକ୍ରବର୍ତ୍ତୀ, ବରେଣ୍ୟ ଅତିଥି ଭାବରେ ଦୀନକୃଷ୍ଣ ସ୍ମୃତି ପରିଷଦ ର ସମ୍ପାଦକ ପ୍ରାଧ୍ୟାପକ ବିପିନ ବିହାରୀ ବିଶ୍ୱାଳ ବକ୍ତବ୍ୟରେ ପଣ୍ଡିତ ଉତ୍କଳ ମଣି ଗୋପବନ୍ଧୁ ଦାସ ଙ୍କ ସାରସ୍ୱତ ସାଧନା ଜନସେବା ସମ୍ପର୍କ ରେ ଆଲୋକ ପାତ କରିଥିଲେ। ଉତ୍କଳ ସମ୍ମିଳନୀ ଜଳେଶ୍ୱର ଶାଖା ର ସାଂଗଠନିକ ସମ୍ପାଦକ ମନୋରଞ୍ଜନ ଦାସ,ସମ୍ପାଦିକା ମଧୁଛନ୍ଦା ମହାନ୍ତି ବକ୍ତବ୍ୟ ରେ କହିଥିଲେ ଗୋପବନ୍ଧୁ ସୃଷ୍ଟି ର ନିଜ ସ୍ୱାର୍ଥ ପାଇଁ ଜାତ ନୁହେଁ ହିନ୍ଦୁ, ବିଶ୍ୱ ହିତେ ହିନ୍ଦୁ ପ୍ରତି ରକ୍ତ ବିନ୍ଦୁ। ଅଧକ୍ଷ ଆଇ ଟି ଆଇ ପ୍ରକାଶ କୁମାର ଦିନ୍ଦା,କବି ସୁଶୀଲ କୁମାର ମାହାନା ବକ୍ତବ୍ୟ ରେ ପଛ ଘୁଂଚା ନାହିଁ ବୀରର ଜାତକେ ନମରେସେ କେବେ ପରାଣ ଆତଙ୍କେ। ଅଧାପକ ମାନସ କୁମାର ମାଇତି,ଅଧାପକ ସ୍ୱରାଜ କୁମାର ଜେନା, ଜିତୁ ଦତ୍ତପ୍ରଭୃତି ବକ୍ତବ୍ୟ ପ୍ରଦାନ କରିଥିଲେ। ସମ୍ପାଦିକା ମଧୁଛନ୍ଦା ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

# ଜିଲ୍ଲା ଆଇନ ସେବା ତରଫରୁ ଶାସଙ୍ଗ ପଞ୍ଚାୟତରେ ସଚେତନତା ଶିବିର



ବାଲେଶ୍ୱର, ୦୯/୧୦ (ନି.ପ୍ର): ସଦର ବ୍ଲକର ଶାସଙ୍ଗ ଗ୍ରାମ ପଞ୍ଚାୟତର କଲ୍ୟାଣ ମଣ୍ଡପରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ ସହଯୋଗରେ ଏକ ସଚେତନତା କାର୍ଯ୍ୟକ୍ରମ ମାନବାଧିକାର କର୍ମୀ ସୁଧାକର ସେଠୀଙ୍କ ସଭାପତିତ୍ୱରେ ଦିବା ୧୨ ଘଟିକାରେ ସ୍ଥାନୀୟ ସ୍ୱୟଂ ସହାୟକ ଗୋଷ୍ଠିର ମହିଳା ଓ ଗ୍ରାମବାସୀମାନଙ୍କୁ ନେଇ ଅନୁଷ୍ଠିତ ହୋଇ ଯାଇଛି। ଜିଲ୍ଲା ସ୍ଥାୟୀ ଏବଂ ନିରନ୍ତର ଲୋକ ଅଦାଲତ ର ବିଚାରପତି ତଥା ଜିଲ୍ଲା ଆଇନ ସେବା ପ୍ରାଧିକରଣ, ବାଲେଶ୍ୱରର ବରେଣ୍ୟ ସଚିବ ଶ୍ରୀଯୁକ୍ତ ସୁମନ ଜେନା ମୁଖ୍ୟ ଅତିଥି ଭାବରେ ଯୋଗଦାନକରି ଜିଲ୍ଲାରେ ଆଇନସେବା ପ୍ରାଧିକରଣ କିଭଳି ମହିଳା, ଶିଶୁ,ଭିନ୍ନକ୍ଷମ, ଆର୍ଥିକ ଅନଗ୍ରସର ବର୍ଗ, ଜନଜାତି ଓ ଉପଜାତିବର୍ଗଙ୍କୁ କିଭଳି ଆଇନ ସହାୟତା ନିଃଶୁଳକ ପ୍ରଦାନ କରୁଛି ଜଣାଇବା ସହ ଏହାର ସୁବିଧା ନେବାପାଇଁ ଆହ୍ୱାନ କରିଥିଲେ। ଶ୍ରୀ ଜେନା ଜାତୀୟ ଆଇନସେବା ପ୍ରାଧିକରଣ ଦ୍ୱାରା ପ୍ରଚଳିତ ନିଃଶୁଳକ ଫୋନ୍ ନମ୍ବର ୧୫୧୦୦ ଦ୍ୱାରା କିମ୍ବା ଜିଲ୍ଲା ଆଇନସେବା କାର୍ଯ୍ୟାଳୟ ପରିସରରେ ଉପସ୍ଥିତ ହୋଇ ନିଜଅଭିଯୋଗ କରିପାରିବେ ବୋଲି ଜଣାଇ ଥିଲେ। ବାଲ୍ୟବିବାହ ନିରୋଧକ ଆଇନ, ଶିକ୍ଷା ସଂସ୍କାର ଆଇନ, ଶିଶୁ ଶ୍ରମିକ ଆଇନ ଉପରେ ବିଶେଷ ଆଲୋକ ପାତ କରିଥିଲେ। ଜିଲ୍ଲା ଆଇନ ସେବା ପ୍ରାଧିକରଣ କିଭଳି ସର୍ବଦା ଜିଲ୍ଲାରେ ସମସ୍ତଙ୍କୁ ନ୍ୟାୟ ମିଳିବ ଏଭଳି ମହତ ଚିନ୍ତନରେ ଜାଗ୍ରତ ପ୍ରହରୀ ଭାବରେ କାର୍ଯ୍ୟ କରି ଆସୁଛି ବୋଲି ସୂଚନା ଦେଇଥିଲେ । ସ୍ଥାନୀୟ ସରପଞ୍ଚ ପ୍ରଫୁଲ୍ଲକୁମାର ଦ୍ୱିବେଦୀ କାର୍ଯ୍ୟକ୍ରମ ସଫଳତା ପାଇଁ ସହଯୋଗର ହାତବଢ଼ାଇ ଥିଲେ। ଏହି ଅବସରରେ ସ୍ଥାନୀୟ ନାୟବ ସରପଞ୍ଚ ପୁଷ୍ପଲତା ବାରିକ, ଶୁଭଶ୍ରୀ ବାରିକ ପ୍ରମୁଖ ମଞ୍ଚାସିନ ଥିଲେ ରୀନା ମଲିକ ଅତିଥିଙ୍କୁ ମଞ୍ଚ ଆହ୍ୱାନ କରିଥିବା ବେଳେ, ମନୋରଞ୍ଜନ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭାସ୍କର ମଲିକ, ରତିକାନ୍ତ ସେଠୀ, ତରୁଣ ସେଠୀ, ମନରଞ୍ଜନ ମଲିକ,ଶଙ୍କର୍ଷଣ ଶତପଥି, ଦୋଳଗୋବିନ୍ଦ ଉପସ୍ଥିତ ହୋଇ ସମସ୍ତ କାର୍ଯ୍ୟ ପରିଚାଳନା କରିଥିଲେ।

## ଜିଲ୍ଲା ପରିବହନ ବିଭାଗ ପକ୍ଷରୁ ସଡକ ସୁରକ୍ଷା ସଚେତନତା

କେନ୍ଦୁଝର, ୦୯/୧୦ (ନି.ପ୍ର): କେନ୍ଦୁଝର ଜିଲ୍ଲା ୨୦ ନଂ ଜାତୀୟ ରାଜପଥ ଅନ୍ତର୍ଗତ ଢେଙ୍କିକୋଟ ସନ୍ନିକଟ ଝଂଟଘର ପଥକର ଫାଟକ ନିକଟରେ ଆଜି ପୂର୍ବାହ୍ନ ରେ ଜିଲ୍ଲା ପରିବହନ ବିଭାଗ ପକ୍ଷରୁ ବ୍ୟାପକ ସଡକ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ସହ ୪୦ ରୁ ଉର୍ଦ୍ଧ ଉଭୟ ପୁରୁଷ ଓ ମହିଳା ୨ ଚକିଆ ଚାଳକଙ୍କୁ ମାଗଣା ରେ ହେଲମେଟ ବଂଟନ କରାଯାଇଛି । ସଚେତନା କାର୍ଯ୍ୟକ୍ରମ ରେ ମୁଖ୍ୟଅତିଥି ଭାବେ ଯୋଗଦେଇ ସାଂସଦ ଅନନ୍ତ ନାୟକ ବାଇକ ଚାଳକ ମାନଙ୍କୁ ହେଲମେଟ ପ୍ରଦାନ କରିବା ସହ ବାଇକ ଚଳାଇବା ସମୟରେ ସମସ୍ତେ ହେଲମେଟ ବ୍ୟବହାର କରିବାକୁ ନିବେଦନ କରିଥିଲେ ।

# ଗୋପବନ୍ଧୁ ଜୟନ୍ତୀ ପାଳିତ



ଭଣ୍ଡାରିପୋଖରି, ୦୯/୧୦ (ନି.ପ୍ର): ଏହି ବ୍ଲକ ଅନ୍ତର୍ଗତ ଉତ୍କଳମଣି ଗୋପବନ୍ଧୁ ଜୟନ୍ତୀ ଶିକ୍ଷାବିତ ସନ୍ତୋଷ କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଏଥିରେ ସମ୍ପାଦକ ପୁରୁଷୋତ୍ତମ ଧଳ ପ୍ରାରମ୍ଭିକ ସୂଚନା ଓ ସ୍ୱାଗତ ସମ୍ଭାଷଣ ଦେଇଥିଲେ। ଅତିଥି ଭାବେ ଶଶୀଭୂଷଣ ମହାନ୍ତି, ବାମଦେବ ନାୟକ,ସୁରେଶ ସ୍ୱାଇଁ, ଅନ୍ତର୍ଯ୍ୟାମୀ ବେହେରା, ନାରାୟଣ ଥାଟୋଇ, କମଳାକାନ୍ତ ସ୍ୱାଇଁ ପ୍ରମୁଖ ଯୋଗ ଦେଇ ପଣ୍ଡିତ ଗୋପବନ୍ଧୁଙ୍କ ସେବା, ତ୍ୟାଗ ଓ ତିତିକ୍ଷା ସମ୍ପର୍କରେ ଆଲୋଚନା କରି ଶ୍ରଦ୍ଧାଞ୍ଜଳି ଦେଇଥିଲେ।ସହ ସମ୍ପାଦକ ଘନଶ୍ୟାମ ସ୍ୱାଇଁ ଧନ୍ୟବାଦ ଦେଇଥିଲେ।


## SHORT QUOTATION CALL NOTICE

No. 04750 Date: 07.10.2026

The Executive Officer, Jaleshwar Municipality on behalf of Jaleshwar Municipal Council, Jaleshwar invites sealed Quotation from Local firms / Manufacturers/ suppliers/authorized dealer having valid GST, PAN etc for Supply and installation of Street Cement Bench and the specification of items with term & condition may be obtained from the office from 08.10.26 to 16.10.26 during Office hours.

The Quotationer will deposit Rs 2,000/- (Rupees two thousand) only as paper cost (Non-Refundable). The quotation should reach to the undersigned on or before dt 16.10.26 till 03 PM through speed post/Registered Post/Courier/ by hand. The Quotation will be opened on dt 16.10.26 at 04.30 PM in the presence of the Quotationer or their authorized representative. The undersigned reserves all rights to reject any or all quotations without assigning any reason thereof.

OIPR: 13001/13126/1/26-27/0011

Executive Officer
Jaleswar Municipality


## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ଦିଲ୍ଲୀରେ ପୁଲିସର ଅତିରିକ୍ତ...

ନରେନ୍ଦ୍ର ମୋଦୀଙ୍କ ବିରୋଧରେ ଅପମାନଜନକ ଭାଷା ବ୍ୟବହାରକୁ ନିନ୍ଦା କରିଛନ୍ତି। ପ୍ରଦର୍ଶନକାରୀମାନେ ଜନପଥରେ ପ୍ରତିବାଦ କରିଥିଲେ। ସଂଗଠନର ପ୍ରତିନିଧି ଅୟାନ ଭଟ୍ଟନାଗର କହିଛନ୍ତି, "ଯଦି କେହି ବାହାର ଲୋକଙ୍କୁ ମଧ୍ୟ ଗାଳି ଦେଇଥାନ୍ତି, ଆମେ ସେମାନଙ୍କୁ ରୋକୁ। ପ୍ରଧାନମନ୍ତ୍ରୀ ଆମ ନିଜ ପରିବାରର ଅଂଶ ଏବଂ ତାଙ୍କ ବିରୋଧରେ ଏପରି ଭାଷା ଗ୍ରହଣଯୋଗ୍ୟ ନୁହେଁ।"

### ସରିଲା କଲେଜ ନିର୍ବାଚନ ପାଇଁ ...

ନାମାଙ୍କନ ଶେଷ ହେବା ପରେ ଆସନ୍ତାକାଲି ଅପରାହ୍ଣରେ ପ୍ରକାଶ ପାଇବ ଚୂଡାନ୍ତ ପ୍ରାର୍ଥୀ ତାଲିକା। ଆଉ ଏହା ପରେ ଜୋରସୋରେ ଆରମ୍ଭ ହୋଇଯିବ କ୍ୟାମ୍ପେନିଂ। ହାତରେ ମାତ୍ର କିଛି ଦିନ ଥିବାରୁ କିଏ କେତେ ପିଲାଙ୍କୁ ନିଜ ଆଡ଼କୁ ଟାଣିପାରିବ, ଚାଲିବ ବଳ କଷାକଷି। ବଣ୍ଟାଯିବ ପୁସିଂକାର୍ଡ୍, ଚକ୍‌ଲେଟ୍, ବିରିୟାନୀ ସହ ଆହୁରି କେତେ କ'ଣ। କେବଳ ଏତିକି ନୁହେଁ, କଲେଜର ବିଭିନ୍ନ ସମସ୍ୟା ନେଇ ପିଲାଙ୍କ ପାଖକୁ ଯିବେ ପ୍ରାର୍ଥୀ। ଆସନ୍ତା ୧୪ ତାରିଖରେ ହ୍ୱାଏ ଆଇ ଷ୍ଟାଣ୍ଡ ଫର୍ ମିଟିଂ ଅନୁଷ୍ଠିତ ହେବ। ୧୫ ତାରିଖ ସକାଳ ୮ଟାରୁ ଅପରାହ୍ଣ ୨ଟା ପର୍ଯ୍ୟନ୍ତ ଭୋଟ୍ ଗ୍ରହଣ। ୨ଟା ପରେ ଫଳାଫଳ ଘୋଷଣା । ଆଉ ଅକ୍ଟୋବର ୧୬ ତାରିଖରେ ଶପଥ ନେବେ ନିର୍ବାଚିତ ଛାତ୍ର ନେତା।

### ଆରମ୍ଭ ହେଲା ମୁଖ୍ୟମନ୍ତ୍ରୀଙ୍କ ....

ଯାହା ସାମାଜିକ ଅଧିକାର କ୍ଷୁଣ୍ଣ କରୁଛି। ଏଥିପାଇଁ ଖୁବ୍‌ଶୀଘ୍ର ସରକାର ସୋସିଆଲ୍ ମିଡିଆ ପଲିସି ଆଣିବାକୁ ଯାଉଛନ୍ତି। ଏନେଇ ସରକାରଙ୍କ ତରଫରୁ ଆରମ୍ଭ ହୋଇଛି ପ୍ରସ୍ତୁତି । ରାଜନୈତିକ ଦଳଙ୍କଠାରୁ ଆରମ୍ଭ କରି ସରକାରଙ୍କ ପର୍ଯ୍ୟନ୍ତ ସମସ୍ତଙ୍କ ପାଇଁ ସୋସିଆଲ ମିଡିଆ ପ୍ରମୁଖ ଅସ୍ତ୍ର ପାଲଟିଛି। ତେଣୁ ଟ୍ରେଣ୍ଡରେ ପଛରେ ଥିବା ଅଧିକାରୀ ଯୁଗ ଉପଯୋଗୀ ହୋଇ ସୋସିଆଲ ମିଡିଆ ବ୍ୟବହାର କରିବାକୁ ପରାମର୍ଶ ଦେଇଛନ୍ତି ମୁଖ୍ୟମନ୍ତ୍ରୀ।

### ଆସୁଛି ଆଉ ଏକ ଲଘୁଚାପ...

ତେବେ ଲଘୁଚାପ ସୃଷ୍ଟି ହେଲା ପରେ ଏହାର ପରବର୍ତ୍ତୀ ଗତିପଥ, ତୀବ୍ରତା ଏବଂ ଓଡ଼ିଶାର ପାଣିପାଗ ଉପରେ ସମ୍ଭାବ୍ୟ ପ୍ରଭାବ ସମ୍ପର୍କରେ ଅଧିକ ସ୍ପଷ୍ଟ ହେବ। ଲଘୁଚାପଟି ଅବପାତର ରୂପ ନେବ କିମ୍ବା ବାତ୍ୟାରେ ପରିଣତ ହେବ, ସେ ନେଇ ମଧ୍ୟ ଆକଳନ କରିବା ସମ୍ଭବ ହୋଇନାହିଁ। ଅକ୍ଟୋବର ଓ ନଭେମ୍ବରରେ ବଙ୍ଗୋପସାଗରରେ ଏଭଳି ସିଷ୍ଟମ୍ ସୃଷ୍ଟି ହେବା ସ୍ୱାଭାବିକ ପ୍ରକ୍ରିୟା। ଗୋଟିଏ ପଟେ ଲଘୁଚାପ ସୃଷ୍ଟି ଅନ୍ୟପଟେ ଓଡ଼ିଶାରୁ ଫେରୁଛି ମୌସୁମୀ । ରାଜ୍ୟରୁ ଦକ୍ଷିଣପଶ୍ଚିମ ମୌସୁମୀ ବାୟୁର ପ୍ରତ୍ୟାବର୍ତ୍ତନ ପ୍ରକ୍ରିୟା ଆରମ୍ଭ ହୋଇଛି। ବରଗଡ଼, ଝାରସୁଗୁଡ଼ା ଏବଂ ସୁନ୍ଦରଗଡ଼ ଜିଲ୍ଲାର କିଛି ଅଞ୍ଚଳରୁ ମୌସୁମୀ ଫେରିବା ଆରମ୍ଭ କରିଛି। ଆଗାମୀ ୩ରୁ ୪ ଦିନ ମଧ୍ୟରେ ପୂର୍ବ ଭାରତର ଆହୁରି କିଛି ଅଞ୍ଚଳରୁ ମୌସୁମୀ ପ୍ରତ୍ୟାବର୍ତ୍ତନ ପାଇଁ ପାଗ ଅନୁକୂଳ ରହିବାର ସମ୍ଭାବନା ରହିଛି। ମୌସୁମୀ ବିଦାୟ ପ୍ରକ୍ରିୟା ଆରମ୍ଭ ହୋଇଥିବାବେଳେ ଅନ୍ୟପଟେ ବଙ୍ଗୋପସାଗରରେ ସମ୍ଭାବ୍ୟ ଲଘୁଚାପକୁ ନେଇ ପାଣିପାଗରେ ପରିବର୍ତ୍ତନର ଆଶଙ୍କା କରାଯାଉଛି। ତେବେ ଲଘୁଚାପ ସୃଷ୍ଟି ହେବା ପରେ ଏହାର ପ୍ରଭାବରେ ଓଡ଼ିଶାରେ ବର୍ଷା ହେବ କି ନାହିଁ, ତାହା ପରବର୍ତ୍ତୀ ପାଣିପାଗ ଆକଳନରୁ ସ୍ପଷ୍ଟ ହେବ।

### ପୁଣି ଚର୍ଚ୍ଚାରେ ଓଡ଼ିଶା...

ବା ପ୍ରର୍ବର୍ତ୍ତନ ନିର୍ଦ୍ଦେଶାଳୟ। ପ୍ରଥମ ଦିନରେ ରାଜ୍ୟର ବିଭିନ୍ନ ସ୍ଥାନରେ ଚଢ଼ାଉ କରୁଛନ୍ତି ଇଡି ଅଧିକାରୀ। ଭୁବନେଶ୍ୱର, କଟକ ଏବଂ କଳାପଥର ସମେତ ରାଜ୍ୟର ୯ଟି ସ୍ଥାନରେ ଏକକାଳୀନ ଚଢ଼ାଉ କରାଯାଉଛି। ପଞ୍ଚ ସଫ୍ଟ କମ୍ପାନୀ, ସିଲିକନ ଟେକ୍ ମୁଖ୍ୟଙ୍କ ଘରେ ବି ଚାଲିଛି ଚଢ଼ାଉ। ମୁଖ୍ୟ ଅଭିଯୁକ୍ତ ମୁନା ମହାନ୍ତିଙ୍କ ବାସଭବନରେ ଅତର୍କିତ ଚଢ଼ାଉ କରିଛନ୍ତି ଉଡି ଅଧିକାରୀ। ମନି ଟ୍ରେଲ୍ ଓ କୋଟି କୋଟି ଟଙ୍କାର ଆର୍ଥିକ କାରବାରର ଚାଲିଛି ତଦନ୍ତ। ପଞ୍ଚସଫ୍ଟର ମୁଖ୍ୟ ଶଙ୍କର ପୃଷ୍ଟି ଓ ସିଲିକନ୍ ଟେକର ମାଲିକ ସଞ୍ଜୀବ ନାୟକଙ୍କ ସହ ଜଡ଼ିତ ସ୍ଥାନଗୁଡ଼ିକରେ ଇଡି ପକ୍ଷରୁ ଚଢ଼ାଉ। ସୁରେଶ ହେଉଛନ୍ତି ସିଲିକନ ଟେକ ଲ୍ୟାବ ପ୍ରାଇଭେଟ ଲିମିଟେଡ଼ର ମାଲିକ। ଫିଲ୍ମ ଷ୍ଟାଇଲରେ ସର୍ଚ୍ଚ ୱାରେଣ୍ଟ ସହ ସଞ୍ଜୀବଙ୍କ ବାସ ଭବନରେ ପଶିଛନ୍ତି ଇଡ଼ି ଅଧିକାରୀ। ଟିମରେ ସାମିଲ ଅଛନ୍ତି ବ୍ୟାଙ୍କ କର୍ମଚାରୀ, ଇଡ଼ି କୋଲକାତା ଟିମ୍‌ର ଅଫିସର, ଭୁବନେଶ୍ୱର ଇଡ଼ି ଟିମ ଅଧିକାରୀଙ୍କ ସହ ସିଆରପିଏଫ ଫୋର୍ସ। ସିବିଆଇଇର ଅଭିଯୋଗ ହେଉଛି, ସିଲିକନ୍ ଟେକଲ୍ୟାବର ନିର୍ଦ୍ଦେଶକ ସୁରେଶ ଚନ୍ଦ୍ର ନାୟକ କୋଲକାତାର ଏକ ପ୍ରିଣ୍ଟିଂ ପ୍ରେସ୍‌ରେ ପ୍ରଶ୍ନପତ୍ର ପ୍ୟାକେଟ୍ ବଦଳାଇବା ପ୍ରକ୍ରିୟାରେ ସମ୍ପୃକ୍ତ ଥିଲେ। ବୋର୍ଡର ଅଜାଣତରେ ପ୍ରଶ୍ନପତ୍ର ସେଟ୍ ବଦଳାଯାଇଥିବା ନେଇ ତଦନ୍ତକାରୀ ସଂସ୍ଥା ଅଭିଯୋଗ ଆଣିଛି। ଅନ୍ୟପଟେ ଏସ୍ଆଇ ପଦରେ ନିଯୁକ୍ତି ପାଇଁ ପୁନଃ ପରୀକ୍ଷା ବି ହୋଇପାରୁନି। ଯାହାକୁ ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି ଚାକିରି ଆଶାୟୀ। ଏବେ ପ୍ରଶ୍ନ ଉଠୁଛି କାହିଁକି ମନ୍ଥର ଗତିରେ ଚାଲିଛି ତଦନ୍ତ ? ରହିଛି କି ବହୁ ବଡ଼ବଡ଼ିଆଙ୍କ ସମ୍ପୃକ୍ତି ? କେବେ ହେବ ନୂଆ ନିଯୁକ୍ତି ?

### ଭାଙ୍ଗିଲା ଆମେରିକା ଯିବା...

ଝଡ଼ ସୃଷ୍ଟି କରିଛି । ବିଦେଶୀ କର୍ମଚାରୀଙ୍କୁ, ବିଶେଷ କରି ଏଚ୍-୧ବି ଭିସାଧାରୀଙ୍କୁ ଚୁକ୍ତିବଦ୍ଧ କ୍ରୀତଦାସ ଭାବେ ସମ୍ବୋଧନ କରିଛନ୍ତି । ଯାହା ସିଧାସଳଖ ଆଘାତ କରିଛି ଭାରତୀୟ ଚାକିରିଆଙ୍କ ସମ୍ମାନ ଉପରେ। ମାଇକ୍ରୋସଫ୍ଟ, ଇନଫୋସିସ୍, ଟିସିଏସ୍, ୱିପ୍ରୋ ଏବଂ ଏଚ୍‌ସିଏଲ୍ ଭଳି ଆଇଟି କମ୍ପାନୀଗୁଡ଼ିକ ଉପରେ 'ପର୍ମ' କାର୍ଯ୍ୟକ୍ରମ ସ୍ଥଗିତ ରଖିବା ପଦକ୍ଷେପକୁ ସମର୍ଥନ ଜଣାଇ ଭାନ୍ସ ଯେଉଁ ଯୁକ୍ତି ବାଢ଼ିଛନ୍ତି, ତାହା କେବଳ ଅବାସ୍ତବ ନୁହେଁ ବରଂ ଐତିହାସିକ ଦୃଷ୍ଟିକୋଣରୁ ଅତ୍ୟନ୍ତ ଅପମାନଜନକ । ଏହି ଆକ୍ଷେପ ବିରୋଧରେ ଭାରତ ସରକାର ଅତ୍ୟନ୍ତ କଠୋର ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ସ୍ପଷ୍ଟ ଭାବେ କହିଛି ଯେ, ଔପନିବେଶିକ ଶାସନ କାଳର କଳଙ୍କିତ ଇତିହାସ ସହିତ ଆଜିର ଉଚ୍ଚଶିକ୍ଷିତ ତଥା ଦକ୍ଷ ଭାରତୀୟଙ୍କୁ ତୁଳନା କରିବା ଠିକ୍ ନୁହେଁ ।


## BETNOTI COLLEGE OF NURSING

COLLEGE ROAD, BETNOTI, MAYURBHANJ

Approved by: Health & Family Welfare Department, Govt. of Odisha, Bhubaneswar
(Recognised by : Odisha Nursing Council, Bhubaneswar)
(Affiliated to ODISHA UNIVERSITY OF HEALTH SCIENCES, BBSR, ODISHA)

Course Offer: ADMISSION OPEN : 2026-27



**B.Sc. Nursing** (4 Years Degree Course)
Eligibility: +2 Science with Biology (Mark 45% & 40% for SC/ST Students)
100% Placement

## BETNOTI SCHOOL OF NURSING

**G.N.M.** 3 YEARS DIPLOMA COURSE
Eligibility : +2 Arts/ Science/ Commerce

**A.N.M.** 2 YEARS COURSE
(Mark 40% & 35% for SC/ST Students)
Eligibility : +2 Arts/ Science/ Commerce

(Clinical Training at D.H.H. & P.R.M. Medical College, Baripada)

FACILITIES : Most Experienced Faculties, In Campus Girl's Hostel, Canteen, well Equipped, Laboratories, Library, Smart, Class Rooms, Separate, Boy's Hostel & Free Wi-fi.

STIPEND FOR SC/ST/OBC & SEBC STUDENTS

Contact for Admission:
7008973851, 8455087373, 9861373681

ଧ୍ୱନି ପ୍ରତିଧ୍ୱନି



# ଟାଟା ପାୱାରର ବାରମ୍ବାର ଛଟେଇ ପ୍ରତିବାଦରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା

ଖୋର୍ଦ୍ଧା, ୦୯/୧୦ (ନି.ପ୍ର): ଟାଟା ପାୱାର ପକ୍ଷରୁ ବାରମ୍ବାର ଛଟେଇ ଅଭିଯୋଗ, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଠିକା କର୍ମଚାରୀଙ୍କ ଧାରଣା। ଖୋର୍ଦ୍ଧା ବିଦ୍ୟୁତ ଡିଭିଜନ ଅଧୀନରେ ଥିବା ୧୮ଟି ସେକ୍ସନରେ କାର୍ଯ୍ୟରତ ଠିକା ବିଦ୍ୟୁତ କର୍ମଚାରୀଙ୍କୁ ପ୍ରତିବର୍ଷ ଛଟେଇ କରାଯାଉଥିବା ଅଭିଯୋଗ କରି ଏହାର ପ୍ରତିବାଦରେ କର୍ମଚାରୀମାନେ ଆଜି ଖୋର୍ଦ୍ଧା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଛନ୍ତି। ଏହି ସମସ୍ୟାର ସମାଧାନ ଦାବିରେ ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିବା ପାଇଁ ସେମାନେ ଉଦ୍ୟମ କରିଛନ୍ତି। କର୍ମଚାରୀଙ୍କ ଅଭିଯୋଗ ଅନୁଯାୟୀ, ସେମାନେ ଦୀର୍ଘ ୧୫ରୁ ୨୦ ବର୍ଷ ଧରି ବିଦ୍ୟୁତ ବିଭାଗରେ ବିଭିନ୍ନ କାର୍ଯ୍ୟ କରିଆସୁଛନ୍ତି। ଏଥିରେ ଲାଇନମ୍ୟାନ୍, ମିଟର ରିଡର, ବିଲ୍ କଲେକ୍ଟର ଓ ଏମ୍ଏମ୍‌ଜି କର୍ମଚାରୀ ସାମିଲ ଅଛନ୍ତି। ଦୀର୍ଘବର୍ଷ ଧରି ବିଦ୍ୟୁତ ସେବା ସହ ଜଡ଼ିତ ରହିବା ସତ୍ତ୍ୱେ ପ୍ରତିବର୍ଷ ସେମାନଙ୍କୁ ଛଟେଇର ସମ୍ମୁଖୀନ ହେବାକୁ ପଡୁଥିବା ସେମାନେ ଅଭିଯୋଗ କରିଛନ୍ତି। ଏହି ପରିସ୍ଥିତି ଯୋଗୁଁ କର୍ମଚାରୀମାନଙ୍କ ଜୀବିକା ଓ ପରିବାରର ଆର୍ଥିକ ସ୍ଥିରତା ପ୍ରଭାବିତ ହେଉଥିବା ସେମାନଙ୍କ ମତ। ଦୀର୍ଘବର୍ଷର କାର୍ଯ୍ୟ ଅଭିଜ୍ଞତାକୁ ବିଚାରକୁ ନେଇ ଛଟେଇ ସମସ୍ୟାର ସ୍ଥାୟୀ ସମାଧାନ କରିବା ସହ କର୍ମଚାରୀଙ୍କ ନିଯୁକ୍ତି ସୁରକ୍ଷା ସୁନିଶ୍ଚିତ କରିବାକୁ ସେମାନେ ଦାବି ଜଣାଇଛନ୍ତି। ଖୋର୍ଦ୍ଧା ଜିଲ୍ଲାର ୧୮ଟି ସେକ୍ସନରେ କାର୍ଯ୍ୟରତ ଏହି କର୍ମଚାରୀମାନେ ନିଜର ନ୍ୟାୟୋଚିତ ଦାବି ପୂରଣ ପାଇଁ ଜିଲ୍ଲା ପ୍ରଶାସନର ହସ୍ତକ୍ଷେପ ଲୋଡ଼ିଛନ୍ତି। ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ ପରେ ଏହି ସମସ୍ୟାର ସମାଧାନ ଦିଗରେ ପ୍ରଶାସନ ଓ ସମ୍ପୃକ୍ତ ବିଦ୍ୟୁତ ବିତରଣ କମ୍ପାନୀ କି ପଦକ୍ଷେପ ନେଉଛନ୍ତି, ତାହା ଉପରେ କର୍ମଚାରୀମାନଙ୍କ ନଜର ରହିଛି।

# ମହାତ୍ମା ଗାନ୍ଧୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ନିଶା ନିବାରଣ, ସାଇବର ଠକେଇ ଓ ନାବାଳିକା ଯୌନ ନିର୍ଯାତନା ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ




ବୈଶିଙ୍ଗା, ୦୯/୧୦ (ନି.ପ୍ର): ମହାତ୍ମା ଗାନ୍ଧୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ନିଶା ନିବାରଣ, ସାଇବର ଠକେଇ ଏବଂ ନାବାଳିକାଙ୍କ ପ୍ରତି ଯୌନ ନିର୍ଯାତନା ଭଳି ସମ୍ବେଦନଶୀଳ ବିଷୟକୁ ନେଇ ବୈଶିଙ୍ଗା ଥାନା ପକ୍ଷରୁ ଏକ ସଚେତନତା ଓ ଆଲୋଚନାଚକ୍ର ଆୟୋଜିତ ହୋଇଯାଇଛି। ଏଥିରେ ବୈଶିଙ୍ଗା ଥାନାର ଆଇଆଇସି ଶ୍ରୀଯୁକ୍ତ ବାବା ଶଙ୍କର ସରାଫ ଙ୍କ ସମେତ ପୁଲିସ ଟିମ୍, ବିଦ୍ୟାଳୟର ଅଧକ୍ଷ, ଛାତ୍ରଛାତ୍ରୀ ଏବଂ ଅଧ୍ୟାପକ-ଅଧ୍ୟାପିକାମାନେ ଯୋଗ ଦେଇଥିଲେ। ଏହି ଅବସରରେ ଆଇଆଇସି ତାଙ୍କ ବକ୍ତବ୍ୟରେ ଛାତ୍ରଛାତ୍ରୀମାନଙ୍କୁ ଜଣେ ଭଲ ମଣିଷ ହେବା ସହ ଉତ୍ତମ ଚରିତ୍ର ଗଠନ, ଶୃଙ୍ଖଳା, ନୈତିକ ମୂଲ୍ୟବୋଧ ଓ ସାମାଜିକ ଦାୟିତ୍ୱବୋଧକୁ ଜୀବନରେ ଗୁରୁତ୍ୱ ଦେବାକୁ ପରାମର୍ଶ ଦେଇଥିଲେ। ନିଶା ସେବନ ଯୁବପିଢ଼ିର ଭବିଷ୍ୟତକୁ କିପରି ପ୍ରଭାବିତ କରେ, ସେ ସମ୍ପର୍କରେ ସଚେତନ କରାଇବା ସହ ସାଇବର ଠକେଇରୁ ରକ୍ଷା ପାଇବା ପାଇଁ ଅଜଣା ଲିଙ୍କ୍‌ରେ କ୍ଲିକ୍ ନ କରିବା, ନିଜର ଗୁପ୍ତ ତଥ୍ୟ, ଓଟିପି ଓ ବ୍ୟାଙ୍କ ସମ୍ବନ୍ଧୀୟ ସୂଚନା ଅନ୍ୟ କାହାକୁ ନ ଦେବା ଭଳି ସତର୍କତାମୂଳକ ପରାମର୍ଶ ଦିଆଯାଇଥିଲା। ସେହିପରି ନାବାଳିକାଙ୍କ ପ୍ରତି ଯୌନ ନିର୍ଯାତନା ଏକ ଗୁରୁତର ଅପରାଧ ବୋଲି ଉଲ୍ଲେଖ କରି ପିଲାମାନଙ୍କ ସୁରକ୍ଷା, ସଚେତନତା ଏବଂ ଏପରି ଘଟଣା ଘଟିଲେ ଭୟ ନ କରି ଅଭିଭାବକ, ଶିକ୍ଷକ କିମ୍ବା ପୁଲିସଙ୍କର ସହାୟତା ନେବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ପିଲାମାନଙ୍କ ସମସ୍ୟାକୁ ଅନୁଭବକରି ନାଇଟ ପେଟ୍ରୋଲିଙ୍ଗ ର ବ୍ୟବସ୍ଥା କଡା କଡ଼ି କରି କ୍ୟାମ୍ପସ ପଡିଆ ମଧ୍ୟରେ ମଦ୍ୟପ ତଥା ଅସାମାଜିକ ବ୍ୟକ୍ତିଙ୍କ ଅନାଧିକାର ପ୍ରବେଶକୁ ପ୍ରତିରୋଧ କରିବାର ପ୍ରତିଶ୍ରୁତି ଦେଇଥିଲେ। ଅଧକ୍ଷ ଶ୍ରୀ ବୀରେନ୍ଦ୍ର କୁମାର ବେହେରା ଥାନା ଅଧିକାରୀଙ୍କ ଏପରି ମହତ ଉଦ୍ୟମକୁ ପ୍ରଶଂସା କରିଥିଲେ।

# ଛାତ୍ର ସଂସଦ ନିର୍ବାଚନକୁ ନେଇ ବାଲିଆପାଳରେ ରାଜନୈତିକ ଉଷ୍ମତା

## ତ୍ରିମୁଖୀ ଲଢ଼େଇର ସମ୍ଭାବନା; ପ୍ରାର୍ଥୀ ଚୟନ ପାଇଁ ଛାତ୍ର ନେତାଙ୍କ ତତ୍ପରତା, କ୍ୟାମ୍ପସରେ ବଢୁଛି ଉତ୍ସାହ



ବାଲିଆପାଳ , ୦୯/୧୦ (ନି.ପ୍ର): ଛାତ୍ର ସଂସଦ ନିର୍ବାଚନକୁ ନେଇ ବାଲିଆପାଳ ବ୍ଲକରେ ଏବେଠାରୁ ରାଜନୈତିକ ଉଷ୍ମତା ବଢ଼ିବାରେ ଲାଗିଛି। ବ୍ଲକର ଦୁଇ ପ୍ରମୁଖ ମହାବିଦ୍ୟାଳୟ—ସୁବର୍ଣ୍ଣରେଖା ମହାବିଦ୍ୟାଳୟ, ଦେଭୋଗ ଏବଂ କୃଷ୍ଣଚନ୍ଦ୍ର ପିପିଲି ମହାବିଦ୍ୟାଳୟ, ଜଗାଇରେ ଛାତ୍ର ସଂସଦ ନିର୍ବାଚନ ହେବାକୁ ଥିବାରୁ ଛାତ୍ରଛାତ୍ରୀଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ଦେଖାଦେଇଛି। ନିର୍ବାଚନକୁ ନେଇ ଉଭୟ କଲେଜ କ୍ୟାମ୍ପସ ଧୀରେ ଧୀରେ ସରଗରମ ହେବାରେ ଲାଗିଛି। ଚଳିତ ଥର ନିର୍ବାଚନରେ ତ୍ରିମୁଖୀ ପ୍ରତିଦ୍ୱନ୍ଦ୍ୱିତାର ସମ୍ଭାବନା ଥିବା ଜଣାପଡ଼ିଛି। ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି), ବିଜୁ ଛାତ୍ର ଜନତା ଦଳ (ବିଜେଡି ସମର୍ଥିତ) ଏବଂ କଂଗ୍ରେସ ସମର୍ଥିତ ସ୍ୱାଧୀନ ଛାତ୍ର ସଂଗଠନ ମଧ୍ୟରେ ମୁକାବିଲା ହେବାନେଇ ଚର୍ଚ୍ଚା ଜୋର ଧରିଛି। ନିଜ ନିଜ ସଂଗଠନ ପକ୍ଷରୁ ଯୋଗ୍ୟ ପ୍ରାର୍ଥୀ ଚୟନ କରିବା ପାଇଁ ଛାତ୍ର ନେତାମାନେ ଜୋରସୋରରେ ଲବି ଆରମ୍ଭ କରିଦେଇଛନ୍ତି। ସୁବର୍ଣ୍ଣରେଖା ମହାବିଦ୍ୟାଳୟର ଛାତ୍ର ରାଜନୀତିକୁ ଦେଖିଲେ, ୨୦୧୭ ପୂର୍ବରୁ ମୁଖ୍ୟତଃ ବିଜୁ ଛାତ୍ର ଜନତା ଦଳ ଏବଂ ସ୍ୱାଧୀନ ଛାତ୍ର ସେବା ସଂଗଠନ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହୋଇଆସୁଥିଲା। ତେବେ ଅଧିକାଂଶ ସମୟରେ ସ୍ୱାଧୀନ ଛାତ୍ର ସେବା ସଂଗଠନର ପ୍ରଭାବ ଅଧିକ ରହିଥିବା ଦେଖାଯାଇଥିଲା। କିନ୍ତୁ ଚଳିତ ନିର୍ବାଚନରେ ଏବିଭିପି ପୂର୍ବ ନିର୍ବାଚନ ତୁଳନାରେ ଅଧିକ ସକ୍ରିୟ ହୋଇଥିବାରୁ ନିର୍ବାଚନୀ ସମୀକରଣ ରୋଚକ ହେବାର ଆଶା କରାଯାଉଛି। ଛାତ୍ର ରାଜନୀତିରେ ରାଜନୈତିକ ଦଳଗୁଡ଼ିକ ସିଧାସଳଖ ଭାବେ ମଇଦାନକୁ ଓହ୍ଲାଇ ନଥିଲେ ମଧ୍ୟ ବିଭିନ୍ନ ଛାତ୍ର ସଂଗଠନ ପଛରେ ଶାସକ ଓ ବିରୋଧୀ ଦଳର ପରୋକ୍ଷ ସମର୍ଥନ ରହିଥିବା ନେଇ ଚର୍ଚ୍ଚା ହେଉଛି। ଏବିଭିପି ମାଧ୍ୟମରେ ଶାସକ ବିଜେପି ନିଜର ସମ୍ମାନ ରକ୍ଷା କରିବାକୁ ଉଦ୍ୟମ କରୁଥିବାବେଳେ, କଂଗ୍ରେସ ମଧ୍ୟ ନିଜର ପୂର୍ବ ସଫଳତା ବଜାୟ ରଖିବା ଲକ୍ଷ୍ୟରେ ରହିଛି। ବାଲିଆପାଳ ବ୍ଲକର ପଞ୍ଚାୟତ ସମିତି କଂଗ୍ରେସ ଦଖଲରେ ଥିବାରୁ ଏହାର ପ୍ରଭାବ ଛାତ୍ର ରାଜନୀତିରେ କେତେଦୂର ପଡ଼ିବ, ତାହାକୁ ନେଇ ମଧ୍ୟ ଚର୍ଚ୍ଚା ଆରମ୍ଭ ହୋଇଛି। ପୂର୍ବ ସଫଳତା ବଜାୟ ରଖିବା ପାଇଁ କଂଗ୍ରେସ ସମର୍ଥିତ ଛାତ୍ର ନେତାମାନେ ଆଶାବାଦୀ ଥିବାବେଳେ ବିଜେଡି ମଧ୍ୟ ନିଜର ସ୍ଥିତି ମଜବୁତ କରିବା ପାଇଁ ରଣନୀତି ପ୍ରସ୍ତୁତ କରୁଥିବା ଚର୍ଚ୍ଚା ହେଉଛି।ତେବେ ସମସ୍ତ ରାଜନୈତିକ ସମୀକରଣକୁ ପଛରେ ପକାଇ ଶେଷରେ ଛାତ୍ରଛାତ୍ରୀ କାହା ସପକ୍ଷରେ ନିଜର ମତ ରଖୁଛନ୍ତି, ତାହା ହିଁ ନିର୍ବାଚନ ଫଳାଫଳ ନିର୍ଣ୍ଣୟ କରିବ। ଏଥିପାଇଁ ନିର୍ବାଚନ ଘୋଷଣା ପୂର୍ବରୁହିଁ ବାଲିଆପାଳର ଦୁଇ କଲେଜରେ ଆରମ୍ଭ ହୋଇଛି ରାଜନୈତିକ ଅଙ୍କକଷା। କିଏ ପ୍ରାର୍ଥୀ ହେବ, କାହାର ପଲା ଭାରି ରହିବ ଏବଂ ଛାତ୍ର ସମାଜ କାହାକୁ ବାଛିବ ଏସବୁକୁ ନେଇ ଏବେଠାରୁ ଚର୍ଚ୍ଚା ଜୋର ଧରିଛି।

# ଛାତ୍ର ସଂସଦ ନିର୍ବାଚନର ନାମାଙ୍କନ ଦାଖଲ କଲେ ପ୍ରାର୍ଥି




ଲଙ୍ଗଳେଶ୍ୱର , ୦୯/୧୦ (ନି.ପ୍ର): ଛାତ୍ର ସଂସଦ ନିର୍ବାଚନ ତାରିଖ ଘୋଷଣା ହେବା ପରେ ଛାତ୍ର ଛାତ୍ରୀ ଙ୍କ ମଧ୍ଯ ରେ ନିର୍ବାଚନ କୁ ନେଇ ଉତ୍ସାହ ଦେଖା ଦେଇଛି, ଆଜି ନାମାଙ୍କନ ପତ୍ର ଦାଖଲ କାର୍ଯ୍ଯକ୍ରମ ଥିବା ରୁ ସରଗରମ ହୋଇ ଉଠିଛି କଲେଜ କ୍ୟାମ୍ପସ, ବିଭିନ୍ନ ଛାତ୍ର ସଙ୍ଗଠନ ର ପ୍ରାର୍ଥି ମାନେ ଶୋଭାଯାତ୍ରା କରି ଶକ୍ତି ପ୍ରଦର୍ଶନ କରିଛନ୍ତି, ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଜାମଶୂଳୀ ସ୍ଥିତ ଲକ୍ଷ୍ମୀନାରାୟଣ ମହାବିଦ୍ୟାଳୟ ର ଛାତ୍ର ଛାତ୍ରୀ ମାନଙ୍କ ମଧ୍ଯ ରେ ପ୍ରବଳ ଉତ୍ସାହ ଦେଖା ଦେଇଛି, ବି ସି ଜେ ଡି ତରଫରୁ ବିଭାସ ନାୟକ ନାମାଙ୍କନ ପତ୍ର ଦାଖଲ କରିଛନ୍ତି, ଏବି ଭି ପି ତରଫରୁ ସୁଚିତ୍ରା ଦାସ ନାମାଙ୍କନ ପତ୍ର ଦାଖଲ କରିଥିବା ବେଳେ ଏନ ଏସ ୟୁ ଆଇ ତରଫରୁ ସପନ ଭଦ୍ର ନାମାଙ୍କନ ପତ୍ର ଦାଖଲ କରିଛନ୍ତି, ଶାନ୍ତି ଶୃଙ୍ଖଳା ପାଇଁ ସିଂଲା ଥାନା ଭାରପ୍ରାପ୍ତ ଅଧିକାରୀ ସୁଚନ୍ଦ୍ର ମହାଳିକ ଏସ ଆଇ ତପନ କୁମାର ଜେନାଙ୍କ ସମେତ ବ୍ଯାପକ ପୋଲିସ ମୁତୟନ କରା ଯାଇଛି, ଏଥିରେ ଲକ୍ଷ୍ମୀନାରାୟଣ ମହାବିଦ୍ୟାଳୟର ଅଧକ୍ଷ ଦ୍ୱିବେନ୍ଦୁ ଗିରି ପ୍ରମୁଖ ତତ୍ତ୍ୱାବଧାନ ନେଇଥିଲେ ।

# ‘ମନା’ର ସଚେତନତା କାର୍ଯ୍ୟକ୍ରମକୁ ଅଧିକ ତ୍ୱରାନ୍ୱିତ କରିବା ପାଇଁ ନିଷ୍ପତ୍ତି




ବାଲେଶ୍ୱର, ୦୯/୧୦ (ନି.ପ୍ର): ମିଳିତ ନିଶା ନିବାରଣ ଅଭିଯାନ (ମନା)ର ଦଶମ ମାସିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସଂଗଠନର ସଭାପତି ବରିଷ୍ଠ ଆଇନଜୀବୀ ପ୍ରଭାକର ସାହୁ ଏଥିରେ ଅଧକ୍ଷତା କରିଥିଲେ। ଉପସଭାପତି ଡ. କ୍ଷିତୀଶ୍ୱର ଦାଶ ଗତ ନବମ ମାସିକ ବୈଠକର ବିବରଣୀ ପାଠ କରିବା ପରେ ସର୍ବସମ୍ମତିକ୍ରମେ ତାହା ଅନୁମୋଦିତ ହୋଇଥିଲା। ଅନୁଷ୍ଠାନର ଉପଦେଷ୍ଟା ସୁବ୍ରତ କର ସଚେତନତା କାର୍ଯ୍ୟକ୍ରମକୁ ଅଧିକ ତ୍ୱରାନ୍ୱିତ କରିବା ପାଇଁ ପରାମର୍ଶ ଦେଇଥିଲେ। ଆଗାମୀ ଦିନରେ ସହରର ବିଦ୍ୟାଳୟ ଓ ମହାବିଦ୍ୟାଳୟ ସହିତ ରେମୁଣା ବ୍ଲକ୍‌ର ଶିକ୍ଷାନୁଷ୍ଠାନ ମାନଙ୍କରେ ଉକ୍ତ କାର୍ଯ୍ୟକ୍ରମକୁ ଆଗେଇନେବାପାଇଁ ବୈଠକରେ ନିଷ୍ପତ୍ତି ନିଆଗଲା। ଉକ୍ତ ବୈଠକରେ ଡ. ଲକ୍ଷ୍ମଣ ଚରଣ ବିଶ୍ୱାଳ, ସଞ୍ଜୟ କୁମାର ପଣ୍ଡା, ରବିନାରାୟଣ ଭୋଳ, ବୀରେନ୍ଦ୍ର ନାରାୟଣ ପ୍ରହରାଜ, ଶଚୀନ୍ଦ୍ର କୁମାର ଦାସ, ସୀତାରାମ ପ୍ରଧାନ, ବସନ୍ତ କୁମାର ପ୍ରଧାନ, କ୍ରିଷ୍ଣା ଶାହା ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଶେଷରେ ପ୍ରଭାକର ସାହୁ (ଖ) ଧନ୍ୟବାଦ ଦେଇଥିଲେ।

## ସୁନା ମୂଲ୍ୟ ସାମାନ୍ୟ ହ୍ରାସ: ରୂପା ମୂଲ୍ୟ ଅପରିବର୍ତ୍ତିତ

ନୂଆଦିଲ୍ଲୀ,୦୯/୧୦ : ଆଜି ସୁନା ବଜାରରେ ପ୍ରାରମ୍ଭିକ କାରବାରରେ ସୁନା ମୂଲ୍ୟ ସାମାନ୍ୟ ହ୍ରାସ ପାଇଛି। ଲଗାତାର ତୃତୀୟ ଦିନ ପାଇଁ ରୂପା ମୂଲ୍ୟ ଅପରିବର୍ତ୍ତିତ ରହିଛି। ଦୁର୍ବଳ ହେଉଥିବା ମୂଲ୍ୟ ଯୋଗୁଁ, ଦେଶର ଅଧିକାଂଶ ସୁନା ବଜାରରେ ୨୪ କ୍ୟାରେଟ୍ ସୁନା ୧,୪୯,୫୩୦ ଏବଂ ୧,୪୯,୬୮୦ ପ୍ରତି ୧୦ ଗ୍ରାମ ମଧ୍ୟରେ କାରବାର ହେଉଛି। ସେହିପରି, ୨୨ କ୍ୟାରେଟ୍ ସୁନା ୧,୩୭,୦୮୦ ଏବଂ ୧,୩୭,୨୩୦ ପ୍ରତି ୧୦ ଗ୍ରାମ ମଧ୍ୟରେ ବିକ୍ରି ହେଉଛି। ରୂପା ମୂଲ୍ୟ ଅପରିବର୍ତ୍ତିତ ରହିଛି, ଯାହା ଦିଲ୍ଲୀ ସୁନା ବଜାରରେ ଚମକଦାର ଧାତୁକୁ ୨,୩୪,୯୦୦ ପ୍ରତି କିଲୋଗ୍ରାମ ସ୍ତରରେ ବିକ୍ରି ହେଉଛି।

# ଆଦାନୀ ପୋର୍ଟ ଭ୍ରମଣ କଲେ ଛାତ୍ର ଛାତ୍ରୀ




ବାସୁଦେବପୁର, ୦୯/୧୦ (ନି.ପ୍ର): ବାସୁଦେବପୁର ବ୍ଲକ ଅନ୍ତର୍ଗତ ଲକ୍ଷ୍ମୀଦାସପୁର ପଞ୍ଚାୟତର ଶଶଧର କ୍ଷୀରୋଦ ମଣି ଉଚ୍ଚ ବିଦ୍ୟାଳୟର ଛାତ୍ର ଛାତ୍ରୀ ମାନେ ଧାମରା ଆଦାନୀ ପୋର୍ଟ ଭ୍ରମଣ କରିଛନ୍ତି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନାରାୟଣ ଲେଙ୍କାଙ୍କ ନିର୍ଦ୍ଦେଶରେ ଧାମରା ଆଦାନୀ ପୋର୍ଟ କୁ ଯାଇ ଛାତ୍ର ଛାତ୍ରୀ ମାନେ ଅନେକ ଗୁରୁତ୍ୱ ପୂର୍ଣ୍ଣ ପ୍ରଦର୍ଶନୀ ବୁଲି ଦେଖିଛନ୍ତି। ବିଦ୍ୟାଳୟର ଶିକ୍ଷକ ଭରତ ଚନ୍ଦ୍ର ମଲିକ୍,ଶିକ୍ଷୟତ୍ରୀ ବାସନ୍ତୀ ଲତା ପଣ୍ଡା, ବର୍ଷା ରାଣୀ ମଲିକ୍ ପ୍ରମୁଖ ଆଦାନୀ ପୋର୍ଟ କୁ ଯାଇ ଛାତ୍ର ଛାତ୍ରୀ ମାନଙ୍କ ସହିତ ଭ୍ରମଣ କରିଥିଲେ। ଆଦାନୀ ପୋର୍ଟ,ହସ୍ପିଟାଲ, ବିଜ୍ଞାନ ପ୍ରଦର୍ଶନୀ କେନ୍ଦ୍ର, ଜାହାଜ ଅବତରଣ କେନ୍ଦ୍ର ପ୍ରଭୃତି ଛାତ୍ର ଛାତ୍ରୀ ମାନେ ବୁଲି ଦେଖିଛନ୍ତି। ଖୁବ୍ ସୁନ୍ଦର ଓ ଶିକ୍ଷଣୀୟ ପରିବେଶ ମଧ୍ୟରେ ଶିକ୍ଷକ ଶିକ୍ଷୟତ୍ରୀ ଓ ଛାତ୍ର ଛାତ୍ରୀ ମାନେ ବିଭିନ୍ନ ପ୍ରକଳ୍ପ ଓ ବିଜ୍ଞାନ ଭିତ୍ତିକ ପ୍ରଦର୍ଶନୀ ବୁଲି ଅନେକ ଜ୍ଞାନ ଅର୍ଜନ କରି ଥିବାରୁ ଧାମରା ଆଦାନୀ ପୋର୍ଟ ନିର୍ଦ୍ଦେଶକ ଓ ଅଫିସିଆଲ୍ ଷ୍ଟାଫ୍ ଙ୍କୁ ଅନେକ ଅନେକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି।

# ପୌର ଏବଂ ପଞ୍ଚାୟତ ନିର୍ବାଚନ ୨୦୨୭ ପାଇଁ ଜିଲ୍ଲାସ୍ତରୀୟ ଘରକୁ ଘର ସର୍ଭେକ୍ଷଣ ପ୍ରଶିକ୍ଷଣ ଶିବିର



ବାଲେଶ୍ୱର, ୦୯/୧୦ (ନି.ପ୍ର): ୨୦୨୭ ରେ ହେବାକୁ ଥିବା ପୌର ଏବଂ ପଞ୍ଚାୟତିରାଜ ନିର୍ବାଚନ ପାଇଁ ଏକ ସ୍ୱଚ୍ଛ, ଅଦ୍ୟତନ ଏବଂ ନାଗରିକ କୈନ୍ଦ୍ରିକ ଭୋଟର ତାଲିକା ପ୍ରସ୍ତୁତି ପାଇଁ ଘରକୁ ଘର ବୁଲି ସର୍ବେକ୍ଷଣ ନିମନ୍ତେ ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆଜି ଜିଲ୍ଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ପୂର୍ବାହ୍ନ ଘ୧୦.୩୦ ମିନିଟରେ ଅନୁଷ୍ଠିତ ହୋଇଯାଇଛି ଓ ଏହି ପ୍ରଶିକ୍ଷଣ କାର୍ଯକ୍ରମକୁ ଅତିରିକ୍ତ କାର୍ଯ୍ୟ ନିର୍ବାହୀ ଅଧିକାରିଣୀ ଡ. ମଧୁସ୍ମିତା ସାମନ୍ତରାୟଙ୍କ ଅଧକ୍ଷତାରେ ଆରମ୍ଭ ହୋଇଯାଇଛି ଓ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ କାର୍ଯ୍ୟ ନିର୍ବାହୀ ଅଧିକାରୀ, ବାଲେଶ୍ୱର ପୌରପାଳିକା ଶ୍ରୀଯୁକ୍ତ ଶୁଭ୍ର ସିରିୟଲ ପଟେଲ, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ନୀଳଗିରି ଶ୍ରୀଯୁକ୍ତ ବିକ୍ରମ କିଶୋର ପରିଡା, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଖଇରା ଶ୍ରୀଯୁକ୍ତ ନାରାୟଣ ସାହୁ, ଡେପୁଟି ଜିଲ୍ଲାପାଳ ଡ. ପ୍ରବୋଧ କୁମାର ମଲ୍ଲିକ, ଜିଲ୍ଲା ପଞ୍ଚାୟତ ଅଧିକାରୀ ଶ୍ରୀଯୁକ୍ତ ଦେବାନନ୍ଦ ବେହେରା, ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, କାର୍ଯ୍ୟ ନିର୍ବାହୀ ଅଧିକାରୀ ଏବଂ ଅନ୍ୟାନ୍ୟ ଅଧିକାରୀଗଣ ଉପସ୍ଥିତ ଥିଲେ ଓ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ବ୍ଲକ ସ୍ତରରେ ଅକ୍ଟୋବର ୧୬ ପର୍ଯ୍ୟନ୍ତ ଚାଲିବ ଏବଂ ଅକ୍ଟୋବର ୨୪ ରୁ ନଭେମ୍ବର ୦୭ ପର୍ଯ୍ୟନ୍ତ ବିଏଲଓ ମାନେ ଘରକୁ ଘର ବୁଲି ଭୋଟର ତାଲିକା ପ୍ରସ୍ତୁତ କରିବେ ଓ ଆଗାମୀ ୨୦୨୭ ପୌର ଏବଂ ପଞ୍ଚାୟତ ନିର୍ବାଚନ ପୂର୍ବରୁ ଏହି ତାଲିକା ପ୍ରସ୍ତୁତ ହେବ ଓ ଏକ ସ୍ୱଚ୍ଛ ନିର୍ବାଚନ କରିବା ଉଦ୍ଦେଶ୍ୟରେ ଏହି ଭୋଟର ତାଲିକା ପ୍ରସ୍ତୁତି ହେବ। ଏହି କାର୍ଯକ୍ରମକୁ ଜିଲ୍ଲା ପଞ୍ଚାୟତ ଅଧିକାରୀ ଶ୍ରୀଯୁକ୍ତ ଦେବାନନ୍ଦ ବେହେରା ପରିଚାଳନା କରିଥିବା ବେଳେ କାର୍ଯ୍ୟ ନିର୍ବାହୀ ଅଧିକାରୀ, ବାଲେଶ୍ୱର ପୌରପାଳିକା ଶ୍ରୀଯୁକ୍ତ ଶୁଭ୍ର ସିରିୟଲ ପଟେଲ ଧନ୍ୟବାଦ ଅର୍ପଣ କରିଥିଲ।

# ଓୟୁଜେ ପାଳିଲା ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଜୟନ୍ତୀ




ବାଲେଶ୍ୱର, ୦୯/୧୦ (ନି.ପ୍ର): ଓଡ଼ିଶା ସାମ୍ବାଦିକ ୟୁନିଅନ ବାଲେଶ୍ୱର ଜିଲ୍ଲା ଶାଖା ପକ୍ଷରୁ ଆଜି ଅତ୍ୟନ୍ତ ଭାବପୂର୍ଣ୍ଣ ପରିବେଶରେ ପୁଣ୍ୟାତ୍ମା ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ ଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ସହର ସ୍ଥିତ ଗୋପବନ୍ଧୁ ପାର୍କ ପରିସରରେ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତୀରେ ସାମୂହିକ ମାଲ୍ୟାର୍ପଣ କରାଯାଇ ଉତ୍କଳମଣି ଗୋପବନ୍ଧୁଙ୍କ ଜୀବନୀ ଓ କାର୍ଯ୍ୟଧାରା ଉପରେ ବକ୍ତାମାନେ ମତବ୍ୟକ୍ତ କରିଥିଲେ। ଉତ୍କଳମଣି ଗୋପବନ୍ଧୁ ଦାସ ଏକାଧାରରେ ଜଣେ ସ୍ୱାଧିନତା ସଂଗ୍ରାମୀ,ଦେଶ ପ୍ରେମୀ, ସମାଜସେବୀ, ଶିକ୍ଷାବିତ, ସାହିତ୍ୟିକ ଓ ସାମ୍ବାଦିକ ଥିଲେ।ଗୋପବନ୍ଧୁ ଙ୍କ ସରଳ ଓ ନିରାଡମ୍ବର ଜୀବନ ଶୈଳୀ, ଦୁଃଖୀ ଦରିଦ୍ର ଜନତାର ସେବା ,ତ୍ୟାଗ ଓ ଆଦର୍ଶ ରେ ଯୁବ ସମାଜ ସର୍ବଦା ଅନୁପ୍ରାଣୀତ ହେବା ର ଆବଶ୍ୟକତା ରହିଛି ବୋଲି ବକ୍ତା ମାନେ କହିଥିଲେ। ତାଙ୍କ ଦ୍ୱାରା ପ୍ରତିଷ୍ଠିତ ସମାଜ ଖବର କାଗଜ ସଧାରଣ ଜନତାଙ୍କ ସ୍ୱରକୁ ପ୍ରତିଫଳିତ କରୁଥିବାରୁ ସାମଜରେ ଲୋକଙ୍କ ସମସ୍ୟା ରେ ଅନେକ ସୁଧାର ଆଣିବାକୁ ସରକାର ବହୁବିଧ ପଦକ୍ଷେପ ନେଉଛନ୍ତି। ସାମ୍ବାଦିକ ହିସାବରେ ଆମେ ଜଣେ ଜଣେ ସଚେତନ ନାଗରିକ ହୋଇଥିବାରୁ ଗୋପବନ୍ଧୁ ଙ୍କ ଜୀବନୀ ଆମର ଆଦର୍ଶ ହେବା ଆବଶ୍ୟକ ବୋଲି ବହୁ ସଦସ୍ୟ ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମ ରେ ୟୁନିଅନର ସଭାପତି ଗଙ୍ଗାଧର ରାଉତ, ବରିଷ୍ଠ ସଦସ୍ୟ ଅଜିତ କୁମାର ମହାନ୍ତି, ମଧୁସୁଦନ ଦାସ , ଲକ୍ଷ୍ମୀ ନାରାୟଣ ଦାସ, ସୋମନାଥ ସାହୁ,ବରିଷ୍ଠ ଆଇନ ଜିବୀ ଭୁବନାନନ୍ଦ ଦାସ, ଯଶୋଦାନନ୍ଦନ ଆଶ,ସମାଜ ସେବୀ ଲାବଣ୍ୟନିଧି ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ଭଦ୍ରକ ସହରରେ ଦୁର୍ଗାପୂଜା-୨୦୨୬ ଆୟୋଜନ ନେଇ ପ୍ରସ୍ତୁତି ବୈଠକ ଅନୁଷ୍ଠିତ

ଭଦ୍ରକ, ୦୯/୧୦ (ନି.ପ୍ର): ଭଦ୍ରକ ସହରରେ ଦୁର୍ଗାପୂଜା-୨୦୨୬କୁ ଶାନ୍ତିଶୃଙ୍ଖଳା, ସୁରକ୍ଷା ଓ ସୁବ୍ୟବସ୍ଥିତ ଭାବେ ଆୟୋଜନ କରିବା ନିମନ୍ତେ ଆଜି ସଭାବନା ସଭାଗୃହ, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଭଦ୍ରକ ଠାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ରବି ନାରାୟଣ ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଶ୍ରୀ ଅଂଶୁମାନ ଦ୍ୱିବେଦୀ, ଉପ-ଜିଲ୍ଲାପାଳ ଶ୍ରୀ ସୌରଭ ଚକ୍ରବର୍ତ୍ତୀ, ଡେପୁଟି କଲେକ୍ଟର ଶ୍ରୀ କାର୍ତ୍ତିକ ନାଥ ମଣ୍ଡଳ ପ୍ରମୁଖ ଉପସ୍ଥିତ ଥିଲେ। ବୈଠକରେ ପୂଜା ସମୟରେ ଆଇନଶୃଙ୍ଖଳା ରକ୍ଷା, ଟ୍ରାଫିକ୍ ନିୟନ୍ତ୍ରଣ, ପରିମଳ ଓ ସ୍ୱଚ୍ଛତା ବ୍ୟବସ୍ଥା, ସିସିଟିଭି ନିରୀକ୍ଷଣ, ବିଦ୍ୟୁତ୍ ଯୋଗାଣ, ଆମ୍ବୁଲାନ୍ସ ଓ ମେଡିକାଲ ଟିମ୍ ପ୍ରସ୍ତୁତି, ଅବକାରୀ ବିଭାଗ ଦ୍ୱାରା ଅବୈଧ ମଦ କାରବାର ଉପରେ ସ୍ୱତନ୍ତ୍ର ଚଢ଼ାଉ, ଶବ୍ଦ ପ୍ରଦୂଷଣ ନିୟମ ପାଳନ, ପୂଜା ସାମଗ୍ରୀକୁ ନିର୍ଦ୍ଧାରିତ ସ୍ଥାନରେ ବିସର୍ଜନ ଏବଂ ଜନସାଧାରଣଙ୍କ ସୁବିଧାକୁ ଗୁରୁତ୍ୱ ଦେଇ ବିଭିନ୍ନ ପଦକ୍ଷେପ ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା। ପ୍ରଶାସନ, ପୋଲିସ ଓ ସମ୍ପୃକ୍ତ ବିଭାଗଗୁଡ଼ିକର ମିଳିତ ସହଯୋଗରେ ଦୁର୍ଗାପୂଜାକୁ ଶାନ୍ତିପୂର୍ଣ୍ଣ, ସୁରକ୍ଷିତ ଓ ସୁବ୍ୟବସ୍ଥିତ ଭାବେ ପାଳନ କରିବା ନିମନ୍ତେ ସମସ୍ତ ପୂଜା କମିଟିକୁ ଅନୁରୋଧ କରାଯାଇଥିଲା। ଉକ୍ତ ବୈଠକରେ ସମସ୍ତ ପୂଜା କମିଟିର ସଭାପତି ତଥା ସମ୍ପାଦକ, ସମସ୍ତ ବିଭାଗୀୟ ଅଧିକାରୀ, ବିଶ୍ୱ ହିନ୍ଦୁ ପରିଷଦର ଶ୍ରୀ ବିଦ୍ୟାଧର ସାହୁ ଓ ମୁସଲିମ ଜମାତରୁ ଜନାବ ଅବଦୁଲ ମୋକିମ୍ ପ୍ରମୁଖ ଉପସ୍ଥିତ ରହିଥିଲେ।

❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704
❒ Editor: Sairindhree Sahoo
❒ Managing & Executive Editor : Srustidhar Parida